Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 255
Saturday, 22 November 2025
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୨୨ ନଭେମ୍ବର, ୨୦୨୫
ପୃଷ୍ଠା:୮ , ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ରାଜ୍ୟ କ୍ୟାବିନେଟ୍‌ରେ ୧୨ ପ୍ରସ୍ତାବ ଉପରେ ମୋହର

ଭୁବନେଶ୍ୱର, ୨୧/୧୧ (ଆ.ପ୍ର) :ପୁଲିସ ଓ ଅନ୍ୟାନ୍ୟ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗ ଆସିବା ପରେ ରାଜ୍ୟ ସରକାର 'ଓଡ଼ିଶା ୟୁନିଫର୍ମଡ୍ ସର୍ଭିସ ଷ୍ଟାଫ ସିଲେକ୍ସନ କମିଶନ' ବା ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସଏସସି) ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ଆୟୋଗ ଗଠନ ସମ୍ପର୍କରେ ଗତ ଅକ୍ଟୋବର ୨୨ତାରିଖରେ ସୂଚନା ଦେଇଥିଲେ । ଆଜି ରାଜ୍ୟ କ୍ୟାବିନେଟ୍ ଏହି ଆୟୋଗ ଗଠନକୁ ମଞ୍ଜୁରୀ ଦେଇଛନ୍ତି । ଏସସିଏସଟି ପିଲାମାନଙ୍କ ଛାତ୍ରବୃତି ବୃଦ୍ଧି,ଶିଳ୍ପାୟନକୁ ପ୍ରୋତ୍ସାହନ ଓ ଖଣିଜ ସଂପଦର ସୁରକ୍ଷା ସମେତ ୯ଟି ବିଭାଗର ମୋଟ ୧୨ଟି ପ୍ରସ୍ତାବକୁ ମଧ୍ୟ ଆଜି ରାଜ୍ୟ କ୍ୟାବିନେଟର ଅନୁମୋଦନ ମିଳିଛି । ରାଜ୍ୟରେ ପୁଲିସ୍ ଓ ଅନ୍ୟାନ୍ୟ ୟୁନିଫର୍ମ ସେବାରେ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଓ ବିଳମ୍ବକୁ ଦୃଷ୍ଟିରେ ରଖି ଓଡ଼ିଶା ସ୍ୱତନ୍ତ୍ର ସେବା କର୍ମଚାରୀ ଚୟନ ଆୟୋଗ ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ୟୁନିଫର୍ମ ସେବାରେ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବା ପାଇଁ ଗଠନକୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଗୃହ ବିଭାଗ ସମେତ ଅବକାରୀ, ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ଥିବା ବିଭିନ୍ନ ପଦବୀ ପାଇଁ ଏକକ ନିଯୁକ୍ତି ପ୍ରକ୍ରିୟାକୁ ଏହି ଆୟୋଗ ହିଁ ପରିଚାଳନା କରବେ । ଏହାଦ୍ୱାରା ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ, ଦକ୍ଷ ଏବଂ ସମୟାନୁବର୍ତୀ ହୋଇପାରିବ ବୋଲି ସରକାର ଆଶା ରଖିଛନ୍ତି । ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅଧୀନରେ ଅନୁସୂଚିତ ଜନଜାତି (ଏସଟି) ଓ ଅନୁସୂଚିତ ଜାତି (ଏସସି) ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରାକ୍-ମାଟ୍ରିକ ଏବଂ ମାଟ୍ରିକ ପରବର୍ତୀ ଛାତ୍ରବୃତି ହାରରେ ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ବଜାର ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ଛାତ୍ରାବାସରେ ରହୁଥିବା ଛାତ୍ରମାନଙ୍କ ପାଇଁ ବାର୍ଷିକ ବୃତି ୧୦,୫୦୦ ଟଙ୍କାରୁ ୧୬ହଜାର ଟଙ୍କାକୁ ଏବଂ ଛାତ୍ରୀମାନଙ୍କ ପାଇଁ ୧୧ହଜାରରୁ ୧୭ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି 'ଅନ୍ୱେଷା' ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟ ଏହି ବୃତି ବାର୍ଷିକ ୧୧ହଜାର ଟଙ୍କାରୁ ୧୭ହଜାର ଟଙ୍କାକୁ ବୃଦ୍ଧି ପାଇଁ ନିଷ୍ପତି ହୋଇଛି । ଏହି ନୂଆ ବର୍ଦ୍ଧିତ ବୃତି ୨୦୨୫ ଡିସେମ୍ବର ପହିଲାରୁ ଲାଗୁ କରିବାକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ରାଜ୍ୟକୁ ବିଶ୍ୱସ୍ତରୀୟ ବ୍ୟବସାୟିକ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ କ୍ୟାବିନେଟ୍ 'ଓଡ଼ିଶା ଗ୍ଲୋବାଲ କ୍ୟାପାବିଲିଟି ସେଂଟର (ଜିସିସି) ନୀତି ୨୦୨୫' କୁ ଅନୁମୋଦନ କରିଛନ୍ତି । ବଡ଼ ବଡ଼ ବହୁରାଷ୍ଟ୍ରୀୟ କଂପାନୀମାନଙ୍କୁ ଓଡ଼ିଶାରେ ସେମାନଙ୍କର କାର୍ଯ୍ୟାଳୟ ଖୋଲିବାକୁ ଆକୃଷ୍ଟ କରିବା ଏହି ନୀତିର ମୁଖ୍ୟ ଲକ୍ଷ୍ୟ । ବିକଶିତ ଓଡ଼ିଶା-୨୦୩୬ ଓ ୨୦୪୭ର ରୋଡମ୍ୟାପକୁ ଦୃଷ୍ଟିରେ ରଖି ଏହି ନୀତି ମାଧ୍ୟମରେ ରାଜ୍ୟରେ ୫୦ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ କଂପାନୀମାନଙ୍କୁ ବିଭିନ୍ନ ପ୍ରକାର ଆର୍ଥିକ ପ୍ରୋତ୍ସାହନ ଯଥା ଜମି, ବିଦ୍ୟୁତ ଶୁଳ୍କ ରିହାତି ଏବଂ ନିଯୁକ୍ତି ସହାୟତା ଯୋଗାଇ ଦେବା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ରାଜ୍ୟରେ ଖଣିଜ ପଦାର୍ଥର ଚୋରା ଚାଲାଣ ଓ ବେଆଇନ ଖନନ ରୋକିବା ପାଇଁ 'ଓଡ଼ିଶା ଖଣିଜ ପଦାର୍ଥ (ବେଆଇନ ଖଣି ଖନନ ନିବାରଣ ଏବଂ ବାଣିଜ୍ୟ, ପରିବହନ ଓ ସଂରକ୍ଷଣ ନିୟନ୍ତ୍ରଣ) ନିୟମାବଳୀ, ୨୦୨୫' ପ୍ରଣୟନକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଏହା ପୁରୁଣା ୨୦୦୭ ନିୟମାବଳୀକୁ ଉଚ୍ଛେଦ କରିବ । ଏହି ନୂତନ ନିୟମ ଦ୍ୱାରା ଖଣିଜ ପ୍ରଶାସନ ଅଧିକ ଦକ୍ଷ ହେବ ଏବଂ ବେଆଇନ କାରବାର ଉପରେ ରୋକ ଲଗାଯାଇପାରିବ । ଏହାବ୍ୟତୀତ, ଲଘୁ ଖଣିଜ ସଂପଦର ଆବଂଟନ ପାଇଁ ଇ-ଲଟେରୀ ବ୍ୟବସ୍ଥା ପ୍ରଚଳନ କରିବାକୁ ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ, ୨୦୧୬ ରେ ସଂଶୋଧନ କରାଯାଇଛି, ଯାହାଦ୍ୱାରା ସ୍ୱଚ୍ଛତା ବଜାୟ ରହିବ । କ୍ୟାବିନେଟ୍ ବୈଠକରେ ପରିବେଶ ସୁରକ୍ଷା ପାଇଁ 'ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ସଂଶୋଧନ ଆଇନ, ୨୦୨୪' ଗ୍ରହଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି, ଯାହା ଶିଳ୍ପଗୁଡ଼ିକ ଉପରେ ନିୟାମକ ବୋଝ ହ୍ରାସ କରିବ । ସେହିପରି ଯୋଜନା ଓ ସଂଯୋଜନ ବିଭାଗ ଅଧୀନରେ ଥିବା ଓଡ଼ିଶା ଅଧସ୍ତନ ପରିସଂଖ୍ୟାନ ସର୍ଭିସର କ୍ୟାଡରର ପୁନର୍ଗଠନ କରାଯାଇଛି । ଏହାଦ୍ୱାରା କର୍ମଚାରୀମାନଙ୍କ ଦରମା ବୃଦ୍ଧି ହେବା ସହ ପଦୋନ୍ନତି ସୁଯୋଗ ସୃଷ୍ଟି ହୋଇଛି । ସେହିପରି ୧୯୯୩ ରୁ ୧୯୯୬ ମଧ୍ୟରେ ପୋଲିସ କର୍ମଚାରୀଙ୍କୁ ଦିଆଯାଇଥିବା ଅଗ୍ରହଣୀୟ ସ୍ୱତନ୍ତ୍ର ଡାଏଟ୍ ଭତା ବାବଦକୁ ହୋଇଥିବା କ୍ଷତିକୁ ହିସାବରୁ ବାଦ ଦେବାକୁ ସରକାର ନିଷ୍ପତି ନେଇଛନ୍ତି । ସେହିପରି ଓଡ଼ିଶା ଅର୍ଥ ସେବା ନିୟମାବଳୀରେ ସଂଶୋଧନ କରାଯାଇ ଅଧିକାରୀମାନଙ୍କ ତାଲିମ ଅବଧି ନିର୍ଦ୍ଧାରଣ କରିବା କ୍ଷମତା ସରକାରଙ୍କ ହାତକୁ ଦିଆଯାଇଛି । ଏସବୁ ବ୍ୟତୀତ ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି ।

ଦୁବାଇରେ ଭାରତୀୟ ବାୟୁସେନାର ତେଜସ ଯୁଦ୍ଧ ବିମାନ କ୍ରାଶ, ପାଇଲଟ ମୃତ

ନୂଆଦିଲ୍ଲୀ, ୨୧/୧୧(ନ୍ୟୁ.ଏ): ଦୁବାଇ ଏୟାର ଶୋ' ବେଳେ ଏମିତି ଚିତ୍ର ସାମ୍ନାକୁ ଆସିଛି, ଯାହାକୁ କେହି କେବେ କଳ୍ପନା ବି କରି ନଥିଲେ । ଭାରତର ସ୍ୱଦେଶୀ ହାଲୁକା ଫାଇଟର ବିମାନ ଏଲସିଏ ତେଜସ ନିଜର ଡେମୋନଷ୍ଟ୍ରେସନ ଫ୍ଲାଇଟ୍ ବେଳେ ହଠାତ୍ କ୍ରାସ୍ ହୋଇଥିଲା । ଏହି ଘଟଣା ସ୍ଥାନୀୟ ସମୟାନୁସାରେ ଦ୍ୱିପ୍ରହରର ୨ଟା ୧୦ ମିନିଟ୍‌ରେ ହୋଇଥିଲା । ଏହି ସମୟରେ ହଜାର ହଜାର ଲୋକ ବିମାନର ଷ୍ଟଂଟ୍ ଦେଖୁ ଥିଲେ । ବିମାନ ବାୟୁରେ ଆକର୍ଷଣୀୟ ମୋଡ ନେଉଥିଲା, ସେତେବେଳେ ହଠାତ୍ ଏହା ନିୟନ୍ତ୍ରଣ ହରାଇ ବସିଥିଲା । କିଛି ହିଁ ସେକେଣ୍ଡରେ ତେଜସ ତଳକୁ ଖସିବା ଆରମ୍ଭ କରିଥିଲା ଏବଂ ସିଧା ଆସି ଭୂଇଁରେ ମାଡ଼ ହୋଇଥିଲା । ଏହି ଧକ୍କାରେ ବଡ଼ ବିସ୍ଫୋରଣ ହୋଇଥିଲା ଏବଂ ଅଲ୍ ମକତୁମ ଇଂଟରନ୍ୟାସନାଲ ଏୟାରପୋର୍ଟର ଉପରେ କଳା ଧୂଆଁର ଆସ୍ତରଣ ଉଠି ଥିଲା । ସବୁଠୁ ଦୁଃଖଦ ଖବର ଯେ, ଏହି ଦୁର୍ଘଟଣାରେ ପାଇଲଟଙ୍କ ମୃତ୍ୟୁ ହୋଇଛି । ଦୁବାଇ ଏୟାର ଶୋ' ବିଶ୍ୱର ପ୍ରମୁଖ ଆଭିଏସନ ଆୟୋଜନ ଗୁଡ଼ିକ ମଧ୍ୟରୁ ଗୋଟିଏ, ଯେଉଁଠି ସାରା ବିଶ୍ୱର ଏୟାରଲାଇନ୍ସ ଓ ସାମରିକ ଉତ୍ପାଦକ ନିଜ ନିଜର କୌଶଳ ଦେଖାଇ ଥାନ୍ତି । ଏହି ଦୁର୍ଘଟଣାରେ ଏୟାର ଶୋ'ର ସୁରକ୍ଷା ଉପରେ ଗୁରୁତର ପ୍ରଶ୍ନ ଉଠିଛି । ଆୟୋଜନ ସ୍ଥଳରେ ଜରୁରୀକାଳୀନ ଦଳ ତୁରନ୍ତ ସକ୍ରିୟ ହୋଇଥିଲା ଏବଂ ଆଭିଏସନ ଅଧିକାରୀମାନେ ଯାଂଚ ଆରମ୍ଭ କରିଛନ୍ତି । ଭାରତୀୟ ବାୟୁସେନା (ଆଇଏଏଫ) କହିଛି ଯେ, ଦୁବାଇ ଏୟାର ଶୋ'ରେ ଏକ ଏୟାର ପ୍ରଦର୍ଶନ ବେଳେ ଆଇଏଏଫ୍‌ର ତେଜସ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଉକ୍ତ ଦୁର୍ଘଟଣାରେ ପାଇଲଟଙ୍କ ମୃତ୍ୟୁ ହୋଇଯାଇଛି, ଯାହାକି ଖୁବ୍ ଦୁଃଖପୂର୍ଣ୍ଣ । ଆଇଏଏଫ୍ କହିଛି ଯେ, ସେ ଏହି ଅପୂରଣୀୟ କ୍ଷତିରେ ଗଭୀର ଶୋକ ବ୍ୟକ୍ତ କରିଥାଏ ଏବଂ ଏହି କଠିନ ସମୟରେ ପାଇଲଟର ପରିବାର ସହ ଠିଆ ହୋଇଛି । ବାୟୁସେନା ଦୁର୍ଘଟଣାର କାରଣ ଗୁଡ଼ିକର ଯାଂଚ ପାଇଁ କୋର୍ଟ ଅଫ୍ ଇନକ୍ୱାଏରୀର ଗଠନ କରିବାକୁ ନିଷ୍ପତି ନେଇଛି ।

ଦୁଇଦିନିଆ ଓଡ଼ିଶା ଗସ୍ତରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୧/୧୧ (ଆ.ପ୍ର) : ବିହାର ବିଧାନସଭା ନିର୍ବାଚନରେ ଏନଡ଼ିଏ ମେଂଟର ଐତିହାସିକ ବିଜୟ ପରେ ଆଜି ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭୁବନେଶ୍ୱରର ବିମାନବନ୍ଦରରେ ଉଚ୍ଛସିତ ଓ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଜନସାଧାରଣ, ଦଳୀୟ କାର୍ଯ୍ୟକର୍ତା ଏବଂ ସମର୍ଥକମାନେ ଶ୍ରୀ ପ୍ରଧାନଙ୍କୁ ସ୍ୱାଗତ କରିଛନ୍ତି । ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିହାରରେ ଏନଡ଼ିଏ ମେଂଟର ଅଭୁତପୂର୍ବ ବିଜୟ ପାଇଁ ବିହାରର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି, ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡାଙ୍କ ସାଂଗଠନିକ ଦକ୍ଷତା, ବିହାରର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱ ପାଇଁ ଜନସାଧାରଣ ତାଙ୍କୁ ପୁଣି ଥରେ ଆଶୀର୍ବାଦ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ପୂର୍ବ ଭାରତର ବିକାଶ ପାଇଁ ପୂର୍ବୋଦୟର କଳ୍ପନା କରିଛନ୍ତି । କାରଣ, ପୂର୍ବ ଭାରତର ବିକାଶ ନହେଲେ ଭାରତର ବିକାଶ ହେବ ନାହିଁ । ବିହାରରେ ପୁଣି ଥରେ ଏନଡ଼ିଏ ପାର୍ଟି ସେବାର ଅବସର ପାଇବା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ବଡ଼ ସ୍ୱୀକୃତି । ଆଜି ଦେଶରେ ଏକ କଲ୍ୟାଣକାରୀ ଶାସନ ପ୍ରଣାଳୀ ଚଳାଇଥିବାରୁ ପ୍ରଧାନମନ୍ତ୍ରୀ ଲୋକଙ୍କର ଆସ୍ଥାଭାଜନ ହୋଇପାରିଛନ୍ତି । କଂଗ୍ରେସର ଦେଶକୁ ବିଭାଜନ କରିବାର ଯେଉଁ ନକରାତ୍ମକ ରାଜନୀତି ଅଛି, ଏହାକୁ ଲୋକମାନେ ପ୍ରତ୍ୟାଖ୍ୟାନ କରିଛନ୍ତି । ଅପରପକ୍ଷରେ ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲାକିଆ ବହୁତ ବଡ ବ୍ୟବଧାନରେ ବିଜୟ ହୋଇଥିବାରୁ ଶ୍ରୀ ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଓଡ଼ିଶାର ପାରମ୍ପରିକ ନୃତ୍ୟ ଓ ସଙ୍ଗୀତର ଏକ ରଙ୍ଗୀନ ପରିବେଶ ସୃଷ୍ଟି ହୋଇଥିଲା । କଳାକାରମାନେ ପାରମ୍ପରିକ ପୋଷାକରେ ସଜ୍ଜିତ ହୋଇ ଘଂଟ, ଶଙ୍ଖ ଓ ମୃଦଙ୍ଗର ତାଳେ ତାଳେ ନୃତ୍ୟ ପ୍ରଦର୍ଶନ କରି କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ଫୁଲମାଳ, ଉଲ୍ଲାସପୂର୍ଣ୍ଣ ଜୟଧ୍ୱନି ଏବଂ ପଟୁଆରରେ ବିମାନବନ୍ଦର ଅଂଚଳ ଦୁଲୁକି ଉଠିଥିଲା । ଏହାବ୍ୟତୀତ ଶ୍ରୀ ପ୍ରଧାନ ବିମାନବନ୍ଦରରୁ ସିଧାସଳଖ ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ନେଇଥିଲେ । ଶୁକ୍ରବାର ମଧ୍ୟାହ୍ନରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ପହଂଚିଥିଲେ । ସେଠାରେ ସେବାୟତ, ବିଜେପି ନେତା ଓ କର୍ମୀଙ୍କ ସହିତ ପ୍ରଶାସନିକ ଅଧିକାରୀ ମାନେ ତାଙ୍କୁ ସ୍ୱାଗତ କରିଥିଲେ । ପରେ ସିଂହଦ୍ୱାର ଦେଇ କେନ୍ଦ୍ରମନ୍ତ୍ରୀ ମନ୍ଦିରକୁ ପ୍ରବେଶ କରି ପତିତପାବନଙ୍କୁ ଦର୍ଶନ କରିଥିଲେ । ଏହା ପରେ ରତ୍ନସିଂହାସନରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଥିଲେ । ପରେ ମା' ବିମଳା, ଲକ୍ଷ୍ମୀ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ ।

ହ୍ୟୁମାନଙ୍କ ମୃତ୍ୟୁ ପଛରେ ବିରାଟ ଷଡ଼ଯନ୍ତ୍ର, ଥାନାରେ ଏତଲା

ଭୁବନେଶ୍ୱର, ୨୧/୧୧ (ଆ.ପ୍ର) :ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ନେଇ ବଢ଼ିବାରେ ଲାଗିଛି ବିବାଦ । ତାଙ୍କ ମୃତ୍ୟୁ ପଛରେ ବଡ଼ ଷଡ଼ଯନ୍ତ୍ର ଥିବା ଅଭିଯୋଗ କରି ଶୁକ୍ରବାର ବଲାଙ୍ଗିର ଟାଉନ ଥାନାରେ ଏତଲା ଦେଇଛନ୍ତି ସ୍ଥାନୀୟ ଅଂଚଳର ଏକାଧିକ ସଂଗଠନ (ବଲାଙ୍ଗିରର ସମସ୍ତ କୋଶଳବାଦୀ ସଂଗଠନ ଓ ସାମାଜିକ ସାଂସ୍କୃତିକ ସଂଗଠନ) । ତଦନ୍ତ କରି ହ୍ୟୁମାନ ସାଗରଙ୍କ ମୃତ୍ୟୁ ପଛରେ ଥିବା ଖଳନାୟକମାନଙ୍କୁ ଧରିବାକୁ ସେମାନେ ଦାବି କରିଛନ୍ତି । ଏହି ସଂଗଠନଗୁଡ଼ିକ ପକ୍ଷରୁ ଦିଆଯାଇଥିବା ଏତଲାରେ ଉଲ୍ଲେଖ କରାଯାଇଛି ଯେ ହ୍ୟୁମାନ ସାଗର ଅସୁସ୍ଥ ଥିବା ସତ୍ତ୍ୱେ ତାଙ୍କର ମ୍ୟାନେଜର ଦୀନେଶ ବେହେରା (ପପ୍ପୁ) ଓ ପ୍ରଶାନ୍ତ ବେହେରା ତାଙ୍କୁ ବାଧ୍ୟ କରି ଷ୍ଟେଜ ଶୋ' କରିବାକୁ ନେଉଥିଲେ ବୋଲି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଛି । ହ୍ୟୁମାନଙ୍କ ମା' ଗଣମାଧ୍ୟମରେ ଏହି କଥା କହିଛନ୍ତି । ସେହିପରି ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି । ସେଥିରେ ହ୍ୟୁମାନ ସାଗରଙ୍କ ମୃତ୍ୟୁ ପରେ ତାଙ୍କ ମା'ଙ୍କୁ ମ୍ୟାନେଜର ଦୀନେଶ ବେହେରା (ପପ୍ପୁ) ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଧମକଚମକ ଦେଉଥିବା ଦେଖିବାକୁ ମିଳିଛି । ଏସବୁ ଘଟଣାକୁ ଦେଖିଲେ ହ୍ୟୁମାନ ସାଗରଙ୍କ ମୃତ୍ୟୁ ପଛରେ ଏକ ବିରାଟ ଷଡ଼ଯନ୍ତ୍ର ଥିବା ସ୍ପଷ୍ଟ ବାରି ହୋଇ ପଡୁଛି ବୋଲି ଅଭିଯୋଗ କରିଛନ୍ତି ବିଭିନ୍ନ ସଂଗଠନ ।

ଡ. ମହତାବ ସ୍ୱପ୍ନ ଦେଖୁନଥିଲେ, କର୍ତ୍ତାଥିଲେ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧/୧୧ (ଆ.ପ୍ର) : ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ତଥା ଜନନାୟକ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ୧୨୬ତମ ରାଜ୍ୟସ୍ତରୀୟ ଜୟନ୍ତୀ ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶାବାସୀଙ୍କ ପାଇଁ କେବଳ ଏକ ନାମ ନୁହେଁ, ଏହା ବିକାଶ ପାଇଁ ଏକ ଚିନ୍ତାଧାରା ଓ ପ୍ରେରଣା । ସୂଚନାଯୋଗ୍ୟ ଯେ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଡ଼. ହରେକୃଷ୍ଣ ମହତାବଙ୍କ ଜୀବନୀକୁ ଆଧାର କରି ଏକ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା ଏବଂ ଡଃ ହରେକୃଷ୍ଣ ମହତାବ ସ୍ମାରକୀ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ମହତାବ ଓ ପ୍ରଜାତନ୍ତ୍ର ସମ୍ପାଦକୀୟ', 'ମହତାବ ଜୟନ୍ତୀ ସ୍ମାରକୀ ୨୦୨୫', 'ହରେକୃଷ୍ଣ ମହତାବ', 'ମହତାବ ଜୟନ୍ତୀ ସ୍ମାରକୀ' ପୁସ୍ତକ ମଧ୍ୟ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଆମେ ଆଧୁନିକ ଓଡ଼ିଶାରେ ଯେତେବେଳେ ହୀରାକୁଦ ନଦୀବନ୍ଧ, ରାଜଧାନୀ ଭୁବନେଶ୍ୱର, ରାଉରକେଲା ଇସ୍ପାତ କାରଖାନା, ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା ହାଇକୋର୍ଟ, ବିଦ୍ୟାଧରପୁର ଧାନ ଗବେଷଣା କେନ୍ଦ୍ର, କଟକ ରେଡିଓ ଷ୍ଟେସନ୍ ଇତ୍ୟାଦିକୁ ନେଇ ଗର୍ବ କରୁଛେ ଏହି ସବୁ ଗୌରବମୟ କୀର୍ତି ପଛରେ ଡକ୍ଟର ମହତାବଙ୍କ ସ୍ୱର୍ଣ୍ଣ ଲୁଚି ରହିଛି । ଡକ୍ଟର ମହତାବ କେବଳ ସ୍ୱପ୍ନ ଦେଖୁନଥିଲେ । ସେ ଜଣେ କର୍ତା ଥିଲେ । ସ୍ୱାଧୀନତା ପରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବରେ, ତାଙ୍କ ଆଦର୍ଶକୁ କାର୍ଯ୍ୟରେ ପରିଣତ କରିଥିଲେ । ସେ ଜାଣିଥିଲେ ଯେ, କେବଳ ରାଜନୈତିକ ସ୍ୱାଧୀନତା ଯଥେଷ୍ଟ ନୁହେଁ; ପ୍ରକୃତ ସ୍ୱାଧୀନତାର ଅର୍ଥ ହେଉଛି କ୍ଷୁଧା, ଦାରିଦ୍ର୍ୟ, ରୋଗ ଏବଂ ଅଜ୍ଞତାରୁ ମୁକ୍ତି । ସେ ରାଜ୍ୟରେ ଯୋଜନାବଦ୍ଧ ବିକାଶର ମୂଳଦୁଆ ପକାଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ କହିଥିଲେ ଯେ, ଏକ ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶା ଗଠନ ପାଇଁ ଆମ ସରକାରଙ୍କ ଯାତ୍ରାରେ ଆମେ ନିରନ୍ତର ଏପରି ନେତାମାନଙ୍କଠାରୁ ଶକ୍ତି ପାଇଥାଉ । ଦାରିଦ୍ର୍ୟ ବିରୁଦ୍ଧରେ ଲଢ଼ିବା, ଆୟୁଷ୍ମାନ ଭାରତ - ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା, ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବା, National Education Policy - 2020 ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ମାଧ୍ୟମରେ ଶିକ୍ଷା ବ୍ୟବସ୍ଥାର ପରିବର୍ତନ ଆଣିବା, ଶିଳ୍ପ କ୍ଷେତ୍ରରେ ୧୭ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ପ୍ରସ୍ତୁତି ମାଧ୍ୟମରେ ଭିତିଭୂମି ସୁଦୃଢ଼ କରିବା ଓ ଜଳସେଚନ ଏବଂ ଜୀବିକା ସୁରକ୍ଷା ଆଣିବା । ଏହା ସହିତ ସମୃଦ୍ଧ କୃଷକ ଯୋଜନା, PM-KISAN I CM-KISAN ମାଧ୍ୟମରେ କୃଷକମାନଙ୍କ ଆୟକୁ ବହୁଗୁଣିତ କରିବା ଏବଂ ସରକାରୀ କ୍ଷେତ୍ରରେ ପ୍ରାୟ ୩୦ ହଜାର ନିଯୁକ୍ତି ଏବଂ ବେସରକାରୀ କ୍ଷେତ୍ରରେ ପ୍ରାୟ ୭୦ ହଜାର ନିଯୁକ୍ତି ପ୍ରଦାନ କରି ଆମ ସରକାର ସଂକଳ୍ପରୁ ସିଦ୍ଧିର ମାର୍ଗରେ ଗତି କରୁଛି । ଏହା ସବୁ ଡକ୍ଟର ମହତାବଙ୍କ ଆଦର୍ଶ ସହିତ ଜଡ଼ିତ । ସେ ଆହୁରି କହିଥିଲେ ଯେ, ଆଧୁନିକ ଟେକ୍ନୋଲୋଜିରେ ଭାରତକୁ ଆତ୍ମନିର୍ଭର କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯେଉଁ ଲକ୍ଷ୍ୟ ରହିଛି, ସେଥିରେ ଭୁବନେଶ୍ୱରର ଏକ ପ୍ରମୁଖ ଭୂମିକା ରହିବ । ପୂର୍ବ ଭାରତର ଟେକ୍ନୋଲୋଜି ହବ୍ ହେବ ଭୁବନେଶ୍ୱର ।

ଢାକା ଓ ଦେଶର କିଛି ସ୍ଥାନରେ ୫.୭ ତୀବ୍ରତାର ଭୂକମ୍ପ ଝଟକା; ୪ ଜଣଙ୍କ ମୃତ୍ୟୁ



ଢାକା, ୨୧/୧୧(ନ୍ୟୁ.ଏ): ବାଂଲାଦେଶରେ ୫.୭ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଶୁକ୍ରବାର ଆସିଥିବା ଏହି ଭୂକମ୍ପର ଝଟକା ରାଜଧାନୀ ଢାକା ଓ ଦେଶର କିଛି ସ୍ଥାନରେ ପ୍ରଭାବିତ ହୋଇଛି, ଯେଉଁଥିରେ ନବଜାତ ଶିଶୁ ସମେତ ପାଖାପାଖି ୪ଜଣ ଲୋକଙ୍କ ମୃତ୍ୟୁ ହୋଇଛି, ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି, ଅନେକ ସ୍ଥାନରେ ନିଆଁ ଲାଗି ଯାଇଛି ଏବଂ ନିବାସୀଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି । ଅଧିକାରୀମାନେ କହିଛନ୍ତି ଯେ, ଢାକାରେ ତିନି ଜଣ ଲୋକ ଓ ନାରାୟଣଗଞ୍ଜରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ସ୍ଥାନୀୟ ମିଡ଼ିଆ ସାରା ଦେଶରେ ପ୍ରାୟ ୫୦ ଜଣ ଲୋକଙ୍କ ଆହତ ହେବାର ଖବର ଦେଇଛି । ବାଂଲାଦେଶର ପାଣିପାଗ ବିଜ୍ଞାନ ବିଭାଗ କହିଛି ଯେ, ଭୂକମ୍ପ ସ୍ଥାନୀୟ ସମୟାନୁସାରେ , ସକାଳ ୧୦ଟା ୩୮ ମିନିଟ୍ ୨ରେ ହୋଇଥିଲା ଏବଂ ଏହାର କେନ୍ଦ୍ର ଢାକାର ଉତର-ପୂର୍ବ ବାହ୍ୟ ଅଂଚଳରେ ଥିବା ନରସିଂଦୀରେ ୧୦ କିଲୋମିଟରର ଗଭୀରତାରେ ଅବସ୍ଥିତ ଥିଲା । ଏହି ସ୍ଥାନ ଢାକାର ଅଗରଗାଁ ଅଂଚଳରେ ଭୂକମ୍ପର କେନ୍ଦ୍ରରୁ ପାଖାପାଖି ୧୩ କିଲୋମିଟର ପୂର୍ବରେ ରହିଛି । ଢାକାର ପୁଲିସ କମିଶନର ମଲିକ୍ ଅହସାନ ଉଦ୍ଦିନ ସାମୀ ଅଗ୍ନିଶମ ସେବାର ଅନୁସାରେ କହିଛନ୍ତି ଯେ, ପୁରୁଣା ଢାକାର ଅରମାନିଟୋଲା ଅଂଚଳରେ ଏକ ପାଂଚ ମହଲା କୋଠାର ରେଲିଂ , ବାଉଁଶ ଭାରା ଓ ଭଗ୍ନାବଶେଷ ଖସି ପଡ଼ିବାରୁ ଅତି କମ୍ ୨ରେ ତିନି ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ସେ କହିଛନ୍ତି ଯେ,ଭିଡ଼ ଅଂଚଳରେ ଜଣେ ପଥଚାରୀ ଗୁରୁତର ରୂପେ ଆହତ ହୋଇଛନ୍ତି । ସାମୀ ସ୍ପଷ୍ଟ କରିଛନ୍ତି ଯେ, ଆହତଙ୍କ ମଧ୍ୟରେ ଜଣେ ମେଡିକାଲ ଛାତ୍ର ଥିଲେ, ଯିଏ ନିଜ ମାଆଙ୍କ ସହ ମାଂସ କିଣିବାକୁ ଆସି ଥିଲେ । ସେ କହିଥିଲେ ଯେ, ସେ ଗୁରୁତର ରୂପେ ଆହତ ହୋଇଛନ୍ତି ଏବଂ ତାଙ୍କୁ ତୁରନ୍ତ ସର୍ଜରୀ ଆବଶ୍ୟକ ଅଛି । ସ୍ଥାନୀୟ ମିଡ଼ିଆ ରିପୋର୍ଟ ଅନୁସାରେ , ମୃତକଙ୍କ ମଧ୍ୟରେ ଜଣେ ଆଠ ବର୍ଷର ପିଲା ଥିଲା, ଯାହାର ପରିଚୟ ଏବେସୁଦ୍ଧା ହୋଇ ପାରି ନାହିଁ । ଚତୁର୍ଥ ମୃତ୍ୟୁ ନାରାୟଣଗଞ୍ଜରେ ହୋଇଛି, ଯେଉଁଠି ମାଆ କୋଳରେ ଏକ ନବଜାତ ଶିଶୁର ଏହି ସମୟରେ ମୃତ୍ୟୁ ହୋଇଛି, ଯେବେ ଏହି ଲୋକ ଭୂକମ୍ପ କାରଣରୁ ଭୁଶୁଡ଼ି ଥିବା କାନ୍ଥ ନିକଟରେ ଚାଲି ଚାଲି ଯାଉ ଥିଲେ । ଭୂକମ୍ପ ପରେ ପୁରୁଣା ଢାକାରେ ଥିବା ସୁତରାପୁରର ସ୍ୱାମୀବାଗ ଅଂଚଳରେ ଆଠ ମହଲା ଏକ କୋଠା ନିକଟରେ ଥିବା ଆଉ ଏକ କୋଠା ଉପରକୁ ଢଳି ପଡ଼ିଥିବା ଖବର ମିଳିଛି, ଯାହାକି କାଲାବାଗାନ ଅଂଚଳରେ ଏକ ସାତ-ମହଲା କୋଠା ଝୁଲି ରହିଥିବାର ଦେଖାଯାଇଛି ।ହେଲେ ଅଗ୍ନିଶମ ଅଧିକାରୀଙ୍କ କହିବାନୁସାରେ , ତାହା ଗଠନାତ୍ମକ ରୂପେ ସୁରକ୍ଷିତ ଅଛି । ଢାକାର ଆଲିଶାନ ବରିଧାରା ଅଂଚଳରେ ଭୂକମ୍ପର ଝଟକାର ତୁରନ୍ତ ପରେ ଏକ ଘରେ ନିଆଁ ଲାଗି ଯାଇଛି । କିନ୍ତୁ ଦମକଳ କର୍ମଚାରୀ ଏହି ସ୍ପଷ୍ଟ କରି ପାରି ନାହାନ୍ତି ଯେ , ଏହାର ସମ୍ବନ୍ଧ ଭୂକମ୍ପ ସହ ଥିଲା ନା ନାହିଁ ।

ବିଷ ବଳୟରେ ଦିଲ୍ଲୀ, ସ୍କୁଲ ବାହାରେ ହେବନି କୌଣସି ବି କାର୍ଯ୍ୟକଳାପ

ନୂଆଦିଲ୍ଲୀ, ୨୧/୧୧(ନ୍ୟୁ.ଏ): ବିଷ ବଳୟ ପାଲଟିଛି ଦିଲ୍ଲୀ । ଦିଲ୍ଲୀ ଏବଂ ଏହାର ଆଖପାଖ ଅଂଚଳ ପୁଣିଥରେ ପ୍ରଦୂଷଣର ଭୟଙ୍କର କବଳରେ ଛନ୍ଦି ହୋଇ ରହିଛି । ଗତ କିଛି ଦିନ ହେବ ରାଜଧାନୀରେ ବାୟୁ ଗୁଣବତା ଅତି ଖରାପ ସ୍ତରରେ ପହଂଚିଛି, ଯାହାକି ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିଛି । ବିଷାକ୍ତ ଧୂଆଁର ମୋଟା ଚାଦର ତଳେ ସମଗ୍ର ଦିଲ୍ଲୀ ରହିଥିବା ବେଳେ ସ୍କୁଲ ପିଲାଙ୍କୁ ନେଇ ଦିଲ୍ଲୀ ସରକାର ନେଇଛନ୍ତି ବଡ଼ ନିଷ୍ପତି । ସ୍କୁଲର ସମସ୍ତ ବାହ୍ୟ କାର୍ଯ୍ୟକଳାପ କିମ୍ବା କ୍ରୀଡା କାର୍ଯ୍ୟକ୍ରମକୁ ବ୍ୟାନ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଦିଲ୍ଲୀ ସରକାର । ବାୟୁ ଗୁଣବତା ଗମ୍ଭୀର ହେବାରୁ ଦିଲ୍ଲୀ ସରକାର ସ୍କୁଲଗୁଡ଼ିକୁ ଏସବୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶୀତ ଋତୁ କ୍ରୀଡାର ଋତୁ । ଏହି ସମୟରେ ବିଭିନ୍ନ ପ୍ରକାର କ୍ରୀଡା ମହୋତ୍ସବ ଏବଂ ବାର୍ଷିକ ଉତ୍ସବ ହୁଏ । ମାତ୍ର ଏଥର ଦିଲ୍ଲୀର ବାୟୁରେ ବିଷ ଭରି ରହିଥିବାରୁ ଏସବୁ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକଳାପକୁ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଯାଜପୁର ଜିଲ୍ଲାରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ

ଯାଜପୁର, ୨୧/୧୧ (ଆ.ପ୍ର) : ଯାଜପୁର ଜିଲ୍ଲା ସଦରମହକୁମାସ୍ଥିତ ମିଶନ ଶକ୍ତି ଭବନରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀମତୀ ରଞ୍ଜିତା ବେହେରା ସ୍ୱାଗତ ଭାଷଣ ଦେବା ସହିତ ଦିବସର ତାତ୍ପର୍ଯ୍ୟ ଓ ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀମତୀ ମନୋସ୍ମିତା ନାୟକ ମଂଚ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବରେ ଯାଜପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଶିବାନନ୍ଦ ସ୍ୱାଇଁ ସଭାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଯାଜପୁର ଜିଲ୍ଲା କୃଷି ବିଭାଗ ତରଫରୁ ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ ତପନ କୁମାର ମହାପାତ୍ର କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ଭାବରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁବ୍ରତ କୁମାର ମହାପାତ୍ର ମାଛ ଚାଷ ତଥା ପ୍ରାଣୀ ପାଳନ ଦ୍ୱାରା ଚାଷୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ ହେବା ପାଇଁ ଉପଦେଶ ଦେଇଥିଲେ । ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ବେହେରା ପ୍ରାଣୀ ପାଳନ ଉପରେ ଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ସମବାୟ ସମିତିର ସହକାରୀ ନିବନ୍ଧକ ଶ୍ରୀଯୁକ୍ତ ନିହାର ରଞ୍ଜନ ରାଉତରାୟ ସମବାୟ ସମିତିର ବିଭିନ୍ନ କାର୍ଯ୍ୟକଳାପ ତଥା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ପୁନରୁତ୍ଥାନ ସମ୍ପର୍କରେ ଆଲୋକପାତ କରିଥିଲେ । ସଭାରେ ସଫଳ ବାୟୋଫ୍ଲକ ଚାଷୀ ଭାବରେ ଧର୍ମଶାଳା ବ୍ଲକର ଗଣେଶ ପରିଡାଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଭାବେ ରସୁଲପୁର ବ୍ଲକର ଦେବୀ ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରାମ ପଂଚାୟତ ପୋଖରୀ ରେ ମାଛ ଚାଷ କରି ସମ୍ମାନିତ ହୋଇଥିଲେ । ସମସ୍ତ ବାଇଓଫ୍ଲକ ହିତାଧିକାରୀଙ୍କୁ ୱା ଟର ଟେଷ୍ଟିଙ୍ଗ କିଟ ପ୍ରଦାନ କରାଯାଇଥିଲା । ସଭାକୁ ବିଭିନ୍ନ ବ୍ଲକରୁ ଆସିଥିବା ବିଭାଗୀୟ କର୍ମଚାରୀ ଦେବାଶିଷ ସ୍ୱାଇଁ, ସନ୍ଦୀପ ଶଙ୍କର ପଟ୍ଟନାୟକ, ଅତନୁ କୁମାର ସ୍ୱାଇଁ, ମୁନି କୁମାରୀ ହେମ୍ବ୍ରମ, ଦିଲ୍ଲୀପ ରାଉତରାୟ, ପର୍ଶୁରାମ ତ୍ରିପାଠୀ, ଅଜୟ କୁମାର ସିଂ, ପ୍ରଭୃତି ପ୍ରିୟଦର୍ଶନୀ ସାହୁ, ସତ୍ୟଜିତ ବାରିକ, ସ୍ୱପ୍ନା ମହାନ୍ତି, ଶୁଭଶ୍ରୀ ନାୟକ, ସୁଭଦ୍ରା ସର୍ଦ୍ଦାର, ସସ୍ମିତା ପ୍ରଧାନ, ମନୀଷା ବାନର, ପ୍ରଦୀପ କୁମାର ମଲ୍ଲିକ, କୈଳାଶ ଚନ୍ଦ୍ର ନାୟକ, ସରୋଜିନୀ ସାହୁ, ହିତେଶ୍ ନାୟକ, ମିହିର ରଞ୍ଜନ ଦାସ, ଅସିତ୍ ଓଝା ପରିଚାଳନା କରିଥିଲେ । ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀମତୀ ମୀରାବାଈ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ

ଯାଜପୁର, ୨୧/୧୧ (ଆ.ପ୍ର) : ଯାଜପୁର ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ନିମନ୍ତେ ଗୁରୁବାର ତା ୨୦.୧୧.୨୦୨୫ ରିଖ ଦିନ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଯାଜପୁର ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଅଧ୍ୟକ୍ଷତା କରିଥିଲେ । ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିଲ୍ଲାରେ ଆସନ୍ତା ଜାନୁଆରୀ ୭ ତାରିଖ ଠାରୁ ଧାନ କ୍ରୟ କରାଯିବା ନେଇ ବୈଠକରେ ସ୍ଥିରୀକୃତ ହୋଇଥିଲା । ବୈଠକରେ ଯାଜପୁର ବିଧାୟିକା ଶ୍ରୀମତୀ ସୁଜାତା ସାହୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନଳିନୀ ପ୍ରଭା ଜେନା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ପାଣିଗ୍ରାହୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ତପନ କୁମାର ମହାପାତ୍ର ଓ ସମବାୟ ଅଧିକାରୀ ଶ୍ରୀ ଅମୂଲ୍ୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ପାଣିଗ୍ରାହୀ ସମସ୍ତଙ୍କୁ ସ୍ୱାଗତ କରି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାକୁ ଆଗେଇ ନେଇଥିଲେ । ଚାଷୀ ମାନଙ୍କ ସୁବିଧା ପାଇଁ ଜିଲ୍ଲାରେ ମଣ୍ଡିର ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠାଇବା ପାଇଁ ପଦକ୍ଷେପ ନିମନ୍ତେ ଜିଲ୍ଲାପାଳ ସମସ୍ତ ଉପସ୍ଥିତ ଥିବା ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ସମସ୍ତ ମଣ୍ଡିରେ ଜଣେ ଲେଖାଏ ନୋଡାଲ ଅଧିକାରୀ ଓ ୪-୫ଟି ମଣ୍ଡି ପାଇଁ ଜଣେ ଲେଖାଏ ସୁପରଭାଇଜିଂ ଅଧିକାରୀ ନିୟୋଜିତ ହେବେ । ଧାନର ମାନ ସମ୍ପର୍କରେ ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ପଂଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ କରାଯିବ । ଚଳିତ ବର୍ଷ ଏଫ୍.ଏ.କ୍ୟୁ ମାନର ଧାନର କ୍ୱିଂଟାଲ ପିଛା ଦର ୨୩୬୯ ଟଙ୍କା ଓ ଗ୍ରେଡ ଏ ଧାନର ମୂଲ୍ୟ ୨୩୮୯ ଟଙ୍କା ଧାର୍ଯ୍ୟ ରହିଅଛି । ରାଜ୍ୟ ସରକାର ଘୋଷଣା କରିଥିବା ୮ ଶହ ଟଙ୍କା ଇନପୁଟ ସହାୟତା ଚାଷୀ ପାଇବେ । ଜିଲ୍ଲାର ଖରିଫ ଧାନ ନିମନ୍ତେ ୫୯୯୬୧ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି । ଜିଲ୍ଲାରେ ୧୩୯ ଗୋଟି ଧାନ କ୍ରୟ କେନ୍ଦ୍ର, ସମବାୟ ସଂସ୍ଥା ଦ୍ୱାରା ସ୍ଥିରୀକୃତ ହୋଇଥିବା ବେଳେ ୪୨ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଧାନ ସଂଗ୍ରହ କରିବେ । ଚଳିତ ବର୍ଷ ଜିଲ୍ଲାରେ ପ୍ରଥମ ସୋପାନରେ ୧୩,୧୧,୦୦୦ କ୍ୱିଂଟାଲ ଧାନ କ୍ରୟ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ରହିଅଛି ।ଏହି ବୈଠକରେ ଚାଷୀ ପ୍ରତିନିଧି, ମିଲର୍ସ ପ୍ରତିନିଧି, ପ୍ୟାକ୍ସ କର୍ମଚାରୀ, ନିୟନ୍ତ୍ରିତ ବଜାର କମିଟି କର୍ମକର୍ତ୍ତା ତଥା ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଏକାଦଶ ସନ୍ଧ୍ୟା

ଭଦ୍ରକ, ୨୧/୧୧ (ଆ.ପ୍ର) : ମା' ଭଦ୍ରକାଳୀଙ୍କ ନାମରେ ନାମିତ ଭଦ୍ରକ ଭୂମିରେ ବହୁ ଧର୍ମ ପ୍ରଚାରକ,ସନ୍ଥ, ମହାପୁରୁଷ, ମନୀଷୀ, ରାଜନେତା ପଦାର୍ପଣ କରିଥିବା ବେଳେ ଏହି ପବିତ୍ର ଭୂମି ସ୍ୱାଧୀନତା ସଂଗ୍ରାମ, ଧର୍ମୀୟଧାରା, ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ନୌବାଣିଜ୍ୟ, ବିଜ୍ଞାନ ଆଦି କ୍ଷେତ୍ରରେ ଐତିହାସିକ ପଦଚିହ୍ନ ରଖିପାରିଛି । କିନ୍ତୁ ୧୯୯୩ ମସିହାରୁ ଭଦ୍ରକ ଉପଖଣ୍ଡ ଜିଲ୍ଲାର ମାନ୍ୟତା ପାଇଥିଲେବି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ସଡ଼କ ପରିବହନ ଆଦି ବହୁ କ୍ଷେତ୍ରରେ ଭଦ୍ରକର ଆଖି ଦୃଶିଆ ବିକାଶ ହୋଇ ନାହିଁ । ଏଣୁ ଏହି ଐତିହାସିକ ତ୍ୟାଗଭୂମି ଭଦ୍ରକର ସର୍ବାଙ୍ଗୀନ ବିକାଶ ନିତାନ୍ତ ଜରୁରୀ ବୋଲି ଭଦ୍ରକ ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଏକାଦଶ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବର ଏକାଦଶ ସନ୍ଧ୍ୟାକୁ ଭଦ୍ରକର ପୂର୍ବତନ ସାଂସଦ ଜନନାୟକ, ଅର୍ଜୁନ ଚରଣ ସେଠୀଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା ଏବଂ 'ବିକାଶ ଧାରାରେ ଭଦ୍ରକ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲ । ମହୋତ୍ସବର ସମ୍ପାଦକ ରବି ନାରାୟଣ ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲ । ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ ବିଶିଷ୍ଟ ଅତିଥି, ସାମ୍ୟବାଦୀ ନେତା ଆଡଭୋକେଟ୍ ଦିବ୍ୟସିଂହ ନାୟକ ବରେଣ୍ୟ ଅତିଥି, ସେବା ନିବୃତ ଅଧ୍ୟକ୍ଷ ତଥା ପ୍ରଖ୍ୟାତ କଥାକାର ପବିତ୍ର ପାଣିଗ୍ରାହୀ ମୁଖ୍ୟ ବକ୍ତା , ପୂର୍ବତନ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତ୍ ଲତା ନାୟକ, ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ନଳିନୀ କୁମାର ମହାନ୍ତି, ଧାମରା ସାହିତ୍ୟ ସଂସଦ, ରାଉରକେଲା ସମ୍ପାଦକ ସୁଶାନ୍ତ କୁମାର ନାୟକ, କଂଗ୍ରେସର ରାଜ୍ୟ ଦଳିତ ସଂଘ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ପୂର୍ବତନ ଭଦ୍ରକ ଜିଲ୍ଲା ବିଜେପି ମହିଳା ସଭାନେତ୍ରୀ କଳ୍ପନା ଜେନା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । କବି ନାରାୟଣ ପାତ୍ରୀ ଅତିଥିମାନଙ୍କୁ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିବା ବେଳେ ଟ୍ରଷ୍ଟର ସଭାପତି ଡଂ ଅଭୟ ସୂତାର ଅତିଥି ପରିଚୟ ପ୍ରଦାନ କରିଥିଲେ । ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ଏବଂ ମହୋତ୍ସବ ଉପଦେଷ୍ଟା ବାବୁଲାଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସନ୍ଧ୍ୟାରେ ଏମ୍. ଏମ୍. ଡ୍ୟାନ୍ସ ଗ୍ରୁପ ଚରମ୍ପା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ଧର୍ମଗଡ଼ ପଂଚାୟତ ସଭାଗୃହରେ ବୈଠକ ଅନୁଷ୍ଠିତ

ଧର୍ମଗଡ଼, ୨୧/୧୧ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ସଭାଗୃହରେ ଆଜି ପଂଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମଟି ବ୍ଲକ ଅଧ୍ୟକ୍ଷା ଦବିତା ପାଇଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସାଂସଦ ପ୍ରତିନିଧି ଲକ୍ଷ୍ମୀକାନ୍ତ ବାଗ, ବ୍ଲକ ଉପାଧ୍ୟକ୍ଷା କୁଳି ମେହେର, ବିଡିଓ ସଦାଶିବ ନାୟକ, ଏଏଇ ସର୍ବେଶ୍ୱର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ଶଙ୍କର ପ୍ରସାଦ ଭୁଏଡ଼, ପ୍ରଣବ ପ୍ରକାଶ ଭଏସାଲ, ସମସ୍ତ ସରପଂଚ, ସମିତି ସଭ୍ୟ ଓ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ବ୍ଲକ ଅଂଚଳର ମନରେଗା ଦୁର୍ନୀତି, ରାଜ୍ୟ ବାହାର କୁ ଧାନ ଚୋରା ଚାଲାଣ, ସ୍କୁଲ ପୋଷାକରେ ଦୁର୍ନୀତି, ପାନୀୟ ଜଳ ସମସ୍ୟା, ବିଦ୍ୟୁତ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା, ଜିଲ୍ଲା ବାହାରକୁ ବାଲି ଚୋରା ଚାଲାଣ, ଶିକ୍ଷା ସମ୍ପର୍କିତ ସମସ୍ୟା, କୃଷି ଉପରେ ବିଶଦ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମ କୁ ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମେହେର ପରିଚାଳନା କରିଥିଲେ । ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉଚିତ ହିତାଧିକାରୀଙ୍କ ନିକଟରେ ପହଂଚି ପାରୁନଥିବାରୁ ଜିଲ୍ଲାପରିଷଦ ସଦସ୍ୟ ଗୋପୀନାଥ ମହାନନ୍ଦ ଅଧିକାରୀ ମାନଙ୍କୁ ଦୃଢ଼ ନିନ୍ଦା କରିବା ସହିତ କ୍ଷୋଭ ପ୍ରକାଶ କରିଛନ୍ତି ।

ଥାନାଧିକାରୀ ଦୁର୍ଗାମାଧବ ବାଗଙ୍କ ନେତୃତ୍ୱରେ ୫ଦାଦନ ଶ୍ରମିକ ସହ ୩ ନାବାଳକ ଉଦ୍ଧାର, ସର୍ଦ୍ଦାର ଗିରଫ

ସିନାପାଲି, ୨୧/୧୧ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ହାତୀବନ୍ଧା ଫୋରଷ୍ଟ ରାସ୍ତାରୁ ସିନାପାଲି ପୋଲିସ ୫ଜଣ ଦାଦନ ଶ୍ରମିକ ସହ ୩ନାବାଳକଙ୍କୁ ଉଦ୍ଧାର କରିଛି । ଏଥିସହ ଏକ ବୋଲେରୋ ଗାଡିକୁ ଜବତକରି ସର୍ଦ୍ଦାରଙ୍କୁ ଗିରଫ କରିଛି । ଗିରଫ ସର୍ଦ୍ଦାର ଜଣକ ହେଲେ ସିନାପାଲି ଥାନା ବରପଦର ଗ୍ରାମର କ୍ଷେତ୍ରମୋହନ ଛତ୍ରିଆ । ଦାଦନ ଶ୍ରମିକମାନେ ହେଲେ ପଦମାନ ହରପାଲ(୩୬), ମହାଦେବ ବାଗ(୪୫), ପୁନ୍ତମ ବରର୍ଚ୍ଚି(୩୫), ମଞ୍ଜୁଲତା ହରପାଲ(୩୨) ସୁଫଳ ବାଗ(୩୬) । ଗତ କାଲି ସନ୍ଧ୍ୟା ୭ଟା ସମୟରେ ସିନାପାଲି ପୋଲିସ ଟିମ ପେଟ୍ରୋଲିଂ କରୁଥିବା ବେଳେ ସର୍ଦ୍ଦାର ଶ୍ରମିକମାନଙ୍କୁ ବୋଲେରୋ ଯୋଗେ ଆଣି ବସରେ ଚଢାଇ ହାଇଦ୍ରାବାଦ ନେବାକୁ ରାସ୍ତାକଡରେ ଅପେକ୍ଷା କରିଥିବା ବେଳେ ପୋଲିସ ସେମାନଙ୍କୁ ସନ୍ଦେହ କରି ଉଦ୍ଧାର କରିଥିଲା । ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କୁ ଘରକୁ ନେଇ ଛାଡିଥିବା ବେଳେ ସର୍ଦ୍ଦାରଙ୍କୁ କେସ ନଂ (୩୫୪) ୧୯/୧୧/୨୫, ଧାରା ୧୪୩(୩)/୩୧୮(୨) BNS R/W Sec- 25 ISMW act ୧୯୭୯ ଧାରା ଅନୁଯାୟୀ କୋର୍ଟଚାଲାଣ କରିଛି । ଏନେଇ ସିନାପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି । ଥାନାଧିକାରୀ ଦୁର୍ଗାମାଧବ ବାଗଙ୍କ ନେତୃତ୍ୱରେ ହୋଇଥିବା ଚଢ଼ଉରେ ଏସଆଇ ସହଦେବ ଯୋଶୀ, ରେବତୀ ଦୁର୍ଗା , କେ.ଆର ଝୁଁଟିଆ, କନେଷ୍ଟେବଳ କ୍ଷେତ୍ର ସରାଫ ହାବିଲଦାର ଅଭିରାମ ଘିଭେଲା ଓ ଅନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ ।

ଅବକାରୀ ବିଭାଗ ଘନ ଘନ ଚଢ଼ାଉ, ମଦ ବେପାରୀଙ୍କ ମଧ୍ୟରେ ଭାଳେଣି

ଟାଙ୍ଗୀ ଚୌଦ୍ୱାର, ୨୧/୧୧ (ଆ.ପ୍ର) : ଓଡ଼ିଶା ସରକାରଙ୍କ କଲେକ୍ଟର ଓ ଏସପି ମାନଙ୍କ ଦ୍ୱାରା ଆୟୋଜିତ ହୋଇଥିବା ସମ୍ମିଳନୀରେ ରେ ଖାସ୍ କରି ଚୋରା ମଦକୁ କେମିତି ବନ୍ଦ ହେବ ସେଥି ପାଇ ତତ୍ପରତା ହୋଇଛନ୍ତି, ଏହାକୁ ଆଖିରେ ରଖି କଟକ ଜିଲ୍ଲା ଅବକାରୀ ବିଭାଗ ତରଫରୁ ୨୧ତାରିଖ ଦିନ ଅବକାରୀ ସୁପେରିଟେଣ୍ଡଙ୍କ ନିର୍ଦ୍ଦେଶରେ ଚୌଦ୍ୱାର ଅବକାରୀ ଥାନା ତରଫରୁ ବିଭିନ୍ନ ଅଂଚଳରେ ଚଢ଼ାଉ କରି ହାତରନ୍ଧା ଦେଶୀ ମହୁଲି ମଦ ବିପୁଳ ପରିମାଣର ଏଫ.ସି ଜବତ୍ କରିଛି । ଚୌଦ୍ୱାର ନୂଆସାହି, ତନବଙ୍ଗାର ବିରୂପା ଅଂଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ୧୬୦ ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି, ଏହି ଚଢାଉ ରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ଏହି ଚଢ଼ାଉରେ ଇନ୍ସପେକ୍ଟର ମାନସୀ ନାୟକ, ବିପିନ ବିହାରୀ ସାହୁ, ଆଶୁତୋଷ ଜେନା, ରାଜକୃଷ୍ଣ ବିଶ୍ୱାଳ, ସୁନିଲ ବଲ, ଲକ୍ଷ୍ମଣ ବେହେରା ପ୍ରମୁଖ ସାମିଲ ରହିଥିଲେ । ଏମାନଙ୍କ ବିରୁଦ୍ଧରେ ଅବକାରୀ ମାମଲା ରୁଜୁ କରାଯାଇ ଅଛି । କେସ ନମ୍ବର ହେଲା ୧୭୦/୨୫, ୧୭୧/ ୨୫,୧୭୨/୨୫ ଆସାମୀ ମାନଙ୍କର ନାମ ଯଥାକ୍ରମେ ବାବୁ ସାମଲ ପଦ୍ମପୁର, ରାକେଶ ଭୋଇ ପଦ୍ମପୁର, ଅଏରିଆ ରାଓ ଲାକ୍ଷ୍ମଣପୁର ବୋଲି ଅବକାରୀ ପକ୍ଷରୁ ସୂଚନା ଦିଆଯାଇଛି

ଇମ୍ଫା ପରିସରରେ ରକ୍ତଦାନ ଶିବିର

ଟାଙ୍ଗୀ ଚୌଦ୍ୱାର, ୨୧/୧୧ (ଆ.ପ୍ର) : ବଂଶୀଧର ପଣ୍ଡାଙ୍କ ଜନ୍ମ ଦିବସ ତଥା ଇମ୍ଫା ଶିଳ୍ପଗୋଷ୍ଠୀର ୬୪ତମ ପ୍ରତିଷ୍ଠା ଦିବସ ନଭେମ୍ବର ୨୬ ତାରିଖରେ ପାଳନ ହେବାକୁ ଯାଉଛି । ଏହି ଅବସରରେ ଇମ୍ଫାର ସାମାଜିକ ଦାୟିତ୍ୱବୋଧ ଶାଖା (ବିଆଇପିଏଫ) ପରିଚାଳନାରେ ଚୌଦ୍ୱାର ଇମ୍ଫା କାରଖାନା ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶ୍ରମିକ ମାନଙ୍କ ସହିତ ଅଂଚଳର ବହୁ ଲୋକେ ଏହି ଶିବିରରେ ଯୋଗ ଦେଇଥିଲେ । ୩୧୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଉପଲକ୍ଷେ ଇମ୍ଫା ପକ୍ଷରୁ ରକ୍ତଦାତା ମାନଙ୍କୁ ବିଭିନ୍ନ ପ୍ରକାରିର ଚାରା ପ୍ରଦାନ କରାଯାଇଥିଲା । ଇମ୍ଫାର ଏଭଳି ଲୋକ ହିତକର କାର୍ଯ୍ୟ ପାଇଁ ରକ୍ତଦାତା ମାନେ ଇମ୍ଫାକୁ ଧନ୍ୟବାଦ୍ ଦେଇଛନ୍ତି ।

ଖ୍ରୀଷ୍ଟିୟ ଜନ କଲ୍ୟାଣ ସମାଜର ୧୨ ବର୍ଷ ପରେ ନୂତନ କମିଟି ଗଠିତ

ରାଇକିଆ/ଗ୍ଫ.ଉଦୟଗିରି, ୨୧/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ରାଇକିଆ ବାପ୍ଟିଷ୍ଟ ମଣ୍ଡଳୀ ଚର୍ଚ୍ଚ ପରିସରରେ ଖ୍ରୀଷ୍ଟିୟ ଜନ କଲ୍ୟାଣ ସମାଜ କନ୍ଧମାଳ ତରଫରୁ ଆଗାମୀ ଦୁଇ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହୋଇଛି । ୧୨ ବର୍ଷ ପରେ ନୂତନ କମିଟି ଗଠିତ ହୋଇଥିବାରୁ ସଭାରେ ଉପସ୍ଥିତ ସଭ୍ୟଙ୍କ ମଧ୍ୟରେ ଉତ୍ସାହ ଓ ଖୁସି ଭରି ଯାଇଥିଲା । ଜିଲ୍ଲାର ୧୨ଟି ବ୍ଲକରୁ ଆସିଥିବା ବ୍ଲକ କମିଟି କର୍ମକର୍ତ୍ତା ମାନେ ଏହି ଚୟନ ପ୍ରକ୍ରିୟାରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପୂର୍ବତନ ଉପସଭାପତି ଆଇଜାକ ଦିଗାଲ ସଭା ପରିଚାଳନା କରିଥିଲେ । ପୂର୍ବତନ ସମ୍ପାଦକ ସୁରଞ୍ଜନ ନାୟକ ଓ ସହସଭାପତି ମୋଜେସ ଦିଗାଲ ସହଯୋଗ କରିଥିଲେ । ପ୍ରତି ବ୍ଲକରୁ ଜଣେ ପ୍ରତିନିଧି ମନୋନୀତ ହୋଇ ଚୟନ କମିଟିରେ ଯୋଗ ଦେଇଥିଲେ । ତିନିଜଣିଆ ଉପଦେଷ୍ଟା ମଣ୍ଡଳୀର ସମ୍ମିଳିତ ବିଚାର ବିମର୍ଶ ପରେ ନୂତନ କମିଟି ଘୋଷଣା କରାଯାଇଥିଲା । ନୂତନ କମିଟିରେ ସଭାପତି ଭାବେ କ୍ଲେଶ ପ୍ରଧାନ ବାଲିଗୁଡା, ଉପସଭାପତି ଅମିର ଚାନ୍ଦ ନାୟକ ଦାରିଙ୍ଗବାଡି, ସମ୍ପାଦକ ପ୍ରଶାନ୍ତ କୁମାର ଦାସ ଗ୍ଫ. ଉଦୟଗିରି, ସହସମ୍ପାଦକ ବିମଳ ନାୟକ ଚକାପାଦ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ନାୟକ ରାଇକିଆ, ଉପଦେଷ୍ଟା ମଣ୍ଡଳୀ ତପନ କୁମାର ସାମନ୍ତରା, ଯବନ କୁମାର ନାୟକ, ଫାଦର୍ ମନୋଜ କୁମାର ନାୟକ, ଯୋହନ ବାରିକ, ଆଚାର୍ଯ୍ୟ ଆଇଜାକ ଦିଗାଲ, ଶରତ ବେହେରା ମାଝୀ, ଆଇନ ପରାମର୍ଶଦାତା ଅମରକାନ୍ତ ନାୟକ, ନୀତେଶ ନାୟକ, ଚନ୍ଦ୍ରକାନ୍ତ ନାୟକ, ସେହିପରି କିଛି ମୁଖ୍ୟଙ୍କୁ ଆନୁଷ୍ଠାନିକ ମୁଖ୍ୟ ଭାବରେ ମନୋନୀତ କରାଯାଇଛି । କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ସୁଧାଂଶୁ ନାୟକ ଈଶ୍ୱରଙ୍କ ବାକ୍ୟରୁ ଉପଦେଶ ପ୍ରଦାନ କରିଥିଲେ । ନୂତନ କମିଟିର ଉଜ୍ଜ୍ୱଳ କାର୍ଯ୍ୟକାଳ ପାଇଁ ଆଚାର୍ଯ୍ୟ ରାଜ କିଶୋର ଦିଗାଲ ପ୍ରାର୍ଥନା ସହ ଆଶୀର୍ବାଦ ସହ ସଭା ସମାପନ କରିଥିଲେ । ଶେଷରେ ସହସଭାପତି ମୋଜେସ ଦିଗାଲ ସମସ୍ତଙ୍କୁ ଧନ୍ୟବାଦ୍ ଦେଇ କାର୍ଯ୍ୟକ୍ରମ ଶେଷ କରିଥିଲେ ।

ମଣ୍ଡେଇ ମହୋତ୍ସବ- ୨୦୨୫ ଉପଲକ୍ଷେ ନୂତନ ମଣ୍ଡେଇ ପଡିଆ ଠାରେ ଭୂମି ପୂଜନ ଅନୁଷ୍ଠିତ

ନବରଙ୍ଗପୁର: ୨୧/୧୧(ଆ.ପ୍ର) : ଆସନ୍ତା ଡିସେମ୍ବର ମାସ ୧୨ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ନବରଙ୍ଗପୁର ଜିଲ୍ଲାର ଲୋକ ମହୋତ୍ସବ ମଣ୍ଡେଇ ୨୦୨୫ ଭୂମି ପୂଜନ ଜିଲ୍ଲାପାଳ ତଥା ଜିଲ୍ଲା ମଣ୍ଡେଇ କମିଟିର ଅଧ୍ୟକ୍ଷ ଡ ମହେଶ୍ୱର ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁର ହାଇଁ ସ୍ଥିତ ମଣ୍ଡେଇ ପଡିଆ ଠାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତପନ କୁମାର ଖୁଂଟିଆ, ଉପ ଜିଲ୍ଲାପାଳ, ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ମଣ୍ଡେଇ ମଂଚ କମିଟିର ଅଧ୍ୟକ୍ଷ ତଥା ଅଧିକ୍ଷଣ ଯନ୍ତ୍ରୀ (ଆର୍ ଏଣ୍ଡ ବି)କ୍ଷୀରୋଧର ଖଣ୍ଡପାନ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ସମାଜସେବୀ ମୁନ୍ନା ତ୍ରିପାଠୀ, ବରିଷ୍ଠ ନାଗରିକ ତଥା ଶିକ୍ଷାବିତ ନାରାୟଣ ପଣ୍ଡା, ପୌରପାଳିକା ନିର୍ବାହୀ ଅଧିକାରୀ ଡଃ ଅଶୋକ କର୍ଣ୍ଣ, ଭାରପ୍ରାପ୍ତ ତହସିଲଦାର କୃଷ୍ଣ ଗରଡ଼ା,ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ରାଧେଶ୍ୟାମ ଲାଙ୍ଗ, ସହକାରୀ ଜିଲ୍ଲାପାଳ ଆଶୁତୋଷ ପାତ୍ର ସହିତ ଅନ୍ୟ ମାନଙ୍କ ମଧ୍ୟରେ ମଂଚ କମିଟି ସଦସ୍ୟ ମୃତ୍ୟୁଞ୍ଜୟ ଦାସ, ତ୍ରିପତି ବାଲାଜୀ ସାହୁ, ଏମ୍ ବାଲାକ୍ରିଷ୍ଣା, ସୀମାଂଚଳ ରଥ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ସବିତା ପୂଜାରୀ, କପିଳେନ୍ଦ୍ର ପୂଜାରୀ, କିଶୋରୀ ପଟ୍ଟନାୟକ, ସାରଥି ସାହୁ, ସୁଜନ ସୁନା, ମହମ୍ମଦ ଇଲିୟାଶ , ଏ ସନ୍ତୋଷ କୁମାର, ନୀଳକଣ୍ଠ ନାୟକ, ଗଣମାଧ୍ୟମ ପ୍ରତିନିଧି ସହ ପୂଜକ ବିଚିତ୍ରାନନ୍ଦ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ ।

ଡକାୟତ ଦେଲେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ, ପୁଣି ଥରେ ବନ୍ଧୁକ ଓ ଭୁଜାଲି ଦେଖାଇ ଲୁଟିନେଲେ ସାଢେ ୩ ଲକ୍ଷ

ବଣାଇଁ, ୨୧/୧୧ (ଆ.ପ୍ର) : ସୁନ୍ଦରଗଡ଼ ଜିଲା ତଥା ବଣାଇଁ ଉପଖଣ୍ଡ ଖଣି ଅଂଚଳ କୋଇଡାରେ ପୁଣି ଗତ ରାତିରେ ଏକ ଘରୋଇ ପରିବହନ ସଂସ୍ଥା ମା ତାରିଣୀ ଟ୍ରାନ୍ସପୋର୍ଟରୁ ବନ୍ଧୁକ ମୁନରେ ଦୁର୍ବୃତମାନେ ସାଢେ ତିନିଲକ୍ଷ ଟଙ୍କା ଲୁଟି ଫେରାର ମାରିଛନ୍ତି । ଏପରିକି ପୋଲିସକୁ ଡକାୟତଙ୍କ ଖୋଲା ଚ୍ୟାଲେଞ୍ଜ ଦେଉଥିବା ପରିଲକ୍ଷିତ ହୋଇଛି । ବିଳମ୍ବିତ ରାତିରେ୮ ଜଣ ମୁଖା ପିନ୍ଧା ଡକାୟତ ହାତରେ ୪ ଜଣଙ୍କ ବନ୍ଧୁକ ଓ ୪ ଜଣ ଛୁରି ଭୁଜାଲି ନେଇ କୋଇଡା ମୁଖ୍ୟ ଛକ ଉପରେ ଥିବା ତାରିଣୀ କ୍ୟାରିଅର ପରିବହନ ସଂସ୍ଥା କାର୍ଯ୍ୟାଳୟରେ ପଶିଥିଲେ । ବନ୍ଧୁକ ଦେଖାଇ ପ୍ରାୟ ସାଢେ ୩ ଲକ୍ଷ ନଗଦ ଟଙ୍କା ନେଇଯାଇଥିଲେ । ଏଥିସହ କାର୍ଯ୍ୟାଳୟର ସମସ୍ତ ସିସି ଟିଭି ତାର, କମ୍ପ୍ୟୁଟର ଭାଙ୍ଗି ହାର୍ଡ ଡିସ୍କ ମଧ୍ୟ ନେଇ ଯାଇଥିଲେ । କାର୍ଯ୍ୟାଳୟ କର୍ମଚାରୀମାନେ ଥାନାକୁ ସଙ୍ଗେ ସଙ୍ଗେ ସୂଚନା ଦେଇଥିଲେ । କୋଇଡା ଥାନାକୁ କମ୍ପାନୀ ପକ୍ଷରୁ ପେଟ୍ରୋଲିଂ ପାଇଁ ଦିଆଯାଇଥିବା ଏକ ପୋଲିସ ପାଟ୍ରୋଲିଂ ଗାଡି ଦ୍ରୁତ ଗତିରେ ଏକ ଗାଡି ଆସୁଥିବା ଦେଖି ଚାଳକ ଅଟକାଇବା ପାଇଁ ଚେଷ୍ଟା କରିଥିଲେ ମାତ୍ର ଦୁର୍ବୃତ ମାନେ ତାଙ୍କ ଉପରେ ଗାଡି ଚଢାଇ ଫେରାର ମାରିଥିଲେ । ପରେ ପେଟ୍ରୋଲିଂ ଗାଡି ଚାଳକ ମୃତ ଘୋଷିତ ହୋଇଥିବା ଜଣାପଡିଛି । ପୋଲିସ କିନ୍ତୁ ଏହି ଘଟଣାକୁ ଖଣ୍ଡନ କରି ଏହା ଏକ ଦୁର୍ଘଟଣା ବୋଲି ରୂପ ଦେବାପାଇଁ ଚେଷ୍ଟା କରୁଥିବା ନେଇ ଅଂଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଉଛି । ଘଟଣା ପରେ କୋଇଡ଼ା ଥାନା ଅଧିକାରୀ ଘଟଣାସ୍ଥଳରେ ପହଂଚିଥିଲେ ଓ ତଦନ୍ତ ଆରମ୍ଭ କରିଥିଲେ । କୋଇଡା ଏକ ଖଣି ଅଂଚଳ ହୋଇଥିବାରୁ ରାତି ତମାମ ପରିବହନ କାର୍ଯ୍ୟାଳୟ ଚାଲିଥାଏ ଏବଂ ଗାଡି ଚାଳକ ମାନଙ୍କୁ ଆଡଭାନ୍ସ ଦେବାକୁ ନଗଦ ରଖିଥାଆନ୍ତି । ଏହାର ସୁଯୋଗ ନେଇ ବାରମ୍ବାର ଡକାୟତି ବଢି ଚାଲିଛି । ଏମିତିକି କୋଇଡା ଥାନା ଅଂଚଳ ହେଉ କିମ୍ବା ବଣାଇଁ ଉପଖଣ୍ଡ ସବୁଠି ବଡ ଡକାୟତି ଲୁଟ ଘଟି ଚାଲିଛି । ହେଲେ ଡକାୟତଙ୍କ ଟେର୍ ପାଇପାରୁନି ପୋଲିସ । ଗତ ଏକମାସ ମଧ୍ୟରେ ସଶସ୍ତ୍ର ଡକାୟତ ବଣାଇଁ ରଷ୍ଟି ଇଲେକ୍ଟ୍ରିକାଲରୁ ପ୍ରାୟ ଏକ କୋଟି, ବରସୁଆଁ ବି ଏନ ଆର୍ ଟ୍ରାନ୍ସପୋର୍ଟରୁ ତିନି ଲକ୍ଷ ୯୪ ହଜାର ଟଙ୍କା, କୋଇଡ଼ା ରେଙ୍ଗାଲବେଡାରୁ ସଶସ୍ତ୍ର ଲୁଟ ସମେତ ଅନେକ ଘଟଣା ଘଟାଇ ଚାଲିଛନ୍ତି । ହେଲେ ପୋଲିସ ଗୋଟେ ହେଲେ ଘଟଣାର ପର୍ଦ୍ଦାଫାସ କରି ନପାରିବା ପୋଲିସର ପାରିବା ପଣିଆକୁ ପ୍ରମାଣିତ କରୁଛି । ଅପରପକ୍ଷରେ ପୋଲିସ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ନହେଲେ ସାଧାରଣ ଜନତାଙ୍କ ଧନ ଜୀବନ ସୁରକ୍ଷିତ ରହିବ ନାହିଁ ବୋଲି ମତ ପ୍ରକାଶ ପାଉଛି ।

ସାଂସଦ ଖେଳ ମହୋତ୍ସବର ଶୁଭାରମ୍ଭ

ପାତ୍ରପୁର, ୨୧/୧୧ (ଆ.ପ୍ର) : ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ସାମନ୍ତିଆପଲ୍ଲୀ ସ୍ଥିତ ମିନି ଷ୍ଟାଡିୟମ ଠାରେ ସାଂସଦ ଖେଳ ମହୋତ୍ସବର ଶୁଭାରମ୍ଭ ହୋଇଯାଇଛି । ଏହି ମହୋତ୍ସବ ନଭେମ୍ବର ୨୧ ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଲାଗି ରହିବ । ପାତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସାଂସଦ ଖେଳ ମହୋତ୍ସବ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିକିଟୀ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ଉପାଧ୍ୟକ୍ଷ ଅନାଦି ପଣ୍ଡିତ ସରପଂଚ ଏନ୍ ତ୍ରିପତି ସମିତି ସଭ୍ୟ ପ୍ରଶାନ୍ତ କୁମାର ସାହୁ ପ୍ରଧାନ ଶିକ୍ଷକ ପ୍ରମୁଖ ମଂଚାସିନ ଥିଲେ ବିଧାୟକ ପତାକା ଉତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ଦିବସରେ ଦୌଡ଼ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ ଥିଲା । ବି ଏସ ଏସ ଓ ସ୍ନେହାସିସ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଜନ ପ୍ରତିନିଧି ଓ କର୍ମଚାରୀ ମାନେ ସହଯୋଗ କରିଥିଲେ । ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ମାନେ ପ୍ରତିଯୋଗୀ ମାନଙ୍କ ମୂଲ୍ୟାୟନ କରିଥିବା ସହ କ୍ରୀଡା ପରିଚାଳନା କରିଥିଲେ ।

ଅବସରପ୍ରାପ୍ତ ରେଳକର୍ମଚାରୀ ସଂଘର ପେନସନ ସଚେତନତା ଶିବିର

ବାଲେଶ୍ୱର, ୨୧/୧୧ (ଆ.ପ୍ର) : କେନ୍ଦ୍ର ଏବଂ ରାଜ୍ୟ ସରକାର ସ୍ୱୀକୃତିପ୍ରାପ୍ତ ତଥା ପଞ୍ଜୀକୃତ 'ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ', ବାଲେଶ୍ୱର ଶାଖାର ଏକ ପେନସନର ସଚେତନତା ଶିବିର ଅଦ୍ୟ ତା ୧୯-୧୧-୨୫ ରିଖ ବୁଧବାର ସକାଳ ୧୦ଘଟିକା ସମୟରେ ଅଙ୍କିତା ହୋଟେଲ୍ ସଭାଗୃହରେ ଅନୁଷ୍ଠିତ ହୋଇଅଛି । ଉକ୍ତ ସଭାରେ ସଭାପତି ଶ୍ରୀଯୁକ୍ତ ଚତୁର୍ଭୁଜ ଜେନା ସଭାପତିତ୍ୱ କରିଥିଲେ । ପ୍ରତିଷ୍ଠାତା ସଭାପତି ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଜେନା ସଂଘ ସମ୍ବନ୍ଧୀୟ ପ୍ରାକ୍ କଥନ ରଖିଥିଲେ । ସମ୍ପାଦକ ରାମଚନ୍ଦ୍ର ଦାସ ବିଗତ ବୈଠକର ବିବରଣୀ ପାଠ କରିବା ସହିତ ସଂଘକୁ କିପରି ଆଗକୁ ନିଆଯିବ ସେ ସମ୍ବନ୍ଧରେ ନିଜର ଅଭିମତ ରଖିଥିଲେ । ଉପସଭାପତି ସତ୍ୟରଞ୍ଜନ ରାଉତ ଅବସରପ୍ରାପ୍ତ ରେଳକର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ମନ୍ତବ୍ୟ ରଖିଥିଲେ । ଆଜିର ସଚେତନତା ଶିବିର କାର୍ଯ୍ୟକ୍ରମରେ ବାଲେଶ୍ୱର ଷ୍ଟେଟବ୍ୟାଙ୍କ୍ ଅଧିକାରୀ ହିମାଂଶୁ ଶେଖର ଦାସ ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ୟା ତଥା ସମାଧାନ ଉପରେ ବିଭିନ୍ନ ସରକାରୀ ତଥ୍ୟମାନ ପ୍ରଦାନ କରିଥିଲେ । ଅନ୍ୟତମ ମହିଳା ଅଧିକାରୀ ସୁବର୍ଣ୍ଣା ଘଡ଼ାଇ ଅବସରପରେ ପେନସନରମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ତଥା ତା'ର ପ୍ରତିକାର ସମ୍ବନ୍ଧୀୟ ବ୍ୟାଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସଭାକୁ ଅବଗତ କରାଇଥିଲେ ତଥା ଅବସରପ୍ରାପ୍ତ ରେଳକର୍ମଚାରୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ । ଦେବାଶିଷ କୁମାର ଦାସ, ନୀଳକଣ୍ଠ ଦାସ, ଭାଗବତ ଦାସ, କମଳାକାନ୍ତ ନାୟକ, ପଦ୍ମନାଭ ସାମଲ ବିଭିନ୍ନ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସଭାପତି ଶ୍ରୀଯୁକ୍ତ ଜେନା ସଦସ୍ୟମାନଙ୍କର ବିଭିନ୍ନ ଆଇନଗତ ସମସ୍ୟା, ସ୍ୱାସ୍ଥ୍ୟଗତ ସମସ୍ୟା, ପାଶ୍ ତଥା ପିଟିଓ ପାଇବାକୁ ପ୍ରଚେଷ୍ଟା, ଚେନ୍ନାଇରେ ସର୍ବଭାରତୀୟ ରେଳକର୍ମଚାରୀ ସଂଘ ସମ୍ମିଳନୀରେ ଯୋଗ ଦେବା ଏବଂ ସେଠାକାର ଆଲୋଚନା ବିଷୟରେ ସଭାରେ ଅବଗତ କରାଇଥିଲେ । ପୂର୍ବତନ ସଭାପତି, ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସରକାରୀ ପ୍ରଦତ୍ତ ସୁରକ୍ଷା ପାଇବାର ପନ୍ଥା ବିଷୟରେ ଅବଗତ କରାଇଥିଲେ । ଉକ୍ତ ସଭାରେ ଶତାଧିକ ସଦସ୍ୟ ସଦସ୍ୟା ଯୋଗଦାନ ସହ ନିଜର ସମସ୍ୟା ଏବଂ ସଂଘ ନିମନ୍ତେ ସୁପରାମର୍ଶମାନ ପ୍ରଦାନକାରୀଙ୍କ ମଧ୍ୟରେ ବିଧାନ ରଞ୍ଜନ ରାୟ, ରବୀନ୍ଦ୍ର ନାଥ ରଣା, ଗଗନ ଦଳାଇ, ଶରତ ଚନ୍ଦ୍ର ନାୟକ, ଅଜୟ କୁମାର ସାମନ୍ତରାୟ, ଅନୀଲ ବେହେରା, ପ୍ରତାପ ଚନ୍ଦ୍ର ସାମନ୍ତରାୟ, ରାଫଉଲ୍ଲା ଖାଁ, ଅଶୋକ କୁମାର ମହାନ୍ତ, ହିମାଂଶୁ ଶେଖର ପ୍ରଧାନ, ଭଗବାନ ନାୟକ, ଏସ୍.ଏନ୍. ଓଝା, ବସନ୍ତ କୁମାର ଦାସ, ରବୀନ୍ଦ୍ରନାଥ ତ୍ରିପାଠୀ, ତଳି ବେହେରା, ହରେକୃଷ୍ଣ ବେହେରା, ସୁକୁମାର ବେହେରା, ଉମାକାନ୍ତ ଦାସ, ସୁଧାଂଶୁ ଶେଖର ମହାପାତ୍ର, ହରେକୃଷ୍ଣ ପ୍ରଧାନ ପ୍ରମୁଖ ନିଜର ବକ୍ତବ୍ୟ ପ୍ରଦାନ କରିବା ସହିତ କୋଷାଧ୍ୟକ୍ଷ ବଙ୍କିମ ଚନ୍ଦ୍ର ପତି ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ । ଅବଶେଷରେ ବିଜୟ କୁମାର ସେନାପତି ଧନ୍ୟବାଦ ପ୍ରଦାନ କରିଥିଲେ ।

ସିୟୁଓ ଓ ୟୁନିସେଫ୍ ମିଳିତ ଭାବେ କରିବେ 'ଜନଜାତୀୟ ସଂଚାର କେନ୍ଦ୍ର'

କୋରାପୁଟ, ୨୧/୧୧ (ପି.ଆଇ.ବି) : ଓଡିଶାର ସମୃଦ୍ଧ ଆଦିବାସୀ ସଂସ୍କୃତି, ପାରମ୍ପରିକ ଜ୍ଞାନ ଓ ସମୁଦାୟର କଥାକୁ ମୁଖ୍ୟଧାରାରେ ଆଣିବା ପାଇଁ କେନ୍ଦ୍ରୀୟ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସିୟୁଓ), କୋରାପୁଟ ଓ ୟୁନିସେଫ୍ ଓଡିଶା ମଧ୍ୟରେ 'ଜନଜାତୀୟ ସଂଚାର କେନ୍ଦ୍ର (ଟିସିସି)' ସ୍ଥାପନ ପାଇଁ ଏକ ରଣନୀତିମୂଳକ ସହଯୋଗ ଚୁକ୍ତି ସ୍ୱାକ୍ଷର ହୋଇଛି । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି, ଜନଜାତିୟ ସମୁଦାୟର ସାମାଜିକ ଆର୍ଥିକ ସଶକ୍ତିକରଣ, ପାରମ୍ପରିକ ଜ୍ଞାନ ଓ ପ୍ରଥାମାନଙ୍କ ସୁରକ୍ଷା ଏବଂ ସମୃଦ୍ଧି ସହିତ ସମାନ ସୁଯୋଗ ନିଶ୍ଚିତ କରି ରାଜ୍ୟର ଉନ୍ନୟନ ମୁଖ୍ୟଧାରାରେ ତାଙ୍କୁ ଅନ୍ତର୍ଭୁକ୍ତ କରିବା । ୨୦ ନଭେମ୍ବର ୨୦୨୫ରେ ସୁନାବେଡା ସ୍ଥିତ ସିୟୁଓ କ୍ୟାମ୍ପସ୍ରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଓ ୟୁନିସେଫ୍ ଓଡିଶାର ଫିଲ୍ଡ ଅଫିସ୍ର ଚିଫ୍ ୱିଲିଆମ୍ ହାନ୍ଲନ୍ ଔପଚାରିକ ଭାବେ ଉଦ୍ଦେଶ୍ୟ ପତ୍ର ସ୍ୱାକ୍ଷର କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ବିତ୍ତ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ପତ୍ରକାରିତା ଏବଂ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ମୁଖ୍ୟ ଡ଼. ନିଖିଲ କୁମାର ଗୌଡ଼, ଓ ଅଧ୍ୟାପକ ମଣ୍ଡଳୀ , ୟୁନିସେଫ୍ ଓଡିଶାର ଏସବିସି ବିଶେଷଜ୍ଞ ଡ଼. ସୁଗତ ରାୟ, ସିୟୁଓର ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପଦକ୍ଷେପକୁ ବିଶ୍ୱବିଦ୍ୟାଳୟ ପାଇଁ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି ବ୍ୟାଖ୍ୟା କରି ପ୍ରଫେସର ପଣ୍ଡା କହିଥିଲେ, "ବିଶ୍ୱବିଦ୍ୟାଳୟରେ ଜନଜାତୀୟ ସଂଯୋଗ କେନ୍ଦ୍ର ସ୍ଥାପନ ହେବା ଆମ ପାଇଁ ଗର୍ବର ବିଷୟ । ଏହା ଛାତ୍ରଛାତ୍ରୀ ଓ ଜନଜାତୀୟ ସମୁଦାୟ ସମସ୍ତଙ୍କୁ ସଶକ୍ତ କରିବ ଓ ଆଦିବାସୀ ବହୁଳ ଅଂଚଳମାନଙ୍କ ସାମଗ୍ରିକ ବିକାଶରେ ମୂଲ୍ୟବାନ ଭୂମିକା ନିର୍ବାହ କରିବ । ଏହା ସହ ଜନଜାତୀୟ ଅଧିକାର ଓ ପ୍ରତିନିଧିତ୍ୱକୁ ସୁଦୃଢ଼ କରିବାରେ ଏହା ହେଉଛି ଐତିହାସିକ ପଦକ୍ଷେପ ।" ଟିସିସି ଜନଜାତୀୟ ସଂସ୍କୃତି, ପରମ୍ପରା ଓ ସଂଯୋଗ ପ୍ରଥାମାନଙ୍କର ସୁସଂଗଠିତ ପ୍ରଲେଖନ କରିବ । ଏହା ସ୍ଥାନୀୟ ଭାଷାମାନଙ୍କରେ ବିଭିନ୍ନ ସାମଗ୍ରୀ ତିଆରି କରି ଏହାର ପ୍ରଚଳନକୁ ବୃଦ୍ଧି କରିବ । ଛାତ୍ରଛାତ୍ରୀ, ଗବେଷକ ଓ ସମୁଦାୟ ପ୍ରତିନିଧିମାନଙ୍କ ପାଇଁ ଏହା ଏକ ସକ୍ରିୟ ମଂଚ ଭାବେ କାର୍ଯ୍ୟ କରି ବିଶେଷ ଭାବେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, କିଶୋର ବିକାଶ ଓ ଜଳବାୟୁ ସହନଶୀଳତା ବିଷୟରେ ଅନୁସନ୍ଧାନ ଓ ଆଲୋଚନାକୁ ପ୍ରୋତ୍ସାହନ ଯୋଗାଇବ । ସହଭାଗୀତାମୂଳକ ପ୍ରକଳ୍ପ, କାର୍ଯ୍ୟଶାଳା ଓ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ଏହି କେନ୍ଦ୍ର ପାରମ୍ପରିକ ଜ୍ଞାନକୁ ଆଧୁନିକ ଜ୍ଞାନ ଓ ଉନ୍ନୟନ ଆବଶ୍ୟକତା ସହିତ ସମନ୍ୱୟ କରିବ । ୱିଲିଆମ୍ ହାନ୍ଲନ୍ ଜୁନିୟର କହିଥିଲେ ଯେ, ଏହି ଭାଗୀଦାରୀ ଆମର ମିଳିତ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ ଯାହା ଉନ୍ନୟନର କେନ୍ଦ୍ରବିନ୍ଦୁରେ ଜନଜାତୀୟ ଦୃଷ୍ଟିଭଙ୍ଗୀକୁ ସ୍ଥାନ ଦେବାକୁ ଗୁରୁତ୍ୱ ଦେବ । ସେ କହିଲେ ଯେ, ଟ୍ରାଇବାଲ୍ କମ୍ୟୁନିକେସନ୍ ସେଲ୍ ପ୍ରମାଣଭିତ୍ତିକ ତଥ୍ୟ ସୃଷ୍ଟି, କ୍ଷମତା ବୃଦ୍ଧି, ଏବଂ ସାରଗର୍ଭିତ ଆଲୋଚନା ପାଇଁ ଅର୍ଥପୂର୍ଣ୍ଣ ମଂଚ ସୃଷ୍ଟି କରିବାରେ ପରିବର୍ତ୍ତନମୂଳକ ଭୂମିକା ନିଭାଇବ । ଏହା ଶେଷ ପର୍ଯ୍ୟନ୍ତ ଓଡିଶାର ଜନଜାତୀୟ କ୍ଷେତ୍ରରେ ଶିଶୁମାନଙ୍କ ଏବଂ ପରିବାରମାନଙ୍କ ଅଧିକାର ସୁଦୃଢ଼ କରିବା ସହିତ ସେମାନଙ୍କର ସମୁଚିତ କଲ୍ୟାଣକୁ ବିକଶିତ କରିବାରେ ମୁଖ୍ୟଭୂମିକା ଗ୍ରହଣ କରିବ । ଏହି କେନ୍ଦ୍ରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ମୁଖ୍ୟ ଡ଼ଃ ନିଖିଳ କୁମାର ଗୌଡ଼ କହିଥିଲେ ଯେ, ବିଭାଗଦ୍ୱାରା ପରିଚାଳିତ ହେବାକୁଥିବା ଏହି ଟ୍ରାଇବାଲ୍ କମ୍ୟୁନିକେସନ୍ ସେଲ୍ ଗବେଷଣା, ଡକ୍ୟୁମେଂଟେସନ୍, କ୍ଷମତା ବୃଦ୍ଧିକରଣ ଏବଂ ସମୁଦାୟ ସଂପୃକ୍ତିକରଣ ପାଇଁ ଗୋଟିଏ ଉତ୍କୃଷ୍ଟ କେନ୍ଦ୍ର ଭାବେ କାର୍ଯ୍ୟ କରିବ । ୟୁନିସେଫ୍ ପକ୍ଷରୁ ପ୍ରାପ୍ତ ସହଯୋଗ ଓ ନିରନ୍ତର ସମର୍ଥନ ସହିତ, ଏହି ସେଲ୍ ଜାତିୟ ଅନୁଭୂତି, ସଂସ୍କୃତିକ ପରିପେକ୍ଷ୍ୟ ଓ ଆଦିବାସୀ ସମାଜର ଜୀବନଅନୁଭବକୁ ସଠିକ ଭାବରେ ପ୍ରତିଫଳିତ କରିଥିବା ସଂଯୋଗ ମଡେଲ୍ ବିକାଶ କରିବାକୁ ଲକ୍ଷ୍ୟରଖିଛି । ଚୁକ୍ତିପତ୍ର ସ୍ୱାକ୍ଷର ସମୟରେ ଡ଼ଃ ସୌରଭ ଗୁପ୍ତା, ଡ଼ଃ ପ୍ରଦୋଷ କୁମାର ରଥ, ଡ଼ଃ ଗୌରବ ରଞ୍ଜନ, ସୁମିତ କୁମାର ବେହେରା, ଡ଼ଃ ସୋନି ପାଢ଼ି, ଡ଼ଃ ତଲତ ଜହାଁ ବେଗମ୍ ଓ ଲୋକସମ୍ପର୍କ ଅଧିକାରୀ ଡ଼ଃ ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଓଡିଶାରେ ପ୍ରାୟ ୯.୬ ମିଲିଅନ୍ ଜନଜାତୀୟ ଲୋକ ରାଜ୍ୟର ୨୩ ଶତାଂଶ ଜନସଂଖ୍ୟା ନିବାସ କରୁଛନ୍ତି ।

ଡ଼ିଆରଡ଼ିଓ ଠାରୁ ପ୍ରତିରକ୍ଷା-ଗ୍ରେଡ୍ ଡ଼ିଏମଆର-୨୪୯ ଏ ଇସ୍ପାତ ପାଇଁ ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର ପ୍ରମାଣପତ୍ର ହସ୍ତାନ୍ତର

ରାଉରକେଲା, ୨୧/୧୧ (ଆ.ପ୍ର) : ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡ଼ିଆରଡ଼ିଓ) ଅଧୀନରେ ପ୍ରତିରକ୍ଷା ଧାତୁ ଗବେଷଣା ପ୍ରୟୋଗଶାଳା (ଡ଼ିଏମଆରଏଲ) ଦ୍ୱାରା ପ୍ରତିରକ୍ଷା-ଗ୍ରେଡ୍ ଡ଼ିଏମଆର-୨୪୯ ଏ ଇସ୍ପାତ ପାଇଁ ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର ପାଇଁ ଲାଇସେନ୍ସିଂ ଚୁକ୍ତିନାମା ପ୍ରମାଣପତ୍ର ଆନୁଷ୍ଠାନିକ ଭାବରେ ସେଲ ରାଉରକେଲା ଇସ୍ପାତ କାରଖାନାକୁ ହସ୍ତାନ୍ତର କରାଯାଇଛି । ନଭେମ୍ବର ୧୫ ତାରିଖରେ ହାଇଦ୍ରାବାଦର ତମହଙ୍କାର ଅଡିଟୋରିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ପେଶାଲ୍ ପ୍ଲେଟ ପ୍ଲାଂଟ ବିଭାଗର ଜିଏମ ଇନ-ଚାର୍ଜ ଆର ଏସ ଶର୍ମା ଏବଂ ଡ଼ିଜିଏମ ଡି ଏସ ଦେ ଆରଏସପି ତରଫରୁ ଏହି ମର୍ଯ୍ୟାଦାଜନକ ଡକ୍ୟୁମେଂଟ ଗ୍ରହଣ କରିଥିଲେ । ଏହି ଅବସରରେ, ଡ଼ିଆରଡ଼ିଓର ଡ଼ିଡ଼ିଆର ଆଣ୍ଡ ଡି ତଥା ଅଧ୍ୟକ୍ଷ ଡକ୍ଟର ସମୀର ଭି କାମତ, ସଚିବ ସ୍ୱଦେଶୀ ଭାବରେ ଏହି ସ୍ୱତନ୍ତ୍ର ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଡ଼ିଏମଆରଏଲର ଉଚ୍ଚ ପ୍ରଶଂସା କରିଥିଲେ । ସେ ଗୁରୁତ୍ୱାରୋପ କରିଥିଲେ ଯେ ସେଲ ଭଳି ସକ୍ଷମ ଶିଳ୍ପ ଅଂଶୀଦାରଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର କରିବା ଦ୍ୱାରା ଭାରତୀୟ ସଶସ୍ତ୍ର ବାହିନୀକୁ ଉନ୍ନତ ସାମଗ୍ରୀର ନିୟମିତ ଏବଂ ନିର୍ଭରଯୋଗ୍ୟ ଯୋଗାଣ ପାଇଁ ଇକୋସିଷ୍ଟମକୁ ଯାଇପାରିବ । ଉଲ୍ଲେଖନୀୟ ଯେ, ୨୪୯ ଏ ହେଉଛି ଏକ ବିଶେଷ, ଉଚ୍ଚ-ଶକ୍ତି, କଠିନ ଇସ୍ପାତ, ଯାହାକୁ ଦେଶର ନୌସେନା ପ୍ରୟୋଗ ପାଇଁ ଡ଼ିଆରଡ଼ିଓ ଦ୍ୱାରା ସତର୍କତାର ସହିତ ବିକଶିତ କରାଯାଇଛି, ଯାହା ନୌସେନା ଜାହାଜର ମାଂସପେଶୀ ଗଠନ କରିଥାଏ । ଏହା ଆମ ଦେଶକୁ ସୁରକ୍ଷା ଦେଉଥିବା ସ୍ୱଦେଶୀ ଯୁଦ୍ଧଜାହାଜ ଏବଂ ବୁଡ଼ାଜାହାଜ ନିର୍ମାଣରେ ଏକ ପ୍ରମୁଖ ଉପାଦାନ । ଡ଼ିଏମଆରଏଲରେ ଏକ ପରୀକ୍ଷାଗାର ନମୁନାରୁ ଏକ ୪୦ ମିଲିମିଟର ମୋଟେଇଯୁକ୍ତ ସର୍ବୋତ୍କୃଷ୍ଟ ରୋଲ ହୋଇଥିବା ହିଟ ଟ୍ରିଟେଡ ପ୍ଲେଟର ଯାତ୍ରା ଅତ୍ୟନ୍ତ ଅନନ୍ୟ । ଏଥିପାଇଁ ଡ଼ିଏମଆରଏଲର ପ୍ରଯୁକ୍ତି ସଠିକତା ଏବଂ ସେଲର ନିର୍ମାଣ ଦକ୍ଷତାର ଆବଶ୍ୟକତା ରହିଛି ଯେଉଁମଧ୍ୟରେ ଭିଲାଇ ଷ୍ଟିଲ ପ୍ଲାଂଟରେ କାଷ୍ଟ ହୋଇଥିବା ସ୍ଲାବ୍ ଠାରୁ ରାଉରକେଲା ଷ୍ଟିଲ୍ ପ୍ଲାଂଟରେ ପ୍ରସ୍ତୁତ ଚୂଡାନ୍ତ ପ୍ଲେଟ ପର୍ଯ୍ୟନ୍ତ ବହିଷ୍ଣ ପ୍ରକ୍ରିୟା ସାମିଲ ରହିଛି । ଏହା ଏହାର ସର୍ବୋତମ ରୂପରେ 'ଲ୍ୟାବ୍-ଟୁ-ଇଣ୍ଡଷ୍ଟ୍ରି' ମଡେଲ୍ । ଏହା ଡ଼ିଏମଆରଏଲ ଏବଂ ସେଲର ଅଗଣିତ ବୈଜ୍ଞାନିକ, ଇଞ୍ଜିନିୟର, ଟେକ୍ନିସିଆନ୍ ଏବଂ କର୍ମଚାରୀଙ୍କ ଅକ୍ଳାନ୍ତ ପ୍ରୟାସର ଫଳାଫଳ, ଯେଉଁମାନେ ଏହି ଅସାଧାରଣ ଉତ୍ପାଦର ବିକାଶ, ପରୀକ୍ଷଣ, ରୋଲିଂ ଏବଂ ଗୁଣବତ୍ତା ସୁନିଶ୍ଚିତ ଉପରେ କାର୍ଯ୍ୟ କରିଛନ୍ତି । ସେଲ ଆରଏସପିକୁ ଉକ୍ତ ପ୍ରମାଣପତ୍ର ହସ୍ତାନ୍ତର ମଧ୍ୟ ପ୍ରତିରକ୍ଷାର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏକ ଆତ୍ମନିର୍ଭର ଭାରତ ନିର୍ମାଣ ଦିଗରେ ଭାରତର ତ୍ୱରାନ୍ୱିତ ଯାତ୍ରାର ଏକ ଶକ୍ତିଶାଳୀ ପ୍ରତୀକ । ଏହା ଭାରତର ପ୍ରମୁଖ ଗବେଷଣା ଏବଂ ବିକାଶ ସଂସ୍ଥା ଡ଼ିଆରଡ଼ିଓ ଏବଂ ସେଲ ମଧ୍ୟରେ ସଫଳ, ସମନ୍ୱିତ ସହଭାଗୀତାକୁ ପ୍ରତିନିଧିତ୍ୱ କରେ ।

ବାଲେଶ୍ୱର କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର କ୍ରିୟାନୁଷ୍ଠାନ କମିଟିର ଧାରଣା

ନୀଳଗିରି, ୨୧/୧୧ (ଆ.ପ୍ର) : ବାଲେଶ୍ୱର କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାଲେଶ୍ୱର ଜିଲ୍ଲା ରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ, ଆଜି ନୀଳଗିରି ଶାଖା ପକ୍ଷରୁ ପୂର୍ବତନ କଲେଜ ଅଧକ୍ଷ ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ନୀଳଗିରି ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଗୋଟିଏ କୃଷି ପ୍ରଧାନ ଜିଲ୍ଲା ଭାବେ ପରିଚିତ । ଉକ୍ତ ଜିଲ୍ଲାରେ ଲୋକମାନେ ଧାନ, ପାନ, ମୀନକୁ ନେଇ କାଳାତିପାତ କରନ୍ତି । କିନ୍ତୁ ସରକାର କୃଷିକୁ ଗୁରୁତ୍ୱ ଦେଉନାହାନ୍ତି । ତେଣୁ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ହେଲେ ବାଲେଶ୍ୱର ଜିଲ୍ଲାରେ କୃଷକ ମାନଙ୍କର ଉନ୍ନତି ହେବା ସହିତ ଜିଲ୍ଲାର ବେକାରୀ ସମସ୍ୟା ଦୂର ହୋଇପାରିବ । ଉକ୍ତ କମିଟି ର ସାଧାରଣ ସମ୍ପାଦକ ଅଭୟ ମିଶ୍ର, ଉପସଭାପତି ହରି ନାରାୟଣ ମହୁଆଳ, କ୍ଷେତ୍ରେଶ୍ୱରୀ ଦାସ, ପ୍ରଫୁଲ୍ଲ କୁମାର ଦାସ, କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଜରୁରୀ ବୋଲି ଅଭିଭାଷଣ ପ୍ରଦାନ କରିଥିଲେ । ପୂର୍ବତନ ବିଧାୟକ ଚିତରଞ୍ଜନ ଷଡଙ୍ଗୀ, ସି ପି ଆଇ (ଏମ)ନେତା ବିଜୟ କୁମାର ପାତ୍ର, ଅମରେନ୍ଦ୍ର ନାୟକ, ଉମାକାନ୍ତ ଷଡଙ୍ଗୀ, କାଳିଆ ପାତ୍ର, ଷାଳିନ ମିଶ୍ର, ସିପିଆଇ ନେତା ନିରଞ୍ଜନ ବାରିକ, ଗୋବିନ୍ଦ ଚନ୍ଦ୍ର ଭୋଇ, ଉପସ୍ଥିତ ରହି କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କାରୀ ଅଭିଭାଷଣ ପ୍ରଦାନ କରିଥିଲେ । ଶେଷରେ ପ୍ରଫୁଲ୍ଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଧାରଣ ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି ।

ଟ୍ରାକ୍ଟର ଦୁର୍ଘଟଣାରେ ନାବାଳକ ମୃତ

ପାତ୍ରପୁର, ୨୧/୧୧ (ଆ.ପ୍ର) : କରଡା ଥାନା ଅନ୍ତର୍ଗତ କେଲୁଆ ନିକଟ କେନାଲ ପାର୍ଶ୍ୱରେ ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ନାବାଳକ ମୃତ ହୋଇଥିବା ଜଣାପଡିଛି । ମୃତକ ଜଣକ ହେଲେ କେଲୁଆ ଗ୍ରାମର କ୍ଷୀରସିନ୍ଧୁ ସାହୁଙ୍କ ୧୨ ବର୍ଷର ପୁଅ ସମୁ ସାହୁ ବୋଲି ଜଣାପଡିଛି । ସମୁ କେନାଲକୁ ଗାଧୋଇବା ପାଇଁ ଯାଇଥିଲେ କେନାଲ ନିକଟରେ ଟ୍ରାକ୍ଟରଟି ସମୁକୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପାତ୍ରପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଥିଲା କିନ୍ତୁ ସମୁଙ୍କର ସନ୍ଧ୍ୟାରେ ମୃତ୍ୟୁ ହୋଇଥିବା ଜଣାପଡିଛି । ସୂଚନା ପାଇ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି ।

କାନ୍ଦେନା ଲୁହ ସରିଯିବ ନାଟକ ମଂଚସ୍ଥ

ଖଣ୍ଡପଡ଼ା, ୨୧/୧୧ (ଆ.ପ୍ର) : ଖଣ୍ଡପଡ଼ା ସହରର ରଥଗାଡ଼ି ଛକରେ ସ୍ଥାନୀୟ ଅଂଚଳର କଳାକାର ମାନଙ୍କୁ ନେଇ ସାମାଜିକ ନାଟକ 'କାନ୍ଦେନା ଲୁହ ସରିଯିବ' ମଂଚସ୍ଥ ହୋଇଯାଇଛି । ନିର୍ଦ୍ଦେଶକ ଡି କ୍ରିଷ୍ଣାଙ୍କ ନିର୍ଦ୍ଦେଶନାରେ ମଂଚସ୍ଥ ନାଟକର ବିଭିନ୍ନ ଭୂମିକାରେ କଳାକାର ଗୋପୀନାଥ ଆଚାର୍ଯ୍ୟ,ବିନାୟକ ସୁନ୍ଦର ସିଂ,ଗୋପାଳ ପଣ୍ଡା, ଅଭୟ ମିଶ୍ର, ବାନାମ୍ବର ମହାପାତ୍ର, ପ୍ରତାପ ବେହେରା, ଦିବ୍ୟ ରଞ୍ଜନ ମିଶ୍ର, ସନାତନ ଦାଶ ଅନ୍ୟ କଳାକାର ମାନଙ୍କ ନିଖୁଣ ଅଭିନୟ ମଂଚ ନିକଟରେ ଉପସ୍ଥିତ ଶହଶହ ଦର୍ଶକଙ୍କ ମନ ଜିଣି ପାରିଥିଲା । ମଂଚସ୍ଥ ନାଟକ ସାଇ କ୍ରିଏଟିଭସର ୯ ମ ଅବଦାନ ବୋଲି ଜଣାପଡିଛି । ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପଣ୍ଡିତ ମନୋଜ କୁମାର ଦାଶ, ଆଇନଜୀବି ବିକ୍ରମ କେଶରୀ ଦେଓ, ସମାଜସେବୀ ଚିତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ କଳାକାର ଓ ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସ୍ମରଣାର୍ଥେ ଜନଜାତିୟ ଗୌରବ ଦିବସ ସପ୍ତାହ-୨୦୨୫ ପାଳନ

ନୀଳଗିରି, ୨୧/୧୧ (ଆ.ପ୍ର) : ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମଜୟନ୍ତୀ ପାଳନ ଅବସରରେ ତାଙ୍କର ବୀରତା, ତ୍ୟାଗ ଏବଂ ଐତିହାସିକ ସଂଘର୍ଷକୁ ସ୍ମରଣ କରି ଫକୀରମୋହନ ବିଶ୍ୱବିଦ୍ୟାଳୟ 'ଜନଜାତିୟ ଗୌରବ ଦିବସ ସପ୍ତାହ-୨୦୨୫' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆନ୍ଥ୍ରୋପୋଲୋଜି ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଭାରତର ଜନଜାତି ସମୁଦାୟମାନଙ୍କ ସାମ୍ପ୍ରଦାୟିକ ଐତିହ୍ୟ, ପରିଚୟ ଓ ଐତିହାସିକ ଅବଦାନକୁ ସ୍ମରଣ କରିଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଅଧକ୍ଷୀୟ ଉଦ୍ବୋଧନରେ ଭଗବାନ ବିର୍ସାମୁଣ୍ଡାଙ୍କୁ ସମ୍ମାନ ଜଣାଇ କହିଲେ ଯେ, ଭାରତର ଜନଜାତି ମୁକ୍ତିଆନ୍ଦୋଳନରେ ତାଙ୍କ ଅପୂର୍ବ ଅବଦାନ ଆଜି ମଧ୍ୟ ଦେଶର ଅସଂଖ୍ୟ ଲୋକଙ୍କୁ ପ୍ରେରିତ କରେ । ସେ ବିଶ୍ୱବିଦ୍ୟାଳୟର ଜନଜାତି ଅଧ୍ୟୟନ, ସ୍ଥାନୀୟ ଜ୍ଞାନ ପ୍ରଣାଳୀ ଏବଂ ସମୁଦାୟମୁଖୀ ଗବେଷଣାକୁ ଆଗେଇ ନେବାକୁ ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମ୍ମାନୀୟ ଅତିଥିବର୍ଗ ନିଜର ଗଭୀର ଅନୁଭୂତି ଓ ଗବେଷଣାମୂଳକ ମତାମତ ରଖିଥିଲେ । ପ୍ରଫେସର ଭାସ୍କର ବେହେରା, ଅଧ୍ୟକ୍ଷ, ସ୍ନାତକୋତର ପରିଷଦ, ଭଗବାନ ବିର୍ସାମୁଣ୍ଡାଙ୍କ ଅଦମ୍ୟ ନେତୃତ୍ୱକୁ ସ୍ମରଣ କରି କହିଲେ ଯେ, ଉପନିବେଶୀ ଶୋଷଣବିରୋଧରେ ତାଙ୍କର ସଂଘର୍ଷ ଜନଜାତି ଶକ୍ତିକରଣ ଏବଂ ସମାବେଶୀ ବିକାଶ ବିଷୟ ଏହି ଆଲୋଚନାର ମୁଖ୍ୟ ଆଧାର । ଡ଼କ୍ଟର ବସନ୍ତ କୁମାର ମହାନ୍ତ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଭଗବାନ ବିର୍ସାମୁଣ୍ଡାଙ୍କ ନେତୃତ୍ୱରେ ଘଟିଥିବା ବିଭିନ୍ନ ବିରୋଧ ଆନ୍ଦୋଳନକୁ ଉଲ୍ଲେଖ କରି କହିଥିଲେ ଯେ, ସେଗୁଡିକ କେବଳ ଐତିହାସିକ ଘଟଣା ନୁହେଁ—ସମକାଳୀନ ଭାରତର ଜନଜାତି ସମୁଦାୟମାନଙ୍କ ସମସ୍ୟାଗୁଡିକୁ ବୁଝିବାର ଏକ ମହତ୍ୱପୂର୍ଣ୍ଣ ପରିପ୍ରେକ୍ଷ୍ୟ । ଡ଼କ୍ଟର ବିଷ୍ଣୁ କଲ୍ୟାଣ ମହାନ୍ତି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଆଭାସୀ ମାଧ୍ୟମରେ ଯୋଗଦେଇ- ଜନଜାତି ସମାଜର ସାମ୍ପ୍ରଦାୟିକ ସମୃଦ୍ଧି ଓ ଭଗବାନ ବିର୍ସାମୁଣ୍ଡାଙ୍କ ଆଦର୍ଶର ସମକାଳୀନ ପ୍ରସଙ୍ଗିକତାକୁ ଉଲ୍ଲେଖ କରି କହିଲେ ଯେ, ଏଗୁଡିକ ସାମାଜିକ ନ୍ୟାୟ, ସାମ୍ପ୍ରଦାୟିକ ସୁରକ୍ଷା ଓ ଜନଜାତି ଐତିହ୍ୟ ଉପରେ ଗବେଷଣା ପାଇଁ ଦିଗନିର୍ଦ୍ଦେଶକ । ମୁଖ୍ୟବକ୍ତା ଭାବେ ପ୍ରଫେସର କାହ୍ନୁଚରଣ ଶତପଥୀ, (ଉତ୍କଳ ବିଶ୍ୱବିଦ୍ୟାଳୟ), ଯୋଗଦେଇ- ଭାରତର ମୁକ୍ତିଆନ୍ଦୋଳନରେ ଜନଜାତି ଆନ୍ଦୋଳନମାନଙ୍କ ଐତିହାସିକ ଭୂମିକାକୁ ବିଶେଷ ଭାବେ ଭଗବାନ ବିର୍ସାମୁଣ୍ଡାଙ୍କ ବିପ୍ଳବୀୟ ଅବଦାନ ସଂପର୍କରେ ଉପସ୍ଥାପନ କରିବା ସହ ମୁଖ୍ୟ ଧାରା ଶିକ୍ଷା ଓ ଗବେଷଣାରେ ଜନଜାତି ଦୃଷ୍ଟିଭଙ୍ଗୀ ଓ ସୂକ୍ଷ୍ମଜ୍ଞାନକୁ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତାକୁ ଉଦ୍ବୋଧନ କରିଥିଲେ । କାର୍ଯ୍ୟକ୍ରମର ସ୍ୱାଗତ ଉଦବୋଧନ ବିଭାଗ ସଂଯୋଜକ ଡ଼କ୍ଟର ସବିତା ନନ୍ଦ ସା ପ୍ରଦାନ କରି, ଜନଜାତିୟ ଗୌରବ ଦିବସର ଗୁରୁତ୍ୱ ଓ ଭଗବାନ ବିର୍ସାମୁଣ୍ଡାଙ୍କ ଶାଶ୍ୱତ ଐତିହ୍ୟ ବିଷୟରେ ଆଲୋକ ପାତ କରିଥିଲେ । କାର୍ଯ୍ୟକ୍ରମଟି ସହାୟକ ପ୍ରଫେସର ଡ଼କ୍ଟର ବିଶ୍ୱଜିତ ପରିଡାଙ୍କ ସଂଚାଳନାରେ ହୋଇଥିଲା ଏବଂ ସହାୟକ ପ୍ରଫେସର ଡ଼କ୍ଟର ଆକାଶ ମଲ୍ଲିକ ଧନ୍ୟବାଦ ଜ୍ଞାପନ କରିଥିଲେ ।

ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ

ନୀଳଗିରି, ୨୧/୧୧ (ଆ.ପ୍ର) : ରାଜ୍ୟସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ନୀଳଗିରି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ନୀଳଗିରି ଥାନାପଡିଆରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତମେଳାରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଅନୁଷ୍ଠାନିକ ଭାବେ ଯୋଗଦେଇ ମାଛଚାଷ, କୁକୁଡ଼ା ଚାଷ, ଗୋ ପାଳନ, ପ୍ରମୁଖ ସମ୍ପର୍କରେ ଉପସ୍ଥିତ ଚାଷୀ ମାନଙ୍କୁ ଅବଗତ କରାଇ ଥିଲେ । ସମ୍ମାନୀୟ ଅତିଥି ଭାବେ ସାଂସଦଙ୍କ ବ୍ଲକ ପ୍ରତିନିଧି କରୁଣାକର ପଣ୍ଡା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ନୀଳଗିରି ଏନଏସି ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ବ୍ଲକ ଉପାଧକ୍ଷ ଜ୍ୟୋତିର୍ମୟ ପୋଥାଳ, ୧୧ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ, ୧୩ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟ ରତିକୃଷ୍ଣ ନନ୍ଦ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡା. ରବିନାରାୟଣ ପଟ୍ଟନାୟକ, ମତ୍ସ୍ୟ ଉପ ନିର୍ଦ୍ଦେଶକ ଦୀପ୍ତିକାନ୍ତ ମହାପାତ୍ର ମଂଚାସିନ ଥାଇ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ସାଧାରଣ ଭାବେ ବେ ରୋଜଗାରିଆଙ୍କୁ ରୋଜଗାରକ୍ଷମ କରିବା ପାଇଁ ବିଭିନ୍ନ ଯୋଜନା ମିଳୁଥିବା ପ୍ରୋତ୍ସାହନ ର ଭରପୁର ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ । ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ୪ ଗୋଟି ଷ୍ଟଲ, ମତ୍ସ୍ୟ ବିଭାଗ ପକ୍ଷରୁ ୩ ଗୋଟି ସ୍ଟଲ, କୃଷି ବିଭାଗ ପକ୍ଷରୁ ୧ ଗୋଟି ସ୍ଟଲ, କୃଷି ଉଦ୍ୟାନ ବିଭାଗ ପକ୍ଷରୁ ୧ ଗୋଟି ସ୍ଟଲ, ମିଶନ ଶକ୍ତି ପକ୍ଷରୁ ୧ ଗୋଟି, ଓମଫେଡ ପକ୍ଷରୁ ୧ ଗୋଟି ସ୍ଟଲ କରାଯାଇଥିବା ବେଳେ ଚାଷୀଙ୍କ ପଞ୍ଜିକରଣ ପାଇଁ ସୁବ୍ୟବସ୍ଥା କରାଯାଇଥିଲା । ତେବେ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ୧୫୦ରୁ ଉର୍ଦ୍ଧ୍ୱ ଗୋ ସମ୍ପଦ ବୀମା ଯୋଜନା ପାଇଁ ଆବେଦନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ସଭାପତିତ୍ୱ କରିଥିବା ବେଳେ ନୀଳଗିରି ପଶୁ ଡାକ୍ତର ଖାନାର ଡା. ହିମାଂଶୁ ଶେଖର ଦେ ଏବଂ ଡା. ସୋନାଲି ବେହେରା ଅତିଥି ପରିଚୟ ପ୍ରଦାନ ସହିତ ମଂଚ ପରିଚାଳନା କରିଥିଲେ । ଡା. ସୁଭାଶିଷ ମହାପାତ୍ର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ପରେ ପ୍ରଦର୍ଶନୀ ଷ୍ଟଲକୁ ନିମନ୍ତ୍ରିତ ଅତିଥିମାନେ ବୁଲି ଦେଖିଥିଲେ । କାର୍ଯ୍ୟକ୍ରମରେ ନୀଳଗିରି ବ୍ଲକର ୨୫ ଗୋଟି ପଂଚାୟତରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ଚାଷୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ବ୍ଲକ କଳା ସଂସ୍କୃତି ସଂଘ ଅନୁବନ୍ଧିତ ଗ୍ରୁପ ଦ୍ୱାରା ପାଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ବ୍ଲକ ର ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଭାଗ ପକ୍ଷରୁ ୮ ଜଣ ସଫଳ ଚାଷୀଙ୍କୁ ଉତରୀୟ ଏବଂ ଏକ ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା । ଶେଷରେ ଡା. ସୁଭାଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସବୁ ସମ୍ଭବ

ଜୀବନରେ ପରିକଳ୍ପିତ ଚାରୋଟି ଅବସ୍ଥା ମଧ୍ୟରୁ ଯୌବନ ଅବସ୍ଥା ହେଉଛି ସବୁଠାରୁ ଶ୍ରେଷ୍ଠ ଅବସ୍ଥା । ସେ ପୁଅଟିଏ ହେଉ କିମ୍ବା ଝିଅଟିଏ ଯୌବନାବସ୍ଥାରେ ଗତି କରିବା ଏତେ ସହଜ କଥା ନୁହଁ । ପୁଅ ଏବଂ ଝିଅ ଉଭୟ ଯୁବ ସମାଜର ଅନ୍ତର୍ଭୁକ୍ତ । ଋତୁ ଚକ୍ରରେ ଋତୁ ବଦଳିବା ଭଳି କେତେବେଳେ ଯେ ଏମାନଙ୍କର ମନ ବଦଳିଯାଏ, ତାହା ଜାଣିବା ବଡ଼ କଷ୍ଟକର ବ୍ୟାପାର । ବସନ୍ତର ଆଗମନରେ ତରୁଲତାରେ ନୂତନ ପୁଲକ ଜାଗି ଉଠିଲା ଭଳି ଯୌବନ କାଳ ଆସିଲେ ଯୁବକ ଏବଂ ଯୁବତୀଙ୍କର ମନ ପ୍ରାଣରେ ନୂତନ ରୋମାଞ୍ଚ ସୃଷ୍ଟି ହୁଏ । ଏହି ଅବସ୍ଥାରେ ଯୁବ ସମାଜରେ ଭୟ, ଆନନ୍ଦ ଓ ବିସ୍ମୟ ମିଶ୍ରିତ ଏକ ଅଦ୍ଭୁତ ଧରଣର ଭାବ ସୃଷ୍ଟି ହୁଏ । ଯୁବ ସମାଜ ହେଉଛି ରାଷ୍ଟ୍ରର ମେରୁଦଣ୍ଡ । ରାଷ୍ଟ୍ରର ବିକାଶରେ ସେମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ । ରାଷ୍ଟ୍ରର ପ୍ରତ୍ୟେକ କ୍ଷେତ୍ରରେ ଯୁବଶକ୍ତିର ଆବଶ୍ୟକତା ଉପଲବ୍ଧି କରାଯାଏ । କୃଷି, ଶିଳ୍ପ, ଗବେଷଣା, ପ୍ରତିରକ୍ଷା ଇତ୍ୟାଦି ସମସ୍ତ କ୍ଷେତ୍ରରେ ଯୁବ ସମାଜର ଅବଦାନ ରହିଲେ ରାଷ୍ଟ୍ର ବିକାଶରେ ଅଗ୍ରଗତି ହୋଇଥାଏ । ମାତ୍ର ଯେଉଁ ସମୟରେ ଏମାନେ ପରିବାରର ତଥା ରାଷ୍ଟ୍ରର ଦାୟିତ୍ୱ ନେବା କଥା ଠିକ୍ ସେହି ଯୁବାବସ୍ଥା ସମୟରେ ଅଧିକାଂଶ ଯୁବକ ଏବଂ ଯୁବତୀ ପଥଭ୍ରଷ୍ଟ ହୋଇଯାନ୍ତି । ସୌନ୍ଦର୍ଯ୍ୟତା ପ୍ରତି ଏମାନଙ୍କର ଆକର୍ଷଣ ବଢ଼ିଯାଏ । ଏମାନଙ୍କ ମନରେ ସୌନ୍ଦର୍ଯ୍ୟ ପ୍ରତି ମୋହ ଜାତ ହୁଏ । ଆପଣାର ଶାରୀରିକ ଶୋଭା ଯେତିକି ଯେତିକି ବଢ଼ିଚାଲେ, ବାହ୍ୟ ଜଗତର ରୂପର ମୋହରେ ଯୁବ ସମାଜ ସେତିକି ସେତିକି ଆକୃଷ୍ଟ ହୁଏ । ଦୁନିଆର ରୂପ ଓ ରଙ୍ଗ ସବୁକିଛି ନୂଆ ନୂଆ ଅନୁଭବ ହୁଏ । ନୂଆ ନୂଆ ଅନୁଭୂତିରେ ସେମାନେ ସିକ୍ତ ହୋଇ ଉଠନ୍ତି । ଉଚ୍ଛୁଳା ନଈ ପରି ଉଚ୍ଛୁଳି ଉଠନ୍ତି ସେମାନେ, କାହିଁ କେତେ କଳ୍ପନାର କୁଆର ସୃଷ୍ଟି ହୁଏ ମନ ମଧ୍ୟରେ, କେତେ କେତେ ସ୍ୱପ୍ନରେ ସେମାନଙ୍କର ମନ ଉଦ୍‌ବେଳିତ ହୋଇ ଉଠେ ମଧ୍ୟ, ସ୍ୱପ୍ନରେ ବିଭୋର ହୋଇ ଉଠନ୍ତି ଯୁବ ସମାଜ । ସେମାନେ ବୁଝିପାରନ୍ତି ନାହିଁ ଯେ ମଧୁମୟ ଯୌବନ ଚିରଦିନ ରହେ ନାହିଁ ।

ସେ ବାପା, ନୁହନ୍ତି ଶ୍ୱଶୁର

॥ ଅନୁପମା ଭୂୟାଁ ॥

ନୂଆ କରି ବିବାହ ପରେ ଶାଶୁ ଘର ଯାଇଥିବା ବୋହୂଟିଏ ପାଇଁ ସେଠାକାର ଚାଲିଚଳଣି, ଆଚାର ବ୍ୟବହାର ସହ ମିଶିବା ପାଇଁ ସମୟ ଲାଗିଥାଏ । ବେଳେ କେତେକ ଭୁଲ ବୁଝାମଣା ପାଇଁ ମଧ୍ୟ ସମ୍ପର୍କ ଖରାପ ହୋଇଥାଏ । ଯାହା ସାରା ଜୀବନ ପାଇଁ ବୋହୂର ଚରିତ୍ରକୁ ଖରାପ ବନାଇଥାଏ । ତେଣୁ ବୋହୂର ଶ୍ୱଶୁରଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ କରିବା ଏବଂ କିଛି ଖାସ ମୁହୂର୍ତ୍ତ ବିତାଇବା ନିମନ୍ତେ ଜୁଲାଇ ୩୦ ତାରିଖରେ ପାଳିତ ହୁଏ ଜାତୀୟ ଶ୍ୱଶୁର ଦିବସ । ପରିବାରର ବୟୋଜ୍ୟେଷ୍ଠ ସଦସ୍ୟଭାବେ ଶ୍ୱଶୁରଙ୍କ ସମ୍ମାନ କରିବା ଆବଶ୍ୟକ । ବାପା ହିସାବରେ ସେ ସବୁବେଳେ ପରିବାରର ମଙ୍ଗଳ କାମନା କରିଥାନ୍ତି । ତେଣୁ ଏହି ଦିବସ ପାଳନ ଅବସରରେ ଶ୍ୱଶୁରଙ୍କୁ ତାଙ୍କ ପ୍ରିୟ ଜିନିଷ ଉପହାର ଭାବେ ଦେଇ ତାଙ୍କ ଠାରୁ ଆଶୀର୍ବାଦ ନିଆଯାଏ । ଆଜିକାଲିର ନୂଆ ପିଢ଼ି ନିଜ ଜୀବନରେ ଏତେ ବ୍ୟସ୍ତ ଯେ ସେମାନଙ୍କ ପାଖରେ ବାପା-ମା ଶାଶୁ ଶ୍ୱଶୁରଙ୍କ ପାଇଁ ସମୟ ନଥାଏ । ତେଣୁ ଏଭଳି କିଛି ସ୍ୱତନ୍ତ୍ର ଦିବସ ପାଳନ ଅବସରରେ ପରିବାର ସହ କିଛି ମୁହୂର୍ତ୍ତ ବିତାଇବା ପାଇଁ ସେମାନେ ସୁଯୋଗ ପାଇଥାନ୍ତି । ଏହା ପରିବାରର ସଦସ୍ୟଙ୍କ ମଧ୍ୟରେ ଭଲପାଇବା ବଢ଼ାଇବାରେ ସହାୟକ ହୋଇଥାଏ ।

ଜୀବନରେ ତେଲ ଲୁଣର ସମୟ ଆହ୍ୱାନ ଭିତରେ ଅନେକ ଝଡ଼ଝଞ୍ଜାକୁ ଘର ଭିତରର ଅମୂଲ୍ୟ ମଣି 'ଘରମଣି' କୁହାଯାଉଥିବା ବୋହୂ ମାନଙ୍କ ଜୀବନ ଚିତ୍ର ଆଜିକା ସମୟରେ ବଡ଼ ଆଶ୍ଚର୍ଯ୍ୟକର ଓ ଅନେକ କ୍ଷେତ୍ରରେ ଚକିତ କଲାଭଳି । ଆପଣ ଏ ଦୁନିଆରେ ଏମିତି ଦୃଶ୍ୟମାନ ବୋହୂ ମାନଙ୍କୁ ଦେଖିବେ ଯେଉଁମାନେ କୁହନ୍ତି, ତେଙ୍ଗୁରା ପିଟନ୍ତି, ଶ୍ୱଶୁରଙ୍କୁ ସେବା ଭକ୍ତି କରିବାରେ ଆମ ପରି ବୋହୂ ଆଉ ଦୃଷ୍ଟିରେ କେହି ନାହାଁନ୍ତି । କିନ୍ତୁ ନିଷ୍ଠୁର ନିୟତିର କାଳ ସମ୍ଭବତଃ ଏହାକୁ ଗ୍ରହଣ କରିନଥାଏ । ମିଛ ଅଭିନୟ ଯେ ଭଗବାନଙ୍କ ଦୁନିଆରେ ନିଷ୍ଠୁର ସତ୍ୟ ତାହା ସେହି ଶ୍ୱଶୁରଙ୍କ ଜୀବନରେ ମଧ୍ୟ ଶେଷ ପରିଣତି ହୋଇଗଲା । ଜୀବନର ଶେଷ ମୁହୂର୍ତ୍ତରେ ଶ୍ୱଶୁରଙ୍କୁ ଦେଖିବାର ସୁଯୋଗ, ଭାଗ୍ୟ ସେ ବୋହୂଟିର ନଥିଲା । ଜୀବନରେ ଏପରି ଶ୍ୱଶୁର ପ୍ରେମୀ ମିଛ କାନ୍ଦଣା ଓ ଚମତ୍କାର ଅଭିନୟ କରୁଥିବା ବୋହୂ ମାନଙ୍କର ଅନେକ ଦୃଷ୍ଟାନ୍ତ ରହିଛି । ଜୀବନରେ ଏମିତି ବୋହୂଙ୍କୁ ପାଇବେ ଯିଏ ଗୋଟିଏ ପଟେ ଶ୍ୱଶୁର ତାଙ୍କ ପାଇଁ ଭଗବାନଙ୍କ ଠାରୁ ଉଚ୍ଚତର ଭାବେ ଗ୍ରହଣ କରନ୍ତି । ଅନ୍ୟପଟେ ଶ୍ୱଶୁରଙ୍କୁ ଅତି ନିଷ୍ଠୁର ଓ ନିର୍ମମ ଆଚରଣ ଓ ଉଚ୍ଚାରଣ ବି ଦେଖାଇ ପାରନ୍ତି । କେବଳ ସେତିକି ନୁହେଁ ଆଜିକା ସମୟରେ ଭାରତର ନ୍ୟାୟିକ ଓ ସାମ୍ବିଧାନିକ ବ୍ୟବସ୍ଥାକୁ ପୁ କିନା ଉଡେଇ 'ଗୁଣୀ'କୁ ବିଶ୍ୱାସ କରୁଥିବା ଆଧ୍ୟାତ୍ମିକ ଭାବଧାରାର ବୋହୂ ମାନଙ୍କୁ ବି ଆମେ ସମାଜରେ ଦେଖୁଛୁ । ସତରେ କି ଅଦ୍ଭୁତ ରୂପଧାରୀ ଏହି ତଥାକଥିତ ବୋହୂମାନେ!! ଠାକୁରଙ୍କୁ ଭୁଲାଇ ଶ୍ୱଶୁରଙ୍କ ପାଦ ପୂଜା କରି ଦ୍ୱିତୀୟ ଭଗବାନ ଭାବି କେବଳ ସୋସିଆଲ ମିଡ଼ିଆ ଆଉ ଲୋକମାନଙ୍କୁ ଭଲ ପ୍ରଦର୍ଶିତ କରାଯାଇପାରେ । ଅନ୍ୟବର୍ଗର ବୋହୂ ହୁଏତ ସେ ବିଦ୍ୟାର ଅଧିକାରୀ ନହୋଇପାରନ୍ତି କିନ୍ତୁ କଥାରେ ନାହିଁ 'ତୁଣ୍ଡ ବାଇଦ ସହସ୍ର କୋଷ', ସେମାନେ ନିଜର ଶ୍ୱଶୁରଙ୍କ ପ୍ରତି ଅଭିନୟକୁ ସୋସିଆଲ ମିଡ଼ିଆରେ ସେହି ତୁଣ୍ଡ ବାଇଦର ସାହାଯ୍ୟ ନିଅନ୍ତି । ଏହି ଆଲୋଚନା ଭିତରେ ଅନ୍ୟଏକ ବର୍ଗର ବୋହୂକୁ ଦେଖନ୍ତୁ ଯିଏ ହୁଏତ ଶ୍ୱଶୁରଙ୍କ ଉପସ୍ଥିତିରେ ବେଦୀ ବିଧାନର ବିବାହ ନହୋଇପାରିଥାନ୍ତି ପରନ୍ତୁ ସେ କିନ୍ତୁ ସେହି ବୋହୂ ଯାହାଙ୍କ ସ୍ୱୟଂ ସାରସ୍ୱତ ସାଧନାର ପବିତ୍ରତା ଓ କଳାଦକ୍ଷତାକୁ ଶ୍ୱଶୁର ଆପ୍ରାଣ ଭଲ ପାଇଛନ୍ତି ଓ ତାହାତାଙ୍କ ଶେଷ ଜୀବନରେ ଅତ୍ୟନ୍ତ ସୌଭାଗ୍ୟମୟ ଭାବେ ପ୍ରାପ୍ତ ହୋଇଛି ଶ୍ୱଶୁରଙ୍କ ଆଶୀର୍ବାଦ । ଶ୍ୱଶୁରଙ୍କ ପ୍ରତି ତାଙ୍କ ଆବେଗ, ଭକ୍ତି ସମର୍ପଣ ହୁଏତ ସୋସିଆଲ ମିଡ଼ିଆରେ ପ୍ରଚାରିତ ନୁହେଁ କିନ୍ତୁ ସେହି ନିୟତି ଏଠି ନିଷ୍ଠୁର ହୋଇନି, ନିର୍ମମ ହୋଇନି ବରଂ ଆଶୀର୍ବାଦମୟ ହୋଇ ତାଙ୍କୁ 'ଗୋବର ପାଣି' ପକାଇବାର ଗୌରବ ଓ ଅହୋଭାଗ୍ୟ ପ୍ରଦାନ କରିଛି ।

ଶ୍ୱଶୁର ହେଉଛନ୍ତି ଘର ଛାଡ଼ିଥିବା ଗୋଟିଏ ଅପରିଚିତ ଝିଅ ପାଇଁ ସ୍ୱୟଂ ବାପା । ଅନେକ ଶ୍ୱଶୁର ରହିଛନ୍ତି ଯେଉଁମାନେ ନିଜ ପୁଅକୁ ସାଥ ଦେଇନାହାନ୍ତି ବରଂ ଧର୍ମରାଜ ଭାବେ, ରକ୍ଷାକର୍ତ୍ତା ଭାବେ, ହିମାଳୟ ପରି ବୋହୂର ସାଥ୍ ଦେଇଛନ୍ତି, ଜୀବନ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଅଭୟ ବର ପ୍ରଦାନ କରି ଠିକ ନିଜ ବାପର ଧର୍ମ ତୁଲାଇଛନ୍ତି । କାଳେ କାଳେ ଏପରି ଯଶସ୍ୱୀ ଅନେକ ଶ୍ୱଶୁର ଅଛନ୍ତି ସେମାନେ କିନ୍ତୁ ଏହି ତଥାକଥିତ ସୋସିଆଲ ମିଡ଼ିଆରେ ପ୍ରଚାରିତ ନୁହଁନ୍ତି କିନ୍ତୁ କିଛି ଦୁର୍ଭାଗା ପୁଅ ଥାଆନ୍ତି ଯେଉଁମାନେ ସେହି ଶ୍ୱଶୁର ଯିଏ କି ସେହି ଦୁର୍ଭାଗାଙ୍କ ପିତା ହୋଇଥାନ୍ତି ତାଙ୍କୁ ଭଲ ଭାବେ ସୋସିଆଲ ମିଡ଼ିଆରେ ପ୍ରଚାରିତ କରନ୍ତି ଯେ ସେ ତାଙ୍କ ପିତାଙ୍କର ଜଣେ ଶ୍ରେଷ୍ଠ ପୁତ୍ର ଥିଲେ । ଶ୍ୱଶୁର ଦିବସରେ ଆମ ସମସ୍ତଙ୍କ ଭିତରେ ସେହି ବାପାଙ୍କ ପାଖରେ ମଥାନତ ପ୍ରଣାମ ଜଣାଉଛି । ଆଜକୁ ଆଠମାସରୁ ଊର୍ଦ୍ଧ୍ୱ ହୋଇଯିବ ମୋ ଶ୍ୱଶୁର ଏ ଦେହ, ମାଟି ଛାଡ଼ି ଚାଲିଯାଇଛନ୍ତି କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ମୋ କଣ୍ଠରେ ମୋ ଜୀବନରେ ତାଙ୍କ ପ୍ରିୟତମ ସାଇ ଭଜନ ଗୁଡ଼ିକ ଥିବ ସେ ସଦାକାଳ ମୋ ପାଖରେ ହିଁ ଥିଲେ, ଅଛନ୍ତି ଓ ରହିଥିବେ... ।

'ସାଇବିଥି' ୭ଡ଼ି ୧୩୫୪,
ସେକ୍ଟର-୯, ସିଡିଏ, କଟକ

ଶୃଙ୍ଖଳାର ଦୁଇ ବ୍ୟବସ୍ଥା

॥ ବ୍ରହ୍ମଚାରୀ ସତ୍ୟଚୈତନ୍ୟ ॥

ଏବେ ଚାରିଆଡ଼େ ଭିଡ଼ । ସେ ପ୍ରସାଦ ସେବନ ହଉ କି ମଦପାନ, ଚିକିତ୍ସାଳୟ ହଉ କି ପ୍ରେକ୍ଷାଳୟ, ଖାଲି ଗହଳି ଆଉ ଗହଳି । ଗହଳି ହେଲେ ବିଶୃଙ୍ଖଳା ହବା ବି ସ୍ୱାଭାବିକ କଥା । ମଣିଷ ତ ଶୃଙ୍ଖଳିତ ପ୍ରାଣୀ । ବିଶୃଙ୍ଖଳାରୁ ରକ୍ଷାପାଇବାକୁ ନିଜେ ନିଜେ ଧାଡ଼ି ବାନ୍ଧିଦିଅନ୍ତି । ଜଣକ ପରେ ଜଣେ ଯାଆନ୍ତି । ପାଳି ପଡ଼ିଲେ କାମହୁଏ । ପାଳିର ଅନ୍ୟନାମ ପ୍ରତୀକ୍ଷା । କାହାକୁ ନା କାହାକୁ ଫୋନ୍‌କଲେ ବେଳେବେଳେ ବି ଶୁଣାଯାଏ-'ଦୟାକରି ପ୍ରତୀକ୍ଷାରେ ରୁହନ୍ତୁ । ଆପଣ କଥାହେବାକୁ ଚାହୁଁଥିବା ବ୍ୟକ୍ତି ଜଣକ ଆଉ କାହା ସହିତ କଥା ହେଉଛନ୍ତି ।' ଷ୍ଟେସନ୍‌ରେ ଟିକେଟ କରିବାକୁ ଲମ୍ୱାଧାଡ଼ି । ସଉଦାପତ୍ର ଆଣିବାକୁ ଧାଡ଼ି । ବିଲ୍ ପୈଠ କରିବାକୁ ବି ଧାଡ଼ି । ଏ ଧାଡ଼ିର ଆରମ୍ଭ ପିଲାବେଳୁ । ବିଦ୍ୟାଳୟର ପ୍ରାର୍ଥନାରେ ଧାଡ଼ି, ପୁଣି ଛୁଟି ହେଇ ଫେରିବା ବେଳେ ବି ଧାଡ଼ି । ତା'ପରେ ଏ ଧାଡ଼ି ଲମ୍ୱି ଆସିଚି ଆମ ସବୁଦିନିଆ ଜୀବନଯାଏ । ଧାଡ଼ିରେ ଠିଆହେଇଥିବା ଲୋକଟିଏ ତରତର ଥିଲେ ବ୍ୟସ୍ତ ହୁଅନ୍ତି । ଧୈର୍ଯ୍ୟହରା ହୁଅନ୍ତି । ପାଳି ପଡ଼ିବା ଡେରିହେଲେ ବିରକ୍ତ ହୁଅନ୍ତି । ମନେରଖିବା ଉଚିତ୍ ଧାଡ଼ିରେ ଠିଆହେଲେ ପାଳିକୁ ଅପେକ୍ଷା କରିବାକୁ ହୁଏ । ଟିକେଟ କାଉଣ୍ଟରରେ ବସିଥିବା ଲୋକ, ଦୋକାନରେ ବିକ୍ରିକରୁଥିବା ପିଲା ଉପରେ ବି ଆମେ ବିଗିଡ଼ିଯାଉ । ଟ୍ରାଫିକ୍‌ରେ ଅପେକ୍ଷା କରିଥିବା, ଆମ ଆଗରେଥିବା ଲୋକର ଯିବା ଟିକିଏ ଡେରିହେଲେ ଚିଡ଼ିଯାଉ । ଧୈର୍ଯ୍ୟ ନ ଥିଲେ ବା ଜରୁରୀ କାମ ଥିଲେ ଆମେ ଧାଡ଼ିରେ ରହିପାରୁନା । ଧାଡ଼ି ଭାଙ୍ଗୁଥିବା ଲୋକଙ୍କୁ ବିଶୃଙ୍ଖଳିତ ମଣିଷ କୁହାଯାଏ; ମାତ୍ର ଧାଡ଼ି ଓ ପାଳିର ଶୃଙ୍ଖଳାଟି ପରିବାର ଅପେକ୍ଷା ଶିକ୍ଷାନୁଷ୍ଠାନରୁ ବେଶ୍ ଶିଖିଚୁ । ଆମେ ଶୃଙ୍ଖଳିତ ହେବାକୁ ତ ଧାଡ଼ି ଓ ପାଳିର ବ୍ୟବସ୍ଥା ନିଜେ କରିଚୁ । ଆମେ ଇନ୍ଧା, ପିମ୍ପୁଡ଼ିଙ୍କ ଧାଡ଼ି ଦେଖିଚୁ । ସେମିତି ବହୁ ପଶୁ-ପକ୍ଷୀ ବି ଧାଡ଼ି କରନ୍ତି । ଖାଲି ସେତିକି ନୁହେଁ; ପ୍ରକୃତିରେ ବି ଧାଡ଼ି ଓ ପାଳି ବ୍ୟବସ୍ଥା ଅଛି କେବଳ ଆମ ମଙ୍ଗଳ ପାଇଁ । ଯେମିତି ଶ୍ୱାସ-ପ୍ରଶ୍ୱାସର ବ୍ୟବସ୍ଥା । ପାଳିକରି ପବନ ଯାଆ-ଆସ କରନ୍ତି । ଥରେ ଭିତରକୁ ଗଲେ ଥରେ ବାହାରକୁ ଆସନ୍ତି । ଭୁଲ୍‌ରେ କେବେ ବି ଦୁଇଥର ଯାଇ ନ ଥିବ ବା ଆସି ନ ଥିବ । ରକ୍ତ ପ୍ରବାହର ଧାରା ପାଳି ଅନୁସାରେ ହୁଏ । ହୃତ୍‌ସ୍ପନ୍ଦନର ଶୃଙ୍ଖଳା ଅଛି । ଏମାନେ ଯଦି ବିଶୃଙ୍ଖଳିତ ହୁଅନ୍ତି; ତେବେ ଜୀବନ ଚାଲିଯାଏ । ଗ୍ରହ, ନକ୍ଷତ୍ରମାନେ ଧାଡ଼ି ଓ ପାଳିରେ ବୁଲନ୍ତି । ସମୁଦ୍ରରେ ଲହରି, ବର୍ଷାର ଧାରା ଧାଡ଼ି ଓ ପାଳିରେ ଆସନ୍ତି । ଗଛଲତା ସମସ୍ତଙ୍କର ନିୟମ ସମାନ । ମଞ୍ଜିରୁ ଗଛ ହବ । ପରେ ଡାଳପତ୍ରର ବାଢ଼ିବା । କ୍ରମ ଅନୁସାରେ ଫୁଲ, ଫଳ ଧରେ ଓ ପାଚେ । କୋଉଠି ଗଛରେ ଆଗରୁ ଫଳ ଧରି ପରେ ଫୁଲ ଫୁଟେନା । ଫଳ ଆଗ ପାଚି ପରେ କଞ୍ଚା ହୁଏନା । ପାଞ୍ଚ ପରେ ଏକ ଗଣିବାର କ୍ରମ ନାହିଁ । ସବୁ କାମ ପାଇଁ ଆମେ ଧାଡ଼ି ବା ପାଳିରେ ଚଳିଥାଉଁ । ଆଗ-ପଛ ହେଲେ ବିଗିଡ଼ିଯିବ । ଆମେ ଭଲକାମ ପାଇଁ ଯେମିତି ପାଳିକୁ ଅପେକ୍ଷା କରୁ, ସେମିତି ସମସ୍ୟା ପାଇଁ ଚିନ୍ତାକରୁ ସମସ୍ୟାର ପାଳି ମୋ ପାଇଁ ନ ପଡ଼ନ୍ତାକି । ଏମିତି ଆପଣଙ୍କର ମନେଥିବ ପିଲାବେଳେ ପାଠ କରି ନ ଥିବେ । ଗୁରୁଜୀ ଜଣ ଜଣଙ୍କୁ ଦଣ୍ଡ ଦଉଥିବେ । ଆପଣ ଭାବୁଥିବେ ମୋ' ପାଖକୁ ଗୁରୁଜୀ ନ ଆସନ୍ତେକି, ମାଡ଼ରୁ ରକ୍ଷାମିଳନ୍ତା । ଭୋଗ ବଣ୍ଟା ହେଲାବେଳେ ଭାବୁଥିବେ ମୋ ପାଳି ପଡ଼ିଲା ବେଳକୁ ଭୋଗ ବଳିଥିବ କି! ଶେଷରେ ଅଧିକ ମିଳିବ । ଭଲ ପାଇଁ ଆମେ ପାଳିକୁ ଅନେଇଥାଉ । ମନ୍ଦ ସମୟରେ ପାଳିକୁ ଅଗ୍ରାହ୍ୟକରୁ । ଏତିକି ବୁଝିବାକୁ ଆମ ପାଇଁ ଦୁଇଟି ଧାଡ଼ି ଅଛି । ଗୋଟିଏ ଲୁହର, ଅନ୍ୟଟି ହସର । ଯିଏ ଆଜି ଲୁହର ଧାଡ଼ିରେ ଅଛନ୍ତି, କାଲି ତାଙ୍କୁ ହସର ଧାଡ଼ି ଅପେକ୍ଷା କରିଚି ବୋଲି ଜାଣିଥାଆନ୍ତୁ । ଦିନ, ରାତି, ସପ୍ତାହ, ପକ୍ଷ, ମାସ, ଋତୁ, ବର୍ଷ ଆଦି ଧାଡ଼ି ଓ ପାଳିରେ ଆସନ୍ତି । କୋଉଦିନ ରବିବାର ପରେ ମଙ୍ଗଳବାର ଓ ପରେ ସୋମବାର ପଡ଼ି ନ ଥିବ । ବେଳେବେଳେ ମଣିଷ ନିଜକୁ ଚତୁର ମଣେ । ଧାଡ଼ି ଓ ପାଳିକୁ ପଛରେ ପକେଇ କାମ ହାସଲ କରିବାକୁ ଚେଷ୍ଟାକରେ । ଚିହ୍ନା ପରିଚୟ, କ୍ଷମତାବଳ ବା ଘୁଷ୍ ବି ଦିଏ । ନିଜର ପରିଳାପଣକୁ ଦେଖେଇ ହୁଏ । ଶୃଙ୍ଖଳିତ ମଣିଷକୁ ବିଶୃଙ୍ଖଳାରେ ଦେଖିବାକୁ ସମାଜ କେବେ ବି ଚାହେଁନା । ବିଶୃଙ୍ଖଳିତ ହେଇ ଗୌରବ ନେବା ଅପେକ୍ଷା, ଶୃଙ୍ଖଳିତ ଜୀବନର ବହୁ ମୂଲ୍ୟ ଅଛି ।

ଜଗଜ୍ଜନନୀ ଶ୍ରୀମତୀ ଷୋଡ଼ଶୀବାଳା ଦେବୀ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

'ଜାଣେନା, ପାରେନା, ନାହିଁ ତ ଘରେ, ଏ ତିନି କଥାକୁ ଦେବତା ଡରେ' । ଏହି ତିନୋଟି କଥା କେବେ ବି କେହି ଶୁଣିବାକୁ ପାଇନାହାଁନ୍ତି ଚକ୍ରବର୍ତ୍ତୀ ପରିବାରର କୂଳବଧୂ ଷୋଡ଼ଶୀବାଳାଙ୍କ ନିକଟରୁ । ଶ୍ୱଶୁର, ଶାଶୁ କିମ୍ବା ସ୍ୱାମୀ ଯେତେବେଳେ ଯେଉଁ କାମ କଥା କୁହନ୍ତି, ବିନା ଦ୍ୱିଧାରେ ବିନା ଆପତ୍ତିରେ ଆଗେଇ ଯାଆନ୍ତି 'ହଁ ପାରିବି' କହି ପରମ ଆନନ୍ଦରେ । ସେଥିପାଇଁ ଘରର ସମସ୍ତ କାର୍ଯ୍ୟ ବଧୂ ଉପରେ ଛାଡ଼ିଦେଇ ବାହାର କାମରେ ଚାଲିଯାଆନ୍ତି ଶାଶୁ ମନମୋହିନୀ ଦେବୀ । କିନ୍ତୁ ଫେରିବାପରେ ଶାଶୁ ଦେବୀ ଦେଖନ୍ତି ସମସ୍ତ କାର୍ଯ୍ୟ ରେ କିଛି ନା କିଛି ଭୁଲ ତ୍ରୁଟି ରହିଯାଇଥାଏ । ଅଳ୍ପ ବୟସର ବଧୂଟି ବୋଲି ବିରକ୍ତି ପ୍ରକାଶ ନକରି ବରଂ ବୁଝିଯାନ୍ତି ଶାଶୁଦେବୀ । ସ୍ୱାମୀଙ୍କ ଜୀବନାଦର୍ଶକୁ ଉପଲବ୍ଧି କରି ନିଜକୁ ସମର୍ପି ଦିଅନ୍ତି ସେହି ଆଦର୍ଶରେ । ସ୍ୱାମୀଙ୍କୁ ଚିରଦିନ ଦେବତାଙ୍କ ଆସନରେ, ଈଶ୍ୱରଙ୍କ ଆସନରେ ବସାଇ ପୂଜା କରିଛନ୍ତି ହୃଦୟ ସିଂହାସନରେ । ଆଉ, ଜଣେ ଆଦର୍ଶ ନାରୀ ହୋଇ ପ୍ରତ୍ୟେକଟି କର୍ମ ନିଖୁଣ ଭାବେ ସଂପାଦନ କରି ଦେଖାଇ ଦେଇଛନ୍ତି ବିଶ୍ୱଜଗତକୁ । ଦିନକର ଘଟଣା - ସ୍ୱାମୀ ଡାକ୍ତରୀ ଚିକିତ୍ସା କରି ଫେରିଲେ ଘରକୁ । ବ୍ୟସ୍ତ ବିବ୍ରତ ହୋଇ କହିଲେ 'ବଡ଼ବୌ (ବଡ଼ବୋହୂ) ତୁମ କାନର ମାକେଡ଼ି ଦୁଇଟି ଦେବ ?' ଜଣଙ୍କର ପୁଅ ଖୁବ୍ ଅସୁସ୍ଥ । ଔଷଧ କିଣିବା ପାଇଁ ପଇସା ନାହିଁ । କାଳବିଳମ୍ବ ନକରି ସେହିକ୍ଷଣି ହିଁ ମାକେଡ଼ି (କାନଫୁଲ) ଦୁଇଟି ଖୋଲି ସ୍ୱାମୀଙ୍କ ଶ୍ରୀହସ୍ତରେ ଦେଇଦେଲେ ସହଧର୍ମିଣୀ । ନେଇ ଚାଲିଗଲେ ମଧ୍ୟ ସ୍ୱାମୀ ଦେବତା । କିନ୍ତୁ ବୋହୂର କାନରେ ମାକେଡ଼ି ନାହିଁ - ପଚାରିଲେ ଶାଶୁଦେବୀ - 'ବୋହୂମା' କାନର ମାକେଡ଼ି କ'ଣ ହେଲା ?' କିଛି ଉତ୍ତର ନଦେଇ ଛିଡ଼ା ହୋଇ ରହିଲେ କୂଳବଧୂ । ଉତ୍ତର ନପାଇ ଏବେ ଟିକେ କଡ଼ା ଗଳାରେ କହିଲେ ଶାଶୁଦେବୀ - 'ହୁଏତ ହଜେଇ ଦେଇଛ, ନ ହେଲେ ବାପଘରେ ରଖି ଆସିଛ । ଆଉ କ'ଣ ହେବ ?' ତଥାପି ବଧୂଟି ନିରୁତ୍ତର । ପ୍ରାୟ ମାସେକ ପରେ ଦିନେ ଦ୍ୱିପ୍ରହରର ପୂର୍ବ ସମୟରେ, ଶାଶୁଦେବୀ ବାରଣ୍ଡାରେ ବସିଥିବା ଅବସ୍ଥାରେ ଜଣେ ବ୍ୟକ୍ତି ଆସି କହିଲା, - 'ଏଇ ନିଅନ୍ତୁ ମା' ମାକେଡ଼ି ଦୁଇଟା । ଆପଣମାନେ ଗରିବଙ୍କର ମା'ବାପା । ଏଇ ସୁନା ଟିକକ ଆପଣ ନଦେଇଥିଲେ ମୋ ପୁଅକୁ ବଂଚାଇ ପାରିନଥାନ୍ତି । ଏହି ସୁନାକୁ ବନ୍ଧା ପକାଇ ପୁଅର ଔଷଧ ଆଣିଥିଲି । ମାସକ ପରେ ଆଜି ମୁକୁଳାଇ ଆଣିପାରିଛି ।' କୃତଜ୍ଞତାରେ ମାଟିରେ ମଥାନତ କରି ଆଖିରୁ ଲୁହ ପୋଛି ପୋଛି ଚାଲିଗଲା ଲୋକଟି । ଏଥର ଶାଶୁଦେବୀଙ୍କର ବୁଝିବାରେ ଆଉ କିଛି ବି ବାକି ରହିଲାନି । ବୋହୂଟି ଘର ଭିତରେ ଥାଇ ସବୁ ଶୁଣି ମଧ୍ୟ ପଦେ ବି କଥା କହିଲେ ନାହିଁ । ଏହିପରି ବହୁ ଘଟଣା ଘଟିଯାଇଛି ଏଇ ସ୍ୱାମୀ ମନବୃତ୍ତ୍ୟାନୁସାରିଣୀ ଷୋଡ଼ଶୀବାଳା ଦେବୀଙ୍କର ବାସ୍ତବ ଜୀବନରେ । ଧୈର୍ଯ୍ୟ ଓ ସହିଷ୍ଣୁତାର ପ୍ରତିମୂର୍ତ୍ତି ଥିଲେ ଏହି ଦେବୀ ଜଣକ । ସେଉଁଥିପାଇଁ ସାରା ବିଶ୍ୱରେ ଆଜି ସୃଷ୍ଟି ହୋଇଛି ତାଙ୍କର ସ୍ୱତନ୍ତ୍ର ପରିଚୟ, ବିଶ୍ୱ ଜନନୀ 'ଶ୍ରୀ ଶ୍ରୀ ଲକ୍ଷ୍ମୀମା' ନାମରେ, ସ୍ୱାମୀଙ୍କର ଇଚ୍ଛା ପରିପୂରଣ ପାଇଁ ସେ ସମସ୍ତ କିଛି ହିଁ କରିପାରନ୍ତି । ସେଥିପାଇଁ ଅନ୍ତିମ ସମୟରେ ସ୍ୱାମୀ ଦେବତା ବିଶ୍ୱପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଶ୍ରୀମୁଖରୁ ସେଦିନ ସ୍ପଷ୍ଟ ଉଚ୍ଚାରିତ ହୋଇଥିଲା - 'ତୁମେ କେବଳ ବଡ଼ଖୋକା (ବଡ଼ପୁଅ)ର ମା' ନୁହଁ, ତୁମେ ସାରା ଜଗତର ମା', ତୁମେ ବିଶ୍ୱ ଜନନୀ ।' ଏହି ମହିୟସୀ କୂଳବଧୂ ଆଉ କେହି ନୁହନ୍ତି । ଏ ହେଉଛନ୍ତି ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଲୀଳା ସଙ୍ଗିନୀ ପରମା ପ୍ରକୃତି ପରମ ଆରାଧ୍ୟା ଶ୍ରୀ ଶ୍ରୀ ଲକ୍ଷ୍ମୀମା' । ଆଜକୁ ବହୁ ବର୍ଷ ପୂର୍ବେ ୧୩୦୧ ସାଲ, ଶ୍ରାବଣ-୧୪ ଦିନ ଶ୍ରାବଣ କୃଷ୍ଣ ଦ୍ୱାଦଶୀ ତିଥିରେ ପୂର୍ବ ବଙ୍ଗଳା ଅନ୍ତର୍ଗତ ପାବନା ଜିଲ୍ଲା ଧୋପାଦହ ଗ୍ରାମ ନିବାସୀ ଶ୍ରୀଯୁକ୍ତ ରାମଗୋପାଳ ଭଟ୍ଟାଚାର୍ଯ୍ୟ ଏବଂ ଶ୍ରୀମତୀ ତ୍ରିନୟନୀ ଦେବୀଙ୍କର କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ ଧରାପୃଷ୍ଠରେ । ଆଜି ତାଙ୍କରି ପବିତ୍ର ଜନ୍ମ ଦିବସରେ ସମସ୍ତ ନାରୀ ଜଗତ ତାଙ୍କରି ପଥର ପଥିକ ହୋଇ, ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ହୋଇଉଠନ୍ତୁ ସୁଗୃହିଣୀ, ସ୍ୱାମୀ ମନବୃତ୍ତ୍ୟାନୁସାରିଣୀ, ଆଦର୍ଶନାରୀ ତଥା ଦେବ ସନ୍ତାନର ଜନନୀ ।

ପ୍ରତିଋତ୍ୱିକ ଓ ଅବସର ପ୍ରାପ୍ତ
ପ୍ରଫେସର, ହେପାଟୋଲୋଜି
ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ :୯୪୩୭୦୫୧୯୫୭

ଆଦିବାସୀ ଜୀବନ ଚଳଣୀରେ 'ଲାଲ ବଙ୍ଗଳା'

॥ ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ ॥

ଗୋଟିଏ ସଭ୍ୟତାର ପରିଚୟ ହେଉଛି କଳା ଓ ଜୀବନ ଚେତନା । ସଭ୍ୟତା ଯଦି ଏକ ବିରାଟ ବଟବୃକ୍ଷ ହୁଏ ସଂସ୍କୃତି ହେଉଛି ତାର ଚେର । ଯାହା ମାଟିକୁ ଜାବୁଡ଼ି ଧରିଥାଏ ଦୃଢ଼ ଭାବରେ । ପରମ୍ପରା ସେ ବୃକ୍ଷର ଶାଖା ପ୍ରଶାଖା ଓ ଫଳଫୁଲ ସଦୃଶ । ଯାହା ଅନନ୍ତ ଆକାଶ ଯାଏ ପରିବ୍ୟାପ୍ତ । ସଂସ୍କୃତି ତାହାର ଅନ୍ତର୍ନିହିତ ଜୀବନ ସ୍ରୋତ ହେଲେ ପରମ୍ପରା ସେହି ପ୍ରାଣଶକ୍ତିର ଦୃଶ୍ୟମାନ ବର୍ଣ୍ଣାଢ଼୍ୟ ରୂପ । କଳା ଏକ ମାନବୀୟ ଚେଷ୍ଟା ଯେଉଁଥିରେ ମଣିଷ ନିଜ ଜୀବନ ସହ ସାକ୍ଷାତ କରି ଭାବନା ଗୁଡ଼ିକୁ ଜ୍ଞାନପୂର୍ବକ ପ୍ରକଟ କରେ କିଛି ସଂକେତ ଜରିଆରେ । ଏହି ଆବଶ୍ୟକତା ଓ ଚେତନାର ଏକ କଳାତ୍ମକ ରୂପାୟନ । ବିଶ୍ୱ କବି ରବୀନ୍ଦ୍ର ନାଥଙ୍କ ଭାଷାରେ ତାହାହିଁ କଳା ଯାହା ସତ୍ୟ ଓ ସୁନ୍ଦର ।

ଆଦିବାସୀ ଜୀବନ ଚଳଣୀ ଓ ସଂସ୍କୃତିରେ ଲାଲ ବଙ୍ଗଳା ଅନେକଙ୍କ ପାଇଁ ଏକ ଉତ୍ସୁକତା, ଜିଜ୍ଞାସା ଓ ଅନେକ ଚକିତ କଲାଭଳି ପ୍ରଶ୍ନର ସମ୍ଭବତଃ ଏକ ସୃଷ୍ଟି । ଚକଟିଆ ଭୁଞ୍ଜିଆମାନେ ନୂଆପଡ଼ା ଜିଲ୍ଲାର କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟରେ ବାସ କରନ୍ତି । ଏମାନେ ସ୍ୱତନ୍ତ୍ର ଶ୍ରେଣୀର ଜନଜାତି ଗୋଷ୍ଠୀ । ଏମାନଙ୍କ ସଂଖ୍ୟା ଅସ୍ୱାଭାବିକ ଭାବେ ହ୍ରାସ ପାଇଥିବାରୁ ସରକାର ଏମାନଙ୍କୁ ସ୍ୱତନ୍ତ୍ର ଶ୍ରେଣୀର ଆଦିବାସୀ ଭାବେ ଘୋଷଣା କରିଛନ୍ତି । ନୂଆପଡ଼ା ଜିଲ୍ଲାର କୋମନାରୁ ଖୋଲା ଦେଇ ପାଂଚଟି ପାହାଡ଼ିଆ ଘାଟି ରାସ୍ତା ଅତିକ୍ରମ କରିବା ପରେ ସୁନାବେଡ଼ା ଉପତ୍ୟକା ପଡ଼ିଥାଏ । ପାଟିଡଙ୍ଗର, କେଛ ମଥାନ ଡଙ୍ଗର ଘାଟି, ବଣକିଆମ ଡଙ୍ଗର ଘାଟି, ଗଡ଼ଗଡ଼ା ଡଙ୍ଗରଘାଟି ଓ ସିହନା ଡଙ୍ଗର ଘାଟି ଦେଇ ସୁନାବେଡ଼ା ଉପତ୍ୟକାକୁ ଯିବାକୁ ପଡ଼ିଥାଏ । ଏହି ସୁନାବେଡ଼ା ଉପତ୍ୟକାରେ ବାସ କରନ୍ତି ଚକଟିଆ ଭୁଞ୍ଜିଆ ।

ଭୁଞ୍ଜିଆ ସଂପ୍ରଦାୟର ଆଦିବାସୀ ମାନେ ତିନି ଭାଗରେ ବିଭକ୍ତ । ସେମାନଙ୍କୁ ଚିନ୍ଦା ଭୁଞ୍ଜିଆ, ଚକଟିଆ ଭୁଞ୍ଜିଆ ଓ ଖୋଲାରଝିଆ ଭାବେ ଭିନ୍ନ ଭିନ୍ନ ଭାବରେ ବସବାସ କରନ୍ତି । ଖୁବ କମ ସଂଖ୍ୟକ ରହିଥିବା ଏହି ଚକଟିଆ ଭୁଞ୍ଜିଆଙ୍କୁ ସ୍ୱତନ୍ତ୍ର ଶ୍ରେଣୀର ଆଦିବାସୀ ଭାବେ ତାଙ୍କ ସମ୍ପ୍ରଦାୟରେ ଗଣାଯାଏ । ଓଡ଼ିଶାରେ ସୁନାବେଡ଼ା, ସାନବାହାଲି, କୁକେଡ, ଜୁନାପାନି, ଥାଲିପାନି, ଶାଳେପଡ଼ା, ଗଡ଼ଭଟା ଆଦି ଅଂଚଳରେ ନିବାସ କରନ୍ତି । ସୁନାବେଡ଼ାର ଘଂଚ ଓ ଦୁର୍ଗମ ଅଂଚଳରେ ଏହି ଚକଟିଆ ଭୁଞ୍ଜିଆମାନେ ସମଗ୍ର ବିଶ୍ୱକୁ ଭାଇ ଭଉଣୀର ରାଜ୍ୟର ଭାବେ ବିଶ୍ୱାସ କରନ୍ତି । ସେମାନଙ୍କ ଭାଷାରେ ଏହି ଶବ୍ଦଟି ହେଉଛି 'ଭେ ବହନୀ ରେଜ' । ସେମାନଙ୍କର ବିଶ୍ୱାସ ଓ ପରମ୍ପରା ରହିଛି ଯେ ସର୍ବପ୍ରଥମେ ସୃଷ୍ଟି କର୍ତ୍ତା ଭଗବାନ ସେମାନଙ୍କୁ ହିଁ ପ୍ରଥମେ ସୃଷ୍ଟି କରିଥିଲେ । ସ୍ୱତନ୍ତ୍ର ପ୍ରଣାଳୀ ଓ ଢ଼ଙ୍ଗଙ୍କର ଘର ଚକଟିଆ ଭୁଞ୍ଜିଆ ମାନଙ୍କର ଦେଖାଯାଏ । ସେମାନଙ୍କ ପରିବାରରେ ନିଶ୍ଚିତ ଭାବେ ତିନୋଟି ଘର ରହିଥାଏ । ବ୍ୟକ୍ତିଗତ କାର୍ଯ୍ୟ ଓ ଶୋଇବା ପାଇଁ ଗୋଟିଏ ଘର, ଜିନିଷ ପତ୍ର ରଖିବା ପାଇଁ ଅନ୍ୟ ଏକ ଘର ଏବଂ ଏକ ରୋଷେଇ ଘର ମଧ୍ୟ ରହିଥାଏ । କିନ୍ତୁ ଆମ୍ଭ ମାନଙ୍କ ପରି ସେମାନଙ୍କ ରୋଷେଇ ଘର ନୁହେଁ । ଆମେ ପ୍ରଥମରୁ ଆଲୋଚନା କରିଆସୁଥିବା 'ଲାଲ ବଙ୍ଗଳା' ହେଉଛି ଚକଟିଆ ଭୁଞ୍ଜିଆଙ୍କ ପବିତ୍ର ରୋଷେଇ ଘର । ଏହି ଲାଲ ବଙ୍ଗଳା ଭିନ୍ନ ଭାବେ ଓ ସ୍ୱତନ୍ତ୍ର ପରମ୍ପରାକୁ ବିଚାର କରି ମାଟିରେ ନିର୍ମାଣ ହୋଇଥାଏ ଏବଂ ଲାଲ ରଙ୍ଗର ମାଟିରେ ଆକର୍ଷଣୀୟ କାନ୍ଥକୁ ଲିପାପୋଛା କରି ସେଥିରେ ରଙ୍ଗୀନ ଝୋଟି ସବୁ ପକାଇଥାନ୍ତି ।

ଏହି ଲାଲ ବଙ୍ଗଳାରେ ଚକଟିଆ ଭୁଞ୍ଜିଆଙ୍କ ରୋଷେଇ ହେଲେ ମଧ୍ୟ ସେଠାରେ ସେମାନେ ଖାଇ ନଥାନ୍ତି କାରଣ ସେମାନଙ୍କ ବିଶ୍ୱାସର ଦେବତା ହେଉଛନ୍ତି ସ୍ୱୟଂ ସେହି 'ଲାଲ ବଙ୍ଗଳା' । ସେମାନଙ୍କ ବିଚାରରେ ଏହି ଲାଲ ବଙ୍ଗଳା ଅତୀବ ପବିତ୍ରତମ ଗୃହ ଯେଉଁଠି ଅନ୍ୟ ଜାତିର ଲୋକମାନଙ୍କର କେବଳ ପ୍ରବେଶ ନିଷିଦ୍ଧ ନୁହେଁ ଏପରିକି ସେମାନେ ଏହାକୁ ଛୁଇଁଦେବା ମାତ୍ରେ ଏହାକୁ ଆମ ଓଡ଼ିଆ ଭାଷାରେ ଛୁଆଁ, ବା ମାରା କୁହାଯାଏ । ତେଣୁ ଏହାକୁ ପୋଡ଼ି ଦିଆଯାଇ ପୁଣି ଥରେ ନୂଆ ଲାଲ ବଙ୍ଗଳା ତିଆରି କରାଯାଏ । ଅନେକହୁଏତ ଜାଣି ନଥିବେ ବିବାହିତ ଝିଅ, ନିଜ ଘରର ଝିଅଟି ହୋଇଥିଲେ ମଧ୍ୟ ସେମାନେ ଏହି ଲାଲ ବଙ୍ଗଳାକୁ ପ୍ରବେଶ କରିପାରି ନଥାନ୍ତି । ବାପ ଘର ବୁଲା ସମୟରେ ଝିଅଟି ଘରକୁ ଆସିଥିଲେ ମଧ୍ୟ ତାଙ୍କ ପାଇଁ ଲାଲ ବଙ୍ଗଳା ନିଷିଦ୍ଧ ହୋଇଥାଏ । ଏପରିକି ସେମାନେ ମଧ୍ୟ ଛୁଇଁଦେଲେ ଏହାକୁ ପୋଡ଼ି ଦେବାକୁ ହୋଇଥାଏ । ସେମାନଙ୍କ ଚଳଣୀ ଏପରି ଯେ ମାସିକ ଋତୁସ୍ରାବ ହେଉଥିବା ମହିଳାମାନେ ମଧ୍ୟ ଲାଲ ବଙ୍ଗଳାକୁ ପ୍ରବେଶ କରିପାରି ନଥାନ୍ତି । ସେହିପରି ଗର୍ଭବତୀ ମହିଳାଙ୍କ ପାଇଁ ଏହି ଲାଲ ବଙ୍ଗଳା ମନା । ତେବେ ଛୋଟ ଶିଶୁଟି ଜନ୍ମ ହୋଇ ତାର ନାଭି ପଡ଼ିବା ଦିନରୁ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ପ୍ରସୂତୀ ମହିଳାଙ୍କ ପାଇଁ ଲାଲ ବଙ୍ଗଳା ମନା ହୋଇଥାଏ । ପରେ ଗରମ ପାଣିରେ କପଡ଼ା ଧୁଆ ଧୁଇ ହୋଇସାରିବା ପରେ ଯାହାକୁ ସେମାନଙ୍କ ଭାଷାରେ 'କପଡ଼ ଛାଉ' । ପରେ ସେହି ପ୍ରସୂତୀ ମହିଳା ଅନେକ ରୀତିନୀତି ଅନୁଯାୟୀ ଲାଲ ବଙ୍ଗଳାକୁ ପ୍ରବେଶ କରିବାର ଅନୁମତି ପାଇଥାନ୍ତି ।

କେବଳ ପ୍ରସୂତୀ ମହିଳାଙ୍କୁ ଲାଲ ବଙ୍ଗଳାକୁ ପ୍ରବେଶ ପାଇଁ ମନା କରାଯାଇଥାଏ, ତାହା ନୁହେଁ । ବରଂ ନବଜାତ ଶିଶୁର ପିତାଙ୍କୁ ମଧ୍ୟ ଲାଲ ବଙ୍ଗଳାକୁ ବାରଣ କରାଯାଇଥାଏ । ସାତ ଦିନ ପର୍ଯ୍ୟନ୍ତ ପ୍ରସୂତୀ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଅଲଗା ରଖାଯାଇଥାଏ । ସେମାନଙ୍କୁ କେହି ଛୁଅଁନ୍ତି ନାହିଁ । ସପ୍ତମ ଦିନ ସନ୍ଧ୍ୟାରେ ଶିଶୁର ଜନ୍ମ ସଂସ୍କାର ବିଧି ପାଳନ କରାଯିବା ପରେ ସେମାନଙ୍କୁ ଲାଲ ବଙ୍ଗଳାକୁ ଅନୁମତି ମିଳିଥାଏ । ବୟସ୍କ ଲୋକମାନେ ଭକ୍ତ ସ୍ୱାମୀ ଓ ସ୍ତ୍ରୀଙ୍କୁ ଆଶୀର୍ବାଦ କରିବା ପରେ ସେମାନେ ଶିଶୁଟିକୁ ଧରି ଲାଲ ବଙ୍ଗଳା ମଧ୍ୟକୁ ପ୍ରବେଶ କରିଥାନ୍ତି । ଲାଲ ବଙ୍ଗଳାରେ ନବଜାତ ଶିଶୁକୁ ପୂର୍ବକୁ ମୁଣ୍ଡ ଏବଂ ପଶ୍ଚିମକୁ ଗୋଡ଼ ରଖି ଶୁଆଇ ଦିଆଯାଏ । ସେତେବେଳେ କିଛି ମହିଳା ଶିଶୁଟିକୁ କହନ୍ତି, 'ଦେଖ ଦେଖ ଇଟା ଖାଲି ଘର, ତୁଉ ଜେନ ଡଙ୍ଗା ଆସିଛୁ କି ଘରକେ ପୁରାଇ ଦେ, ଲାଖି କରି ଜାଙ୍ଗ, ଛେଚି କରି ବାତୁନ କର, ମାତ୍ୱା ଲସା ଫୁଟୁ ।' ଏହାପରେ ସମସ୍ତେ ଶିଶୁକୁ ଆଶୀର୍ବାଦ କରନ୍ତି । ଏହାପରେ ପିତା, ମାତା ଓ ଶିଶୁଙ୍କୁ ଲାଲ ବଙ୍ଗଳାକୁ ପ୍ରବେଶ ଅନୁମତି ମିଳିଥାଏ ।

ଭୁଞ୍ଜିଆଙ୍କ ଆବହମାନ ବିଶ୍ୱାସ ଯେ ସେମାନଙ୍କ ସୁନାଦୀ ଦେବୀ ସେମାନଙ୍କ ଲାଲ ବଙ୍ଗଳାର ଅଧିଶ୍ୱେରୀ ଏବଂ ତାଙ୍କ ପୂଜା ସେଇଠି ପ୍ରତିଦିନ ହୋଇଥାଏ । ଚକଟିଆ ଭୁଞ୍ଜିଆ ପରିବାରର ସ୍ନାନ କରିନଥିବା ମହିଳାମାନେ ଏହି ଲାଲ ବଙ୍ଗଳାକୁ ପ୍ରବେଶ ନିଷିଦ୍ଧ । ସେହିପରି ଆଦିବାସୀ ଏବଂ ସେମାନଙ୍କ ସଂପ୍ରଦାୟର ଯେ କେହି ମହିଳା ଉଷୁନା ଚାଉଳର ଭାତ ଖାଉଥିଲେ ସେମାନଙ୍କୁ ଏହି ବଙ୍ଗଳାକୁ ପ୍ରବେଶ ନିଷିଦ୍ଧ । ଦୋକାନ ବଜାରର କିଣା ଚାଉଳ ସେମାନେ ଖାଇ ନଥାନ୍ତି । ତାଙ୍କ ଲାଲ ବଙ୍ଗଳା ପାଖରେ ଏକ ଢିଙ୍କି ଥାଏ । ଆମ ଓଡ଼ିଆ ଘରର ଢିଙ୍କିଶାଳ ପରି, ଏହି ଢିଙ୍କିଶାଳରେ ଚକଟିଆ ଭୁଞ୍ଜିଆ ସ୍ତ୍ରୀଲୋକ ଧାନ ନିଜେ କୁଟି ପରିଷ୍କାର କରି ସେହି ଚାଉଳ ହିଁ ରୋଷେଇ ହୋଇଥାଏ । ଢିଙ୍କି ରହିଥିବା ଜାଗାଟିକୁ ସେମାନଙ୍କ ଭାଷାରେ 'କୁଟେନଶାଳ' କୁହାଯାଏ ।

ଚକଟିଆ ଭୁଞ୍ଜିଆଙ୍କ ଜୀବନ ବେଶ ସରଳ ଓ ବିଶ୍ୱାସୀ । ସେମାନଙ୍କ ଅତିବ ପବିତ୍ରତମ ଲାଲ ବଙ୍ଗଳାକୁ ଅନ୍ୟ ମାନଙ୍କୁ ନିଷିଦ୍ଧ କରିବାର ବଡ଼ କାରଣ ହେଉଛି ସେମାନଙ୍କର ଏଯାବତ୍ ଦୃଢ଼ ବିଶ୍ୱାସ ରହିଛି ଯେ ବାହାରେ ରହୁଥିବା ଲୋକ ବା ସହରର ଲୋକମାନେ ସେମାନଙ୍କର କୌଣସି ଜାତି ନଥାଏ । ତେଣୁ ଜାତି ନଥିବା ଏହି ବାହାରର ଲୋକ ଲାଲ ବଙ୍ଗଳାକୁ ପ୍ରବେଶ କଲେ ସେମାନଙ୍କ ଜାତି ଚାଲିଯିବ ଓ ମା'ସୁନାଦୀ ଦେବୀ କୋପ କରିବା ସହ ଘରର କ୍ଷତି କରିବେ । ସେମାନଙ୍କ ନିଜ ରହଣୀ ଘର ଠାରୁ ଲାଲ ବଙ୍ଗଳା ଅତିବ ପବିତ୍ର, ପରିଷ୍କାର ପରିଚ୍ଛନ୍ନ ଓ ସ୍ୱତନ୍ତ୍ର । ସେମାନଙ୍କ ପ୍ରଥମରୁ ହିଁ ବିଶ୍ୱାସ ରହିଛି ଯେ ଏହି ଲାଲ ବଙ୍ଗଳାର ଅଧିଶ୍ୱରୀ ଠାକୁରାଣୀ ସୁନାଦୀ ଦେବୀ ସ୍ୱୟଂ କୁଆଡ଼େ ଆଦେଶ କରିଥିଲେ 'ଏହି ଲାଲ ବଙ୍ଗଳାକୁ ପବିତ୍ର ଭାବେ ବିଚାର କରି କେବଳ ନଡ଼ା ଛପରରେ ଏହାର ଛାତ ହେବ । ନିଜେ ହାତରେ ଧାନକୁଟି ଖାଇବା ସହ ବାହାର ଲୋକଙ୍କୁ ପ୍ରବେଶ ନିଷିଦ୍ଧ ରଖିବ ।' ସେହିଦିନ ଠାରୁ ଏଯାବତ୍ ଚକଟିଆ ଭୁଞ୍ଜିଆମାନେ ସୁନାଦୀ ଦେବୀଙ୍କ ଆଜ୍ଞାକୁ ଦୈବୀ ଆଜ୍ଞା ଭାବେ ବିଶ୍ୱାସ କରି ନୀତିନିୟମକୁ ପାଳନ କରିଆସୁଛନ୍ତି । କିଛି ବର୍ଷ ତଳେ ଏକ ପୋଲିସ ଦଳ ଲାଲ ବଙ୍ଗଳାକୁ କୌଣସି ସର୍ଚ୍ଚ ଅପରେସନ କାର୍ଯ୍ୟରେ ଛୁଇଁ ଦେଇଥିବାରୁ ସେମାନେ ତୁରନ୍ତ ଏହାକୁ ପୋଡ଼ି ଦେଇ ନୂଆ ଲାଲ ବଙ୍ଗଳା ତିଆରି କରିଥିଲେ । ଏହି ଲାଲ ବଙ୍ଗଳାକୁ ନେଇ ଗଣମାଧ୍ୟମରେ ଅନେକ ଖବର ପ୍ରକାଶ ପାଉଛି ଓ ଅନେକ ଗବେଷଣା ମଧ୍ୟ ଆରମ୍ଭ ହୋଇଛି । ତେବେ ଆଦିବାସୀଙ୍କ ଜୀବନ ଚଳଣୀରେ ଲାଲ ବଙ୍ଗଳା ଏକ ଅନନ୍ୟ ଓ ସ୍ୱତନ୍ତ୍ର ସଂସ୍କୃତିର ଜୀବନ ଧାରା କହିଲେ ଅତ୍ୟୁକ୍ତି ହେବନାହିଁ ।

ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ,
ଦୂରଭାଷ;୯୪୩୭୨୪୨୩୧୭

ଦେବ ଦୀପାବଳିରେ ବିଶ୍ୱଶାନ୍ତି ଅଗ୍ନିହୋତ୍ର ମହାଯଜ୍ଞ

ପୁରୀ, ୨୧/୧୧ (ଆ.ପ୍ର) : 'ଓଡ଼ିଶା ଇଂଟର ନ୍ୟାସନାଲ ସେଂଟର' ପକ୍ଷରୁ ପବିତ୍ର ଦେବ ଦୀପାବଳି ଅବସରରେ ବଡ଼ଦାଣ୍ଡ ସ୍ଥିତ ହାତୀ ଆଖଡ଼ା ମଠ ପରିସରରେ ବିଶ୍ୱଶାନ୍ତି ଅଗ୍ନିହୋତ୍ର ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ମଠ ମହନ୍ତ ବାବା ସୁଖରାମ ଦାସ ଙ୍କର ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯଜ୍ଞରେ ମୁଖ୍ୟ କର୍ତ୍ତା କର୍ତ୍ତ୍ରୀ ଭାବେ ସତ୍ୟ ସୁନ୍ଦର ପଣ୍ଡା ଏବଂ ଡ଼େଜି ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ । ଏହି ମହତ୍ କାର୍ଯ୍ୟକ୍ରମ ରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଂଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଗୌରହରି ପ୍ରଧାନ, ରାଜକିଶୋର ପାତ୍ର, ଡକ୍ଟର ହରିହର କାନୁନଗୋ, ରବି ଶଙ୍କର ପ୍ରତିହାରୀ, ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଯଜ୍ଞ ପୂର୍ଣ୍ଣାହୁତି ଅବସରରେ ଉପସ୍ଥିତ ଥିଲେ । ଅନୁଷ୍ଠାନ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ମୁରୁଜ ଚିତା ପଡ଼ି ଦୀପ ଲଗାଯାଇ ଦୀପମୟ ହୋଇଥିଲା ବଡ଼ଦାଣ୍ଡ । ଏଥି ସହିତ ସେବାୟତ ଶଙ୍ଖମିତ୍ର ସିଂହାରୀଙ୍କ ତତ୍ତ୍ୱାବଧାନରେ 'ଶ୍ରୀକ୍ଷେତ୍ର ବିକାଶ ମଂଚ' ପକ୍ଷରୁ ମୁକ୍ତାକାଶ ରଙ୍ଗମଂଚରେ ପାରମ୍ପରିକ ଭଜନ ସଂଧ୍ୟା ଅନୁଷ୍ଠିତ ହୋଇ ଲୋକପ୍ରିୟ କଣ୍ଠଶିଳ୍ପୀ ମାନେ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ ଓ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଆବାହକ ଭାବଗ୍ରାହୀ ଶାନ୍ତି, ସଂଯୋଜିକା କୁମୁଦିନୀ ପଣ୍ଡା, ଟ୍ରଷ୍ଟି ଉଦୟ କୁମାର ଶାନ୍ତି, ରମାକାନ୍ତ ମହାନ୍ତି, ଲକ୍ଷ୍ମୀନାରାୟଣ ଦାସ, ପ୍ରଫୁଲ୍ଲ କୁମାର ଖୁଂଟିଆ, ରତିକାନ୍ତ ପାଢ଼ୀ, ଡକ୍ଟର କିଶୋର ପ୍ରଧାନ, ସଂଯୁକ୍ତା ମହଲ, ରିଙ୍କି ବାରିକ, ପ୍ରଶାନ୍ତ କୁମାର ମିଶ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ସଦସ୍ୟା ପରିଚାଳନା ରେ ସହଯୋଗ କରିଥିଲେ ।

ବାଲୁଗାଁ ଠାରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଚିଲିକା/ବାଣପୁର, ୨୧/୧୧ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ବାଲୁଗାଁ ରୋଟାରୀ କ୍ଲବ୍ ଓ ବାଲୁଗାଁ ଯୁଗଳ ଚରଣ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଏକ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ବାଲୁଗାଁ ଗାନ୍ଧି ଛକ ନିକଟରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଲୋକମାନଙ୍କୁ ହେଲମେଟ ପିନ୍ଧି ଗାଡ଼ି ଚଳାଇବା, ସମସ୍ତ ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବା ଇତ୍ୟାଦି ସମ୍ପର୍କରେ ସଚେତନ କରାଇଥିଲେ । ବାଲୁଗାଁ ପୋଲିସ ଷ୍ଟେସନର ଏସ୍ ଆଇ ରଶ୍ମି ସାହୁ, ଏ ଏସ ଆଇ ସୁକାନ୍ତ ପଟ୍ଟନାୟକ ଓ ଟ୍ରାଫିକ କନଷ୍ଟେବଳ ହିମାଂଶୁ କୁମାର ସେଠୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ବାରିକ, ଶିକ୍ଷୟିତ୍ରୀ

ପ୍ରଜ୍ଞା ନିବେଦିତା ସ୍ୱାଇଁ, ଗୌରାଙ୍ଗ ବାରିକଙ୍କ ଉପସ୍ଥିତିରେ ପ୍ରାୟ ୬୦ ଜଣ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଚିଲିକା ବାଲୁଗାଁ ରୋଟାରୀ କ୍ଲବ୍ ସଭାପତି ଗଜେନ୍ଦ୍ର ସେଠୀ, କ୍ଲବର ପ୍ରାକ୍ତନ ସଭାପତି ସତ୍ୟେନ୍ଦ୍ର କୁମାର ସ୍ୱାଇଁ ଏବଂ କ୍ଲବର ସମ୍ପାଦକ ଯଦୁମଣି ତରାଇ ଓ ଅନ୍ୟ ସଦସ୍ୟ ମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ପାରାଦୀପ ବନ୍ଦରକୁ ଆନ୍ତର୍ଜାତିକ ସମୁଦ୍ର ମନ୍ଥନ ପୁରସ୍କାର

ପାରାଦୀପ, ୨୧/୧୧ (ଆ.ପ୍ର) : ଚଳିତବର୍ଷର ଆନ୍ତର୍ଜାତିକ ସମୁଦ୍ର ମନ୍ଥନ ପୁରସ୍କାର ପାରାଦୀପ ବନ୍ଦରକୁ ପୁରସ୍କୃତ କରାଯାଇଛି । ମୁମ୍ବାଇରେ ଅନୁଷ୍ଠିତ କନଭେନସନ୍ ସମାରୋହରେ ପାରାଦୀପ ବନ୍ଦରକୁ ଚଳିତ ବର୍ଷ ନିମନ୍ତେ ଦ୍ୱାଦଶ ଆନ୍ତର୍ଜାତିକ ସମୁଦ୍ର ମନ୍ଥନ ପୁରସ୍କାର ପ୍ରଦାନ କରାଯାଇଛି । ମିଜୋରାମର ରାଜ୍ୟପାଳଙ୍କ ଠାରୁ ପାରାଦୀପ ବନ୍ଦର ପକ୍ଷରୁ ଟ୍ରାଫିକ ମ୍ୟାନେଜର ଜି. ଏଡିସନ୍ ପୁରସ୍କାର ଗ୍ରହଣ କରିଛନ୍ତି । ପାରାଦୀପ ବନ୍ଦର ସାମୁଦ୍ରିକ କ୍ଷେତ୍ରରେ କାର୍ଗୋ ପରିବହନ ଓ ପରିଚାଳନା କର୍ତ୍ତୃପକ୍ଷଙ୍କ ଦକ୍ଷତା ଓ ସେବା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହି ସଫଳତା ହାସଲ କରିବା ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଦ କହିଛନ୍ତି, ପାରାଦୀପ ବନ୍ଦର ଏହି ମାନ୍ୟତା ପାଇବା ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିଆସୁଛି । ଏହା ଗ୍ରାହକ କେନ୍ଦ୍ରିକ କାର୍ଯ୍ୟ ପ୍ରତି ବନ୍ଦରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି ।

ଦୁଇଟି ଭିନ୍ନ ମକଦ୍ଦମାରେ ଦୁଇ ଜଣ ଦୋଷୀ ସାବ୍ୟସ୍ତ

ପାରଳାଖେମୁଣ୍ଡି, ୨୧/୧୧ (ଆ.ପ୍ର) : ଗଜପତି ଜିଲ୍ଲାର ୨ଟି ଅଲଗା ଅଲଗା ଘଟଣାରେ ୨ ଜଣ ଦୋଷୀଙ୍କୁ ଗିରଫ କରାଯାଇଛି । ପ୍ରଥମ ଘଟଣା ପ୍ରକାରେ ଜଣେ ନାବାଳିକାକୁ ଯୁବରାଜ କିଶୋର ପାଣି ଓରଫ ଅମିତ ପାଣି ନାମକ ବ୍ୟକ୍ତି ଅପହରଣ କରି ନେଇ ତାକୁ ବାହା ହେବାର ମିଥ୍ୟା ପ୍ରବଂଚନା ଦେଇଥିଲା । ତାକୁ ଅତିରିକ୍ତ ଜିଲ୍ଲା ଜଜ୍ ବିଭୂ ପ୍ରସାଦ ପଣ୍ଡା ନିଜ ବିଚାରରେ ଦୋଷୀକୁ ଦୁଷ୍କର୍ମ ଓ ଅପହରଣ ମାମଲାରେ ୨୦ ବର୍ଷ ଜେଲ ଏବଂ ୧୦୦୦୦ ଟଂକା ଜୋରିମାନା ଘୋଷଣା କରିଛନ୍ତି । ଜୋରିମାନା ଅନାଦାୟେ ଆହୁରି ୬ମାସ ଜେଲ ତଥା ଅପହରଣ ଘଟଣାରେ ପୁଣି ୩ ବର୍ଷ ଜେଲ ଏବଂ ୧୦୦୦ ଟଂକା ଜୋରିମାନା ଶୁଣାଇଛନ୍ତି । ଜୋରିମାନା ଅନାଦାୟେ ଆହୁରି ୨ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି । ସେସବୁ ଜୋରିମାନାକୁ ପିଡିତାକୁ ଦେବାକୁ କହିଛନ୍ତି । ତତ୍ ସଂଗେସଂଗେ ଜିଲ୍ଲା ଆଇନ ପ୍ରାଧିକରଣ ସଂସ୍ଥାକୁ ପିଡିତାକୁ ୪ ଲକ୍ଷ ଆର୍ଥିକ ସହାୟତା କରିବାକୁ ଘୋଷଣା କରିଛନ୍ତି । ଅନ୍ୟ ଏକ ଘଟଣାରେ ଜଣେ ନାବାଳିକା ୧୦ ଜାନୁୟାରୀ ୨୦୨୪ ତାରିଖ ଦିନ ସ୍କୁଲ ବାର୍ଷିକୋତ୍ସବରେ ଯୋଗ ଦେଇ ଘରକୁ ଫେରି ନଥିଲା । ଝିଅର ବାପା ବହୁତ ଖୋଜାଖୋଜି କରି ନପାଇବାରୁ ଆର୍ ଉଦୟଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତତ୍କାଳୀନ ଏସଆଇ ସ୍ୱପ୍ନା ରାଣୀ ବେହେରା ଏହାର ତଦନ୍ତ କରିଥିଲେ । ସେ ଟଂଗ ଥାନା ଅନ୍ତର୍ଗତ ନୂଆଗଡ଼ରେ ଯୁବରାଜକୁ ପୋଲିସ ଗିରଫ କରି କୋର୍ଟକୁ ଚାଲାଣ କରିଥିଲା ଏବଂ ଝିଅକୁ ଉଦ୍ଧାର କରିଥିଲା । ପିପି ହରିକୃଷ୍ଣ ପ୍ରଧାନ ସଫଳତାର ସହ ନିଜ ଯୁକ୍ତି ବାଢ଼ିଥିଲେ । ଦ୍ୱିତୀୟ ଘଟଣାରେ କିଶୋର ପାଇକ ୧୬ ଜୁନ ୨୦୨୫ ତାରିଖ ଦିନ ଗୋଟିଏ ଅନ୍ତିମ ସଂସ୍କାରରେ ଯୋଗଦେଇ ଘରକୁ ଫେରିଲାବେଳକୁ ତାଂକ ଘର କବାଟ ତାଲା ଭାଂଗି ସୁନା ଗହଣା କେହି ନେଇଯାଇଥିଲେ । ଏହାପରେ ସେ ଆର୍ ଉଦୟଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ଏସଆଇ ସନ୍ଦିପ ହେମ୍ବ୍ରମ ଏହି କେଶର ତଦନ୍ତ କରଥିଲେ । ଲୁବୁରସିଂ ଗ୍ରାମର ଏବଳ ଭୂୟାଂକୁ ଗିରଫ କରି କୋର୍ଟକୁ ପଠାଇଥିଲେ । ଜେଏମଏଫସି ତରୁଣ କୁମାର ସେଠୀ ଦୋଷୀଂକୁ ୩ ବର୍ଷ ଜେଲ ଓ ୩୦୦୦ ଜୋରିମାନା ତଥା ଘରକୁ ପଶି ଘଟଣା ଘଟାଇବାରୁ ପୁଣି ୨ ବର୍ଷ ଜେଲ ଏବଂ ୨୦୦୦ ଟଂକା ଜୋରିମାନା ଘୋଷଣା କରିଥିଲେ । ଆର୍ଥିକ ଦଣ୍ଡ ଅନାଦାୟେ ପୁଣି ୧ ବର୍ଷ ଅଲଗା ଅଲଗା ଜେଲଦଣ୍ଡ ଘୋଷଣା କରିଥିଲେ ।

ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡ଼ିବ କେବେ ?

ଦଶପଲ୍ଲା, ୨୧/୧୧ (ଆ.ପ୍ର) : ଜନସାଧାରଣଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସରକାର ପ୍ରତି ମୁହୂର୍ତ୍ତ ରେ ଚେଷ୍ଟିତ । ଅନେକ ଯୋଜନା ମାନ ଜନସାଧାରଣଙ୍କ ପାଇଁ ପ୍ରଣୟନ ତଥା କାର୍ଯ୍ୟକାରୀ ମଧ୍ୟ କରିଛନ୍ତି । ତେବେ ଅନେକାଂଶ ରେ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଓ ମନମାନି ଲାଗି ଜନସାଧାରଣ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି । ଅନେକ କର୍ମଚାରୀ ଠିକ ସମୟରେ ଅଫିସ ନ ଆସିବା ତଥା ଦୀର୍ଘ ମାସ ଧରି ଅଫିସ ନ ଆସି ଘରେ ବସି ଦରମା ନେଉଛନ୍ତି । ତେବେ ପ୍ରତ୍ୟକ୍ଷରେ ହେଉ ଅବା ପରୋକ୍ଷରେ ସାଧାରଣ ଜନତା କଷ୍ଟ ଭୋଗୁଥିବା ଦେଖିବାକୁ ମିଳୁଛି । ତେବେ ଦଶପଲ୍ଲା ବ୍ଲକ ମଧ୍ୟରେ ଅନେକ ଡାକ୍ତରଖାନା ବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଅବା ହୋମିଓପାଥି ବିଭାଗରେ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳୁଛି । କେବଳ ଉପରିସ୍ଥ ଅଫିସର ଆସିବା ସମୟରେ ହେଉ କିମ୍ବା କୌଣସି କାର୍ଯ୍ୟକ୍ରମ ହେଲେ ଏ ସବୁ କର୍ମଚାରୀଙ୍କ ଦେଖା ମିଳୁଥିବା ଶୁଣାଯାଉଛି । ଏ ପ୍ରକାର ବ୍ୟତିକ୍ରମ କାହିଁକି ଓ କାହା ଇଚ୍ଛାଧୀନରେ ସଂଗଠିତ ହେଉଛି ତାହାର ଉତ୍ତର କାହା ପାଖରେ ? ତେବେ କଥାରେ ଅଛି ' ବାଘ ନ ଥିଲେ ମିରିଗ ନାଟ ' ଉକ୍ତିଟି ଏଠି ପ୍ରଯୁଜ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯଦି ଉପରିସ୍ଥ ଅଧିକାରୀ ସଠିକ ଭାବରେ ଦୃଷ୍ଟି ଦିଅନ୍ତେ ତେବେ ଏପରି ବ୍ୟତିକ୍ରମ ହୁଅନ୍ତା ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣ ରେ ଚର୍ଚ୍ଚା ହେଉଛି ।

ବଙ୍ଗାଳିଡାହି ଟୁସୁମେଳା ଓ ମୀନାବଜାର ପାଇଁ ପ୍ରସ୍ତୁତି ବୈଠକ

ବୈଁଶିଙ୍ଗା, ୨୧/୧୧ (ଆ.ପ୍ର) : ପବିତ୍ର ମକର ପର୍ବ ଓ ସୂର୍ଯ୍ୟଙ୍କ ଉତ୍ତରାୟଣ ଉପଲକ୍ଷେ କୁଡମୀ ଜାତିର ପବିତ୍ରା ନାରୀ ଟୁସୁଦେବୀ ମୋଗଲ ସମ୍ରାଟଙ୍କ କୁଦୃଷ୍ଟିରୁ ନିଜ ସତୀତ୍ୱକୁ ରକ୍ଷା କରିବାକୁ ଯାଇ ପାଣିରେ ଝାସ ଦେଇ ଆତ୍ମ ବିସର୍ଜନ କରିଥିଲେ । ତାଙ୍କର ସ୍ମୃତିକୁ ମନେ ପକାଇବା ସହିତ ତାଙ୍କ ସତୀତ୍ୱକୁ ସମ୍ମାନ ଜଣାଇବା ପାଇଁ କୁଡୁମୀ ଜାତି ପ୍ରତିବର୍ଷ ମକର ସମୟରେ ଟୁସୁଦେବୀଙ୍କ ପୂଜା କରିବା ସହିତ ବିଭିନ୍ନ ସ୍ଥାନରେ ବଡବଡ ଟୁସୁ ମିଳନ ପର୍ବ ଆୟୋଜନ କରିଆସୁଛି । ଚଳିତ ବର୍ଷ ବେତନଟୀ ବ୍ଲକର ବଙ୍ଗାଳିଡାହିଠାରେ ଟୁସୁମେଳା ସହିତ ମୀନା ବଜାରର ବିଶାଳ ଆୟୋଜନ ହେବାକୁ ଯାଉଛି । ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଯୁବ ସଂଗଠକ ତଥା ବନ ସନ୍ଦେଶ ପତ୍ରିକାର ସଂପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମକର ମେଳା ସହିତ ଟୁସୁମେଳା ଓ ମୀନା ବଜାରର ସ୍ୱରୂପ ଉପରେ ଉକ୍ତ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଯୁବକ ମହେନ୍ଦ୍ର ମହାନ୍ତ, କୁଜଚନ୍ଦ୍ର ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ, ମଙ୍ଗଲୁ ମହାନ୍ତ, ସୁଦାମ ମହାନ୍ତ, ମଂଟୁ ମହାନ୍ତ, ରବି ମହାନ୍ତ ଓ ବଡିଶ ମହାନ୍ତଙ୍କ ସହିତ ଶ୍ରୀରାମ ସେନାର ସଦସ୍ୟମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ କାର୍ଯ୍ୟକ୍ରମରେ ବନବାସୀ ଛାତ୍ରଛାତ୍ରୀଙ୍କ କୃତିତ୍ୱ

ବାଲିଗୁଡା, ୨୧/୧୧ (ଆ.ପ୍ର) : ଓଡିଶା ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରୟାସରେ ରାଜ୍ୟ ଶିଶୁ ସୁରକ୍ଷା ସମିତି ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ବନବାସୀ ସେବା ସମିତିର ଛାତ୍ର ଛାତ୍ରୀ ମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ସମଗ୍ର ଜିଲ୍ଲାକୁ ଚମ୍ପିୟାନ କରାଇପାରିଛନ୍ତି । ସୂଚନା ଯୋଗ୍ୟ ଯେ, ଚଳିତ ମାସ ୧୧ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିଅମରେ ଏହି ଉତ୍ସବ ଆୟୋଜିତ ହୋଇଥିଲା । ଯେଉଁଥିରେ ରାଜ୍ୟର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁ ମାନେ ଯୋଗଦେଇ ନିଜର ସୃଜନାତ୍ମକ, ସାଂସ୍କୃତିକ, ଶିକ୍ଷାମୂଳକ ଓ କ୍ରୀଡ଼ା କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିଥିଲେ । ଏହି ପ୍ରତିଯୋଗିତାରେ ବନ୍ୱସୀ ସେବା ସମିତି ଅଧୀନରେ ଥିବା ଶିଶୁ ସଦନ ବାଲିଗୁଡା, ଜକିକିଆ, ରେବିଙ୍ଗିଆ ଏବଂ ଡ଼ଙ୍ଗରୀଗୁଡାର ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସମଗ୍ର କନ୍ଧମାଳ ଜିଲ୍ଲାକୁ ଚମ୍ପିୟାନ କରି ଗର୍ବିତ କରାଇ ପାରିଛନ୍ତି । ଏହି ଅବସରରେ ବନବାସୀ ସେବା ସମିତିରେ ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନା ଏବଂ ସହ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ଶିଶୁ ମାନଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ । ଶିଶୁ ମାନଙ୍କର କୃତିତ୍ୱ ସକାଶେ କନ୍ଧମାଳ ଜିଲ୍ଲା ପ୍ରଶାସନର ସହଯୋଗ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରୋତ୍ସାହନ ସକାଶେ ସମିତିର ସହ ସମ୍ପାଦକ ସେମାଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି ।

ଶିବ ମନ୍ଦିର ଜମି ଉପରେ ରାସ୍ତା ନିର୍ମାଣ ବିରୋଧରେ ଗ୍ରାମବାସୀ ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଚମ୍ପୁଆ, ୨୧/୧୧ (ଆ.ପ୍ର) : ଶିବ ମନ୍ଦିର ଜମି ଉପରେ ରାସ୍ତା ନିର୍ମାଣକୁ ବିରୋଧ କରି ଚମ୍ପୁଆ ଉପ ଜିଲ୍ଲା ପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ । ସୂଚନା ଅନୁସାରେ ଚମ୍ପୁଆ ବ୍ଲକ ଅନ୍ତର୍ଗତ ରିମୁଳି ଗ୍ରାମରେ କେନ୍ଦୁଝର ଜିଲ୍ଲାରେ ରାଜାଙ୍କ ଶାସନ ଚାଲୁଥିବା ସମୟରୁ ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବଙ୍କ ନାମରେ ଶିବ ଠାକୁର ପୂଜା ପାଇ ଆସୁଛନ୍ତି । ତତ୍କାଳୀନ କେନ୍ଦୁଝର ରାଜାଙ୍କ ତରଫରୁ ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବଙ୍କ ନିମନ୍ତେ ଏକ ମନ୍ଦିର ନିର୍ମାଣ କରାଯିବା ସହିତ ଠାକୁରଙ୍କ ନିମନ୍ତେ ୨୫ ଡିସିମିଲ ଜମି ମଧ୍ୟ ପଟ୍ଟା ଦିଆଯାଇଅଛି । ଏହି ପୁରାତନ ଶିବ ମନ୍ଦିର ପାର୍ଶ୍ୱରେ ଏକ ଗ୍ରାମ୍ୟ ରାସ୍ତା ମଧ୍ୟ ରହି ଅଛି । ଏବେ ଚମ୍ପୁଆ ବିଧାୟକଙ୍କ ପାଣ୍ଠି ଅନୁଦାନ ରେ ଏହି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଚାଲୁଅଛି । କିନ୍ତୁ ଏହି ରାସ୍ତା ନିର୍ମାଣ ଦାୟିତ୍ୱ ରେ ଥିବା ଠିକାଦାର ପୂର୍ବରୁ ଯେଉଁ ସ୍ଥାନରେ ରାସ୍ତା ରହିଥିଲା ତାହା ଉପରେ ରାସ୍ତା ନିର୍ମାଣ ନ କରି ଶିବ ମନ୍ଦିର ଜମି ଉପରକୁ ମାଡ଼ି ରାସ୍ତା ନିର୍ମାଣ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିବା ସହିତ ଏହାର ବିରୋଧ କରିଛନ୍ତି । ସର୍ବ ସାଧାରଣ ବ୍ୟବହାର ନିମନ୍ତେ ରାସ୍ତା ନିର୍ମାଣକୁ ଗ୍ରାମବାସୀ ବିରୋଧ କରୁ ନ ଥିଲେ ମଧ୍ୟ ପୁରାତନ ମନ୍ଦିର ଜମିକୁ ମାଡି ରାସ୍ତା ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଗ୍ରାମବାସୀ ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବଙ୍କ ନାମରେ ଥିବା ଜମିକୁ ଚିହ୍ନଟ କରାଯିବା ସହିତ ମନ୍ଦିର ଜମିକୁ ଛାଡି ରାସ୍ତା ନିର୍ମାଣ କରାଯାଉ ବୋଲି ଦାବି କରିଛନ୍ତି । ଆଜି ମନ୍ଦିର ଜମି ଉପରେ ଏହି ରାସ୍ତା ନିର୍ମାଣକୁ ବିରୋଧ କରି ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଅଭିଯୋଗ ପତ୍ର ନେଇ ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବ ମନ୍ଦିରର ପୂଜକ ବାଞ୍ଛାନିଧି ମିଶ୍ର ବୃନ୍ଦାଙ୍କ ସମେତ ଅଜିତ କୁମାର ମହାପାତ୍ର, ମହେନ୍ଦ୍ର ମହାରଣା ଓ ଧାନ ସେଠୀ ଚମ୍ପୁଆ ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଚମ୍ପୁଆ ଉପ ଜିଲ୍ଲାପାଳ ରିମୁଳି ଗ୍ରାମବାସୀଙ୍କ ଦାବିକୁ ସୁବିଚାର କରିବା ସହିତ ମନ୍ଦିର ଜମିକୁ ଚିହ୍ନଟ କରିବା ପାଇଁ ଚମ୍ପୁଆ ପ୍ରଶାସନକୁ ନିର୍ଦ୍ଦେଶ ଦେବା ସହିତ ମନ୍ଦିର ଜମିକୁ ଛାଡି ରାସ୍ତା ନିର୍ମାଣ କରିବା ପାଇଁ ସଂପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦେବାକୁ ଗ୍ରାମବାସୀ ମହଲରେ ଦାବି ହେଉଛି ।

୨୬ ରୁ ୨୮ ଯାଏ ବଣାଇଁରେ ଉପଖଣ୍ଡସ୍ତରୀୟ କୃଷି ଯାନ୍ତ୍ରପାତି ମେଳା

ବଣାଇଁ, ୨୧/୧୧ (ଆ.ପ୍ର) : କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ବଣାଇଁ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୫ ଆସନ୍ତା ତା. ୨୬.୧୧.୨୦୨୫ ରିଖ ଠାରୁ ତା. ୨୮.୧୧.୨୦୨୫ ରିଖ ପର୍ଯ୍ୟନ୍ତ ରାଜା ଧରଣୀଧର ବହୁମୁଖୀ ପଡ଼ିଆ, ବଣାଇଁ (ବଣାଇଁ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ) ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି । ଉକ୍ତ ମେଳା ରେ ବିଭିନ୍ନ ପ୍ରକାରର କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ରିହାତି ଦରରେ ବିକ୍ରୟ ତଥା କୃଷି ଓ ଆନୁସଙ୍ଗିକ ବିଭାଗର ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ସମ୍ବନ୍ଧୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହେବ । ଉପଜିଲ୍ଲାପାଳ ତଥା ଉପଖଣ୍ଡସ୍ତରୀୟ ମାଜିଷ୍ଟ୍ରେଟ, ବଣାଇଁ ଅକ୍ଷୟ ପିଲ୍ଲୁ (ଭା ପ୍ର ସେ)ଙ୍କ ଅଧ୍ୟକ୍ଷତାରେ ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁନ୍ଦରଗଡ଼ ଲାଲ୍ ବିହାରୀ ମଲ୍ଲିକଙ୍କ ପୌରହିତ୍ୟରେ ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ଲୋକସଭା ସାଂସଦ, ସୁନ୍ଦରଗଡ଼ ଶ୍ରୀଯୁକ୍ତ ଜୁଏଲ ଓରାମଙ୍କ ଦ୍ୱାରା ତା. ୨୬.୧୧.୨୦୨୫ ରିଖ ବୁଧବାର ଦିନ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଏହି ମେଳାର ଶୁଭ ଉଦ୍ଘାଟନ ହେବ ହେବା ନେଇ ମନୋଜ କୁମାର ପ୍ରଧାନ, କୃଷି ଜିଲ୍ଲା ଅଧିକାରୀ, ବଣାଇଁ ଅଂଚଳର ସମସ୍ତ ଚାଷୀ ମାନଙ୍କୁ ଏହି ମେଳାରେ ଉପସ୍ଥିତ ରହି ଏହାର ଲାଭ ଉଠାଇବାକୁ ନିବେଦନ କରିଛନ୍ତି ।

ନବରଙ୍ଗପୁର ଜିଲ୍ଲା ମେଲୋଡି କଳାକାରଙ୍କ ଏକ ସାଧାରଣ ବୈଠକ ଅନୁଷ୍ଠିତ

ପାପଡାହାଣ୍ଡି, ୨୧/୧୧ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ସଦର ମଧୁକୁମାର ଶହିଦ ମିନାର ଠାରେ ନବରଙ୍ଗପୁର ଜିଲ୍ଲା ମେଲୋଡି କଳାକାରଙ୍କ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଜିଲ୍ଲାର କୋଣ ଅନୁକୋଣରୁ ଶତାଧିକ କଳାକାର ଉପସ୍ଥିତ ଥିଲେ । ଏହି ଅବସରରେ ଆଗାମୀ ଭବିଷ୍ୟତରେ ମେଲୋଡି କଳାକାରଙ୍କୁ ନେଇ ଜିଲ୍ଲା ସ୍ତରୀୟ ଏକ ସଙ୍ଘ ଗଠନ କରି ପଞ୍ଜିକୃତ କରାଇବାକୁ ନିଷ୍ପତ୍ତି ନିଆଯାଇଥିଲା । କଳାକାର ମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରାଯାଇଥିଲା । ବିଭିନ୍ନ ସମୟରେ ଏହି କଳାକାର ମାନେ କୌଣସି ବିବାହ ବା ସରକାରୀ କାର୍ଯ୍ୟକ୍ରମରେ ନିମନ୍ତ୍ରଣ ପାଇ ଦେଣ ନେଣ ସମୟରେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଆଲୋଚନା ହୋଇଥିଲା । ଏହାର ସମାଧାନ ପାଇଁ ଏକ ସଂଗଠନ କଲେ ନିଜେ ଉପକୃତ ହେବେ ବୋଲି ଉପସ୍ଥିତ ସଦସ୍ୟ ଆଲୋଚନା କରିଥିଲେ । ଜିଲ୍ଲାର ଦଶଗୋଟି ବ୍ଲକର ପ୍ରତ୍ୟେକ ବାଜା ମେଲୋଡି ଦଳର ଶତାଧିକ ସଦସ୍ୟ ଏହି ଅବସରରେ ନିଜ ନିଜର ପରିଚୟ ପ୍ରଦାନ କରି ଆଗାମୀ ଦିନରେ ଏକତ୍ରିତ ହୋଇ କଳାକାରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସଙ୍ଘ ଗଠନ କରିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ କରାଯାଇଥିଲା । ନିକଟ ଭବିଷ୍ୟତରେ ଏହି କଳାକାରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ କରାଯାଇ ସଂଘ ଗଠନର ଖସଡ଼ା ପ୍ରସ୍ତୁତ କରାଯିବ ବୋଲି ନିଷ୍ପତି କରାଯାଇଥିଲା । ଏହି ଅବସରରେ କରୁଣାମୟ ବେହିଆ, ଅଭିଷେକ ସୁନା, ଗଜେନ୍ଦ୍ର ସୁନା, ଯୁଧିଷ୍ଠିର ସାନ୍ତା, ସୁରଜ କୁମାର ବାଗ, କୁନୁ ସୁନା, ଅରୁଣ ରାଉତ, କ୍ରିଷ୍ଣା ଗଣ୍ଡ, ସଦନ ସାନ୍ତା, ଡେଭିଡ ସାନ୍ତା, ତ୍ରିନାଥ ଖମାରି, ଶୁକଚନ୍ଦ ବାଗ, ଦୁର୍ଜନ ଗରଡ଼ା , ରଜିତ ସରି, କୁଳେସର ଗଣ୍ଡ, ମଙ୍ଗଳରାମ ଗଣ୍ଡ, କଲଶୁରାମ ଗଣ୍ଡ, ଧର୍ମୁ ରାଉତ , ଯୋହନ ହରିଜନ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ ।

ପୋଖରୀରେ ବୁଡ଼ି ଜଣେ ମୃତ

ଦଶପଲ୍ଲା, ୨୧/୧୧ (ଆ.ପ୍ର) : ନୂଆଗାଁ ଥାନା ସୋରଡ଼ା ଗ୍ରାମରେ ଘଟିଛି ଦୁଃଖଦ ଘଟଣା । ଗ୍ରାମର ଯୋଗେନ୍ଦ୍ର ନାୟକ ପୁତ୍ର ଗୌତମ ନାୟକ (୧୪) ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି । ଘରୁ ଯାଇ ବିଳମ୍ବିତ ସମୟ ପର୍ଯ୍ୟନ୍ତ ନଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ । ଦମକଳବାହିନୀକୁ ଖବର ଦିଆଯିବା ପରେ ଦମକଳବାହିନୀ ପହଂଚି ପୋଖରୀରୁ ଗୌତମଙ୍କୁ ଉଦ୍ଧାର କରିଥିଲେ । ଉଦ୍ଧାର ପରେ ତାଙ୍କୁ ଚିକିତ୍ସା ନିମନ୍ତେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଘଟଣା ସ୍ଥଳରେ ନୂଆଗାଁ ପୋଲିସ ପହଂଚି ମୃତ ଶରୀର ଜବତ କରି ଘଟଣାର ତଦନ୍ତ ଜାରୀ ରଖିବା ସହିତ ସ୍ୱବ୍ୟବଚ୍ଛେଦ ପାଇଁ ପଠାଇଥିଲେ ।

ସରକାରୀ ଜମି ଜବରଦଖଲ ଅଭିଯୋଗରେ ୬ଟି ଘର ଭାଙ୍ଗିଲା ପ୍ରଶାସନ

ବାଲିଗୁଡା, ୨୧/୧୧ (ଆ.ପ୍ର) : ରାଜ୍ୟରେ ନୂତନ ସରକାର ଗଠନ ପରେ ସମଗ୍ର ଓଡିଶାରେ ସରକାରୀ ଜମି ଜବରଦଖଲକାରିଙ୍କ ଉପରେ କଡା ନଜର ରଖି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ ଅଂଚଳରେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ତହସିଲଦାର ଦୋଳଗୋବିନ୍ଦ ସାହୁଙ୍କ ନେତୃତ୍ୱରେ ସରକାରୀ ଜମି ଜବରଦଖଲ କରିଥିବା ଜବରଦଖଲ କାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶୁକ୍ରବାର ତୁମୁଡିବନ୍ଧ ବ୍ଲକର ଆମ୍ବେଦକର ଛକ ନିକଟରେ ୫୯ ନଂ. ଜାତୀୟ ରାଜପଥକୁ ଲାଗି ରହିଥିବା ୬ଟି ମାଟି ଘରକୁ ଉଚ୍ଛେଦ କରିଥିବା ଜଣାପଡିଛି । ସୂଚନା ଯୋଗ୍ୟ ଯେ, ଉକ୍ତ ଅଂଚଳରେ ଏକ କଲ୍ୟାଣୀ ମଣ୍ଡପ ନିର୍ମାଣ ଓ ଗ୍ରାମର ଉନ୍ନତି କରଣ ନିମନ୍ତେ ଦମକଳ ବାହିନୀ ଓ ପୋଲିସ ପ୍ରଶାସନର ମିଳିତ ସହଯୋଗ ରେ ଉକ୍ତ ୬ଟି ଘର ଉପରେ ବୁଲଡୋଜର ଚଳାଇ ଭାଙ୍ଗି ଦିଆଯାଇଛି । ଏହି ଅଂଚଳରେ ତୃତୀୟ ଥର ପାଇଁ ବୁଲଡୋଜର ଚାଲୁଥିବା ଦେଖି ଜବରଦଖଲ କାରୀଙ୍କ ମନରେ ଛନକା ପଶିଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏକାଧିକ ଜବର ଦଖଲ କରି ରହିଥିବା ଘର ଗୁଡିକୁ ଉଚ୍ଛେଦ କରାଯିବ ବୋଲି ତହସିଲଦାର ଶ୍ରୀ ସାହୁ ପ୍ରକାଶ କରିଛନ୍ତି । ଏଭଳି ଉତ୍ତମ କାର୍ଯ୍ୟ ପାଇଁ ତୁମୁଡିବନ୍ଧ ଅଂଚଳବାସୀ ତହସିଲଦାର ଦୋଳଗୋବିନ୍ଦ ସାହୁଙ୍କୁ ସାଧୁବାଦ ଜଣାଇଛନ୍ତି ।

ସେଇଠୁ ଆରମ୍ଭ
SEITHO ARAMBHA
ଶନିବାର, ୨୨ ନଭେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୬

ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନାମରେ ଥିବା ଅଭିଯୋଗକୁ ତଦନ୍ତ କଲେ ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍

ବାଲିଗୁଡା, ୨୧/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ ବ୍ଲକ ସୁବର୍ଣ୍ଣଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ନାମରେ କିଛି ଦିନ ତଳେ ଏକ ଲିଖିତ ଅଭିଯୋଗ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପାଖରେ ହୋଇଥିଲା । ଉକ୍ତ ଅଭିଯୋଗକୁ ଆଧାର କରି ତଦନ୍ତ ପାଇଁ ଶୁକ୍ରବାର ଏକ ଜିଲ୍ଲା ସ୍ୱାସ୍ଥ୍ୟ ଟିମ ଏଡିଏମ ଅକ୍ଷୟ କୁମାର ସାହୁ, ପ୍ରତିଷ୍ଠାନ ଅଧିକାରୀ ରାଜକିଶୋର ସିଂ ପ୍ରମୁଖ ଆସି ତଦନ୍ତ କରିଛନ୍ତି । ସୂଚନାନୁଯାୟୀ ସେପ୍ଟେମ୍ବର ମାସ ୨୨ ତାରିଖ ଦିନ ସୁବର୍ଣ୍ଣଗିରି ସରପଂଚ ସୋମନାଥ ପ୍ରଧାନ ଜିଲ୍ଲା ମୁଖ୍ୟାଳୟରେ ପହଂଚି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅଭିଯୋଗ ପତ୍ର ଦେଇଥିଲେ । ଅଭିଯୋଗ ପତ୍ରରେ, ତଳ କର୍ମଚାରୀ ଓ ରୋଗୀମାନଙ୍କ ଠାରୁ ଟଙ୍କା ମାଗିବା, ମଦ୍ୟପାନ କରି ଘରେ ଶୋଇବା, ରାଗ ରଖି କର୍ମଚାରୀଙ୍କୁ ହଇରାଣ କରିବା, ସ୍ୱାସ୍ଥ୍ୟ କେନ୍ଦ୍ରରେ ମାସକୁ ୪ରୁ ୫ ଦିନ ମାତ୍ର ରହୁଛନ୍ତି ବୋଲି ଅନେକ ଅଭିଯୋଗ ରହିଥିଲା । ଏହି ସବୁ ଅଭିଯୋଗକୁ ସ୍ଥାନୀୟ ଲୋକ ଏବଂ ଆଶା କର୍ମୀ, ଏଏନଏମ ଓ ଅନ୍ୟ ସବୁ କର୍ମଚାରୀ ଖଣ୍ଡନ କରିଛନ୍ତି । ତଦନ୍ତକାରୀ ଦଳ ଶୁକ୍ରବାର ଜଣ, ଜଣଙ୍କୁ ଡାକି ପଚାରି ବୁଝିଥିଲେ । କିନ୍ତୁ ସୁବର୍ଣ୍ଣଗିରି ସରପଂଚଙ୍କୁ ଛାଡିଦେଲେ ଅନ୍ୟ ସ୍ୱାକ୍ଷର କରିଥିବା ଅଭିଯୋଗ କାରି କେହିମଧ ଆସିନଥିଲେ । ଏ ସମ୍ପର୍କରେ ଗୁମ୍ମୁରୁମାହା ସରପଂଚ ମଣେଶ ଡାଙ୍ଗିମାଝି ଓ ସୁବର୍ଣ୍ଣଗିରି ସମିତି ସଭ୍ୟା ସଞ୍ଜୁ ପ୍ରଧାନଙ୍କୁ ପଚାରିବାରୁ ସେମାନେ ଏହାକୁ ମିଥ୍ୟା ବୋଲି କହିଛନ୍ତି । କାହିଁକିନା ଆମେ ନୂତନ ବ୍ଲକ ଗଠନ କରିବାକୁ ବସିବା ସମୟରେ ଆମ ସମସ୍ତଙ୍କ ଦସ୍ତଖତ ନେଇଥିଲେ ଓ ଆମ ଆଣ୍ଟାତରେ ଡାକ୍ତରଙ୍କ ବିରୋଧରେ ଲେଖି ଦେଇଥିବା ପ୍ରକାଶ କରିଛନ୍ତି ଗୁମ୍ମୁରୁମାହା ସରପଂଚ । ଡାକ୍ତର ନାମରେ ଥିବା ସମସ୍ତ ଅଭିଯୋଗକୁ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ସାଂସଦ ପ୍ରତିନିଧି ସନୁ ପ୍ରଧାନ ଓ କୋଟଗଡ଼ ଅଂଚଳବାସୀ ଭିତି ହୀନ ବୋଲି କହିଛନ୍ତି । ଆଶା, ଏଏନଏମ, ଷ୍ଟାଫନର୍ସ, ନର୍ସିଙ୍ଗ ଅଫିସର, ଡାକ୍ତର ଓ ସମସ୍ତ ହସ୍ପିଟାଲ କର୍ମଚାରୀ ସମସ୍ତେ ଡାକ୍ତର ଭଗବାନ ସୁରେନ ଇନଚାର୍ଜ ହିସାବରେ ଭଲ ଥିବା କହୁଥିବା ବେଳେ ତଦନ୍ତ କାରୀ ଟିମଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

ଭବାନୀପାଟଣା ବିଧାୟକ ସାଗର ଦାସଙ୍କୁ ହତ୍ୟା ଧମକ

ଭବାନୀପାଟଣା, ୨୧/୧୧ (ଆ.ପ୍ର) : କଳାହାଣ୍ଡି ଜିଲା ଭବାନୀପାଟଣା କଂଗ୍ରେସ ବିଧାୟକ ସାଗର ଚରଣ ଦାସଙ୍କୁ ହତ୍ୟା ଧମକ ମିଳିଛି । ଏ ନେଇ ବିଧାୟକ ସାଗର ନିଜ ଏକ୍ସରେ ଟ୍ୱିଟ କରି ସୂଚନା ଦେଇଛନ୍ତି । ଭବାନୀପାଟଣା ଦେପୁର ଯୋନ ସଭାପତି ଭଦେପୂର୍ ଗ୍ରାମର ଦେବାନନ୍ଦ ଯୋଶୀଙ୍କୁ ଗୁରୁବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ ବନ୍ଧୁକ ଛୁରୀ ଦେଖାଇ ବିଧାୟକ ସାଗରଙ୍କ ବ୍ୟକ୍ତିଗତ ବିଷୟରେ ତଥ୍ୟ ପ୍ରଦାନ ନ କଲେ ଜୀବନରୁ ମାରିଦେବାକୁ ସମୟ ଲାଗିବ ନାହିଁ ବୋଲି ଧମକ ଦେଇଥିଲେ । ଏପରିକି ଦୁର୍ବୃତମାନେ ତାଙ୍କ ମାଧ୍ୟମରେ ବିଧାୟକଙ୍କୁ ମୃତ୍ୟୁ ଧମକ ମଧ ପଠାଇଥିବା ଥିବା ଅଭିଯୋଗ ଆଣିଛନ୍ତି ବିଧାୟକ । ଯଦି ରାଜ୍ୟରେ ଜଣେ ନିର୍ବାଚିତ ବିଧାୟକ ସୁରକ୍ଷିତ ନୁହଁନ୍ତି, ତେବେ ସାଧାରଣ ଲୋକେ କିପରି ସୁରକ୍ଷିତ ସେନେଇ ସେ ପ୍ରଶ୍ନ ଉଠାଇଛନ୍ତି । ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି । ଏହାକୁ ନେଇ ଶୁକ୍ରବାର ଅପରାହ୍ନରେ ଯୋନ ସଭାପତି ଦେବାନନ୍ଦ ଯୋଶୀ ଭବାନୀପାଟଣା ସଦର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ।

ଯାନବାହନ ଯୋଗେ ବିପଦ ଶଙ୍କୁଳ ଅବସ୍ଥାରେ ଛାତ୍ରଛାତ୍ରୀଙ୍କ ଯାତ୍ରାକୁ ନେଇ ଚିନ୍ତାରେ ଅଭିଭାବକ, ପ୍ରଶାସନ ନୀରବ

ଖଣ୍ଡପଡ଼ା, ୨୧/୧୧ (ଆ.ପ୍ର) : ଖଣ୍ଡପଡ଼ା ସହରର ବିଭିନ୍ନ ସ୍ଥାନରେ ଅବସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ଆଦର୍ଶ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ଦୈନିକ ଯାନବାହନ ଯୋଗେ ବିପଦ ଶଙ୍କୁଳ ଅବସ୍ଥାରେ ଯାତାୟତ କରୁଥିବାରୁ ସାଧାରଣରେ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ମୁଖ୍ୟ ରାସ୍ତାଦେଇ ଖୋଲାମେଲାରେ ଯାତ୍ରିବାହୀ ଅଟୋ, ଟାଟା ମ୍ୟାଜିକ ଓ ଅନ୍ୟାନ୍ୟ ଗାଡି ଯୋଗେ ବର୍ଷ ବର୍ଷ ଧରି ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନ ଗୁଡିକୁ ଯାଉଥିବାରୁ ପ୍ରତି ମୁହୂର୍ତରେ ଦୁର୍ଘଟଣା/ଅଘଟଣ ଘଟିବାର ଆଶଙ୍କା ପ୍ରକାଶ ପାଉଛି । ଘରୋଇ ଶିକ୍ଷାନୁଷ୍ଠାନ କର୍ତୃପକ୍ଷ ଓ ଗାଡି ମାଲିକଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଛାତ୍ରଛାତ୍ରୀମାନେ ଏଭଳି ବିପଦଶଙ୍କୁଳ ଅବସ୍ଥାରେ ଯାତାୟତ କରୁଥିବା ଜଣାପଡିଛି । ଏ ସଂପର୍କରେ ପୋଲିସ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପରିବହନ ବିଭାଗ କର୍ତୃପକ୍ଷ ଭଲ ଭାବେ ଅବଗତ ଥିଲେ ହେଁ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ନୀରବଦ୍ରଷ୍ଟା ସାଜିଥିବା ଜଣାପଡିଛି । ଏପରିକି ଦୈନିକ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା କରୁଥିବା ଗାଡ଼ି ଗୁଡ଼ିକର ଫିଟନେସ ଓ ଆନୁସଙ୍ଗିକ କାଗଜପତ୍ର ଠିକଠାକ ନଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ପ୍ରଶାସନିକ ନୀରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନେକ ପୁରୁଣା ଗାଡି ଏବେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନ ଗୁଡିକୁ ନେବା ଆଣିବାରେ ନିୟୋଜିତ ହୋଇଥିବା ଜଣାପଡିଛି । ଏଥିପ୍ରତି ନୟାଗଡ ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ଦୃଷ୍ଟି ଦେଇ ଛାତ୍ରଛାତ୍ରୀମାନଙ୍କୁ ନେବା ଆଣିବା କରୁଥିବା ଗାଡିଗୁଡିକର କାଗଜପତ୍ର ଯାଂଚ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି । ନୟାଗଡ଼ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

ଆତ୍ମନିର୍ଭରଶୀଳ ଭାରତ ସଚେତନତା କାର୍ଯ୍ୟକ୍ରମ

ରାଇକିଆ, ୨୧/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ବିଗତ ଦୁଇଦିନ ଧରି ଆତ୍ମନିର୍ଭରଶୀଳ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱଦେଶୀ ଓ ବିଦେଶୀ ବସ୍ତୁ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଫେସର ଉମାକାନ୍ତ ରଥ ସଭାପତିତ୍ୱ କରି ଛାତ୍ର ଛାତ୍ରୀଙ୍କୁ ଆତ୍ମନିର୍ଭର ହେବାର ବିଭିନ୍ନ ମାର୍ଗ ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ । ଅଧାପିକା ମଞ୍ଜୁଳା ସାହୁ କାର୍ଯ୍ୟକ୍ରମରେ ସ୍ୱାଗତ ଏବଂ ସଂଯୋଜନା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଅଧାପକ ବେଣୁପାଣି ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହିତ ଛାତ୍ରଛାତ୍ରୀଙ୍କୁ ସ୍ୱଦେଶୀ ଓ ବିଦେଶୀ ବସ୍ତୁ ଗୁଡିକର ସୂଚନା ପ୍ରଦାନ କରିଥିଲେ । ପ୍ରଫେସର ଭୁବନ ମୋହନ ସାହୁ କାର୍ଯ୍ୟକ୍ରମର ମହତ୍ୱ ସମ୍ପର୍କରେ ଆଲୋଚନା କରିବା ସହିତ ନିଜେ ଆତ୍ମନିର୍ଭର ହେଲେ କିପରି ଭାରତର ଅଗ୍ରଗତି ହେବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧାପକ ସାରଙ୍ଗଧର ମାଝୀଲାକା ବିଦେଶୀ ବସ୍ତୁ ଗୁଡିକୁ ପରିତ୍ୟାଗ କରି ସ୍ୱଦେଶୀ ବସ୍ତୁର ବ୍ୟବହାରରେ କିପରି ଆମେ ସୁସ୍ଥ ରହିପାରିବା ସେ ସମ୍ପର୍କରେ ବକ୍ତବ୍ୟ ଦେଇଥିଲ । ଅଧାପକ ସଳମାନ ଦିଗାଲ ଛାତ୍ର ଛାତ୍ରୀ ମାନଙ୍କୁ ଆତ୍ମନିର୍ଭର ହେବାର ବିଭିନ୍ନ ମାର୍ଗ ଦର୍ଶାଇଥିଲେ । ଏହି କାର୍ଯ୍ୟକ୍ରମ ରେ ଅଧାପକ ଦିଲ୍ଲୀପ କୁମାର ନାୟକ, ଅଧାପିକା ଗୀତାଞ୍ଜଳି ଗଡ଼ାୟତ, ଅଧାପିକା ଫିର୍ଦୋଶି ପ୍ରଧାନ, ଦିବ୍ୟାଜ୍ୟୋତି ମଲ୍ଲିକ, ଗଜପତି ପ୍ରଧାନ, ସମେତ ମହାବିଦ୍ୟାଳୟ ସମସ୍ତ ଅଧାପକ ଅଧାପିକା ତଥା ଅଣଶିକ୍ଷକ କର୍ମଚାରୀ ମାନେ ଉପସ୍ଥିତ ଥିଲେ ଏବଂ ମହାବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରେ ' ସ୍ୱଦେଶୀ ଓ ବିଦେଶୀ ' ବିଷୟବସ୍ତୁ ଉପରେ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା । ଦ୍ୱିତୀୟ ଦିନରେ ଆଂଚଳିକ ବସ୍ତୁର ପ୍ରଦର୍ଶନୀ ପ୍ରତିଯୋଗିତା ହୋଇଥିଲା ଏବଂ ଏହି ପ୍ରତିଯୋଗିତାରେ +୩ ପ୍ରଥମ ବର୍ଷ ଛାତ୍ରୀ ସାନିଆ ପ୍ରଧାନ ଆଂଚଳିକ ବିଭିନ୍ନ ବସ୍ତୁ ଗୁଡ଼ିକ ପ୍ରଦର୍ଶନୀ କରି ମହାବିଦ୍ୟାଳୟର ବ୍ରାଣ୍ଡ ଅମ୍ବାସାଡର ବନିଥିଲେ । କାର୍ଯ୍ୟକ୍ରମ ଶେଷରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପରିଶେଷରେ ଅଧାପିକା ଲିଜାଲିନ୍ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

କୋମନା ରେଞ୍ଜରେ ଏକ ଆହତ ହନୁମାଙ୍କଡ଼କୁ ଉଦ୍ଧାର

ନୂଆପଡା, ୨୧/୧୧ (ଆ.ପ୍ର) : ନୂଆପଡ଼ା ଜିଲ୍ଲା କୋମନା ରେଞ୍ଜରେ ଏକ ଆହତ ହନୁମାଙ୍କଡ଼ କୁ ଉଦ୍ଧାର କରି ଡାହାଣ ଗୋଡ ଭାଙ୍ଗିଥିବା ବେଳେ ଖଡିଆଳ ଠାରେ ଅସ୍ତ୍ରୋପଚାର, ୧୫ ଦିନ ଚିକିତ୍ସା ନେଇ ନିରୀକ୍ଷଣ ପରେ ଛଡା ଯିବା ନେଇ ଡ଼ାକ୍ତର ସଂଗ୍ରାମ ବେହେରା ପ୍ରକାଶ କରିଛନ୍ତି । ଆଜି ସକାଳୁ ବିଶେଷ ସୂତ୍ରରୁ ଖବର ପାଇ କୋମନା ରେଞ୍ଜ ଅଂଚଳରେ ଏକ ହନୁ ମାଙ୍କଡ ଗୋଡ ଭାଙ୍ଗି ଯାଇଅଛି । ନିଜ ସୁରକ୍ଷା ପାଇଁ ସେହି ଅବସ୍ଥାରେ ଗଛ ଉପରେ ଚଢ଼ି ଯାଇଥିଲା । ବନ୍ ବିଭାଗ ପକ୍ଷରୁ ତାଙ୍କୁ ଉଦ୍ଧାର କରି ତୁରନ୍ତ ଖଡିଆଳ ପ୍ରାଣୀ ଚିକିତ୍ସାଳୟକୁ ଆଣିଥିଲେ । ଖଡିଆଳ ପ୍ରାଣୀ ଚିକିତ୍ସାଳୟରେ ଡ଼ାକ୍ତର ସଂଗ୍ରାମ ବେହେରା ଏବଂ ତାଙ୍କ ସହଯୋଗୀଙ୍କ ସହାୟତାରେ ଗୋଡର ଅସ୍ତ୍ରୋପଚାର କରିଥିଲେ । ବର୍ତ୍ତମାନ ସେ ସୁସ୍ଥ ଥିବା ବେଳେ ୧୫ ଦିଆ ପର୍ଯ୍ୟନ୍ତ ତାଙ୍କୁ ନିରୀକ୍ଷଣ ରେ ରଖି ଚିକିତ୍ସା ପରେ ତାଙ୍କୁ ଜଙ୍ଗଲ ରେ ଛାଡ଼ିବାକୁ ଡ଼ାକ୍ତର ପରାମର୍ଶ ଦେଇଛନ୍ତି ।

ବ୍ଲକ୍ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୫ ଅନୁଷ୍ଠିତ

ବାସୁଦେବ ପୁର, ୨୧/୧୧ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର୍ ବ୍ଲକର ଲକ୍ଷ୍ମିଦାସପୁର୍ ପଂଚାୟତସମିତି ପରିସରରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଛି ବ୍ଲକ୍ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା- ୨୦୨୫. ନିଆରା ଢଙ୍ଗରେ ପାଳନ କରାଯାଉଛି । ଡାକ୍ତର ଡଃ ସୁଦିପ୍ତା ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମେଳାରେ ବାସୁଦେବପୁର ବ୍ଲକ୍ର ୩୬ ଗୋଟି ଗ୍ରାମ ପଂଚାୟତରୁ ୭୫୦ରୁ ଉର୍ଦ୍ଧ୍ୱ ପ୍ରାଣୀ ପାଳକ ଓ ମତ୍ସ୍ୟଚାଷୀ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମାଁ ମାନେ ଅଂଶ ଗ୍ରହଣ କରିଥିଲେ । ଏହା ବ୍ୟତୀତ ବାସୁଦେବପୁର ବିଜ୍ଞାପିତ ଅଂଚଳ ପରିଷଦର ଆଗ୍ରହୀ ଜନ ସାଧାରଣ, ପଂଚାୟତ ସମିତିର ସଭ୍ୟ ଓ ସଭ୍ୟା, ସରପଂଚ, ଜିଲ୍ଲା ପରିଷଦ ସଦସ୍ୟ ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ଶ୍ରୀଯୁକ୍ତ ଅଶୋକ କୁମାର ଦାସ, ବାସୁଦେବ ପୁର ପଂଚାୟତ ସମିତି ଅଧକ୍ଷ ଶ୍ରୀଯୁକ୍ତ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଜିଲ୍ଲା ପରିଷଦ ପ୍ରତିନିଧି କୃଷ୍ଣଚନ୍ଦ୍ର ଘଡେଇ, ଅତିରିକ୍ତ ଜିଲ୍ଲା ଅଧିକାରି ଧନାଇ ଚରଣ ଟୁଡୁ, ସହିତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଭଦ୍ରକ ଡାକ୍ତର ହୃଷିକେଶ ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ଭଦ୍ରକ ଅମର କୁମାର ସାହୁ , ବାସୁଦେବ ପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମିତା କର, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଦିପ୍ତା ଜେନା, ସହକାରୀ ମତ୍ସ୍ୟ ଅଧିକାରୀ ଲକ୍ଷ୍ମୀ ପ୍ରିୟା ମାର୍ଣ୍ଡି ଲକ୍ଷ୍ମୀଦାସ ପୁର ଗ୍ରାମ ପଂଚାୟତର ସରପଂଚଙ୍କ ପ୍ରତିନିଧି ଜୟଦେବ ବାରିକ, ଅମୀୟ କୁମାର ପାଣିଗ୍ରାହିଙ୍କ ସମେତ ଅନ୍ୟ ଅତିଥି ବୃନ୍ଦ ଯୋଗ ଦେଇଥିଲେ । ଏହି ଅବସରରେ ଆଗ୍ରହୀ ମତ୍ସ୍ୟଚାଷୀ, ପ୍ରାଣିପାଳକ ଓ ଅନ୍ୟ ଚାଷୀମାନେ ମେଳା ବୁଲି ଷ୍ଟଲ ପରିଦର୍ଶନ କରିଥିଲେ । ମେଳା ରେ ୪ ଜଣ ସଫଳ ପ୍ରାଣୀ ପାଳକ ଓ ୪ ଜଣ ସଫଳ ମତ୍ସ୍ୟ ଚାଷୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ବିଭିନ୍ନ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବଂଟନ କରାଯାଇଥିଲା । ପରେ ପରେ ଚାଷୀ ବିଶେଷଜ୍ଞ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ପ୍ରାଣୀ ବିଶେଷଜ୍ଞ ଭାବରେ ଡାକ୍ତର ସୁଶିଲ କୁମାର ଧଳ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଭଦ୍ରକ, ଡାକ୍ତର ସୁନୀଲ କୁମାର ଭୂୟାଁ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଭଦ୍ରକ, ଏବଂ ମତ୍ସ୍ୟ ବିଶେଷଜ୍ଞ ଭାବରେ ଜଗଦିଶ ବାରିକ, ସହକାରୀ ମତ୍ସ୍ୟ ଅଧିକାରୀ ଭଦ୍ରକ ଯୋଗ ଦେଇ ଚାଷୀ ମାନଙ୍କୁ ପ୍ରାଣୀ ପାଳନ ଓ ମତ୍ସ୍ୟ ପାଳନ ସମ୍ବନ୍ଧୀୟ ଉପାଦେୟ ତଥ୍ୟ ଆଲୋଚନା କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟ ରେ ବ୍ଲକ୍ କଳା ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଚାଷୀମାନଙ୍କୁ ରାଜ୍ୟସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ପାଳନ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଗଲା ଏହି ଅବସରରେ ଚାରିଶହରୁ ଉର୍ଦ୍ଧ୍ୱ ଚାଷୀ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ହ୍ୱାଟସ୍ ଆପ୍ ଚ୍ୟାନେଲରେ ଯୋଡ଼ି ହୋଇଥିଲେ ।

ପୀରବାବା ଖ୍ୱାଜା ଗରିବନୱାଜ ଚିସ୍ତୀଙ୍କ ୮୧୪ତମ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଧାମନଗର, ୨୧/୧୧ (ଆ.ପ୍ର) : ଧାମନଗର ସହର ଅନ୍ତର୍ଗତ କୋରେସିମହଲ୍ଲାଠା ପ୍ରତିବର୍ଷ ଭଳି ପ୍ରସିଦ୍ଧ ପୀଠ ରାଜସ୍ଥାନ ସ୍ଥିତ ଅଜମେର ସରିଫ୍ ପୀରବାବ ହଜରତ ଖ୍ୱାଜା ଗରିବନୱାଜ ଚିସ୍ତୀଙ୍କ ୮୧୪ତମ ବାର୍ଷିକ ଉର୍ଶ ଉତ୍ସବ ଓ ବିରାଟ କବାଲି ପ୍ରୋଗ୍ରାମ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୯ ନମ୍ବର ୱାର୍ଡ ଅଧୀନ କୋରେମହଲ୍ଲା(କେଜି ଏନ) କ୍ଲବ ପରିସରରେରେ କମିଟିର ସଭାପତି ସେକ ଅନ୍ ଅହେମ୍ମଦ ଚିସ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକଏକବାଲ ଅହେମ୍ମଦ ଚିସ୍ତି, ଉପଦେଷ୍ଟା ସେକ ଅବଦୁଲ ହାକିମ, ସେକ ଜାଫର ଅଲ୍ଲୀ, ଗୋଲାମ ଜିଲାନି ହବିବି, ସହ ସାଦକ, ସେକ ଅଫସର ମଷ୍ଟର, ସଦସ୍ୟ ସେକ ଜାହାଙ୍ଗିର, ସେକ ସଲିମୁଦ୍ଦିନ, ସେକ ଆସଜାଲି, ପରଭେଜ ଅହେମ୍ମଦ ଓ ଅନ୍ୟ କର୍ମକର୍ତା ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଡିସେମ୍ବର ୨୭ ତାରିଖରେ ହେବାକୁ ଥିବା ବାର୍ଷିକ ଉତ୍ସବ ଓ କବାଲି ପ୍ରୋଗ୍ରାମ ଏବଂ ଚାଦର ଶୋଭାଯାତ୍ରା ଆଦି କାର୍ଯ୍ୟକ୍ରମ କିପରି ଶାନ୍ତି ଶୃଙ୍ଖଳା ସହିତ ପାଳନ ହେବ ସେନେଇ ବ୍ୟାପକ ଆଲୋଚନା କରାଯାଇଥିଲା । ଉକ୍ତ କବାଲି ପ୍ରୋଗ୍ରାମରେ ଅନ୍ୟ ରାଜ୍ୟରୁ ଦୁଇ କବାଲି ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଶେଷରେ ସେକ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ ।

ନୂଆପଡ଼ା ଜିଲ୍ଲାରେ ଆତଙ୍କ ଖେଳାଉଛନ୍ତି ବନ୍ୟଜନ୍ତୁ, ଭୟଭୀତ ଲୋକେ

ନୂଆପଡ଼ା, ୨୧/୧୧ (ଆ.ପ୍ର) : ଗତ କିଛିଦିନ ହେବ ନୂଆପଡ଼ା ଜିଲ୍ଲାରେ ବନ୍ୟଜନ୍ତୁ ଆତଙ୍କ ଖେଳାଉଛନ୍ତି । ଏବେ କୋମନା ଅଂଚଳରେ ହାତୀପଲ ଓ ନୂଆପଡ଼ା ଅଂଚଳରେ ଭାଲୁ ଉପଦ୍ରବ କରୁଛନ୍ତି । ଫଳରେ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି । ଗତ ୧୨ତାରିଖରେ ନୂଆପଡ଼ା ରେଲୱେ ଷ୍ଟେସନ ଭିତରକୁ ୩ଟି ଭାଲୁ ପଶି ଯାଇଥିଲା । ଏହାଦେଖି ଯାତ୍ରୀମାନେ ଭୟଭୀତ ହୋଇଥିଲେ । ଭୟରେ ଯିଏ ଯେମିତି ଛତ୍ରଭଙ୍ଗ ଦେଇଥିଲେ । ଖବର ପାଇ ବନବିଭାଗ କର୍ମଚାରୀ ରେଲୱେ ଷ୍ଟେସନରେ ପହଂଚି ଭାଲୁକୁ ଘଉଡ଼ାଇଥିଲେ । ଗତ ୧୬ତାରିଖ ଅପରାହ୍ନରେ ନୂଆପଡ଼ା ଟାନ୍‌ଟ ଛକ ନିକଟସ୍ଥ ବିଜ୍ଞାନ କଲେଜ ପରିସରକୁ ୩ଟି ଭାଲୁ ପଶି ଯାଇଥିଲା । ଏହାଦେଖି କଲେଜ କର୍ତ୍ତୃପକ୍ଷ ଭୟରେ ପଳାୟନ କରିଥିଲେ । ଜାତୀୟ ରାଜପଥ ୩୫୩ ଟାନଟ ଛକରେ ଯାତ୍ରୀମାନେ ଭୟଭୀତ ହୋଇ ପଡ଼ିଥିଲେ । ପରେ ନୂଆପଡ଼ା ବନ ବିଭାଗ ଓ ବନ୍ୟ ପ୍ରାଣୀ ବିଭାଗ କର୍ମଚାରୀ ପହଂଚି ଲୋକଙ୍କୁ ସଚେତନ କରିବା ସହ ଭାଲୁକୁ ଘଉଡ଼ାଇଥିଲେ । ଏଭଳି ନିୟମିତ ବ୍ୟବଧାନରେ ସାଲିହା ଜଙ୍ଗଲରୁ ନୂଆପଡ଼ା ସହରକୁ ଭାଲୁ ଚାଲି ଆସୁଛନ୍ତି । ଅନେକ ସମୟରେ ସହରର ବିଭିନ୍ନ ପଡ଼ା ଏବଂ ୱାର୍ଡ଼ରେ ଘୁରି ବୁଲୁଛନ୍ତି । ବର୍ଷ ତମାମ ଭାଲୁ ସହର ଭିତରେ ଆତଙ୍କ ଖେଳାଇ ଆସୁ ଛି । ଅନେକ ସମୟରେ ଲୋକେ ଭାଲୁ ହାବୁଡ଼ରେ ପଡ଼ି ଜାହୁଲୁହାଣ ହେଉଛନ୍ତି । ସହର ଚାରିପାଖରେ ଭାଲୁ ଘୁରି ବୁଲୁଥିବାରୁ ଲୋକେ ନିଜ ଚାଷଜମିକୁ ଯାତାୟାତ ପାଇଁ ଭୟଭୀତ ହେଉଛନ୍ତି । ଏବେ ଧାନ ଅମଳ ସମୟ ହୋଇଥିବାରୁ ଚାଷୀ ଅଡୁଆରେ ପଡ଼ିଛନ୍ତି । ଗତ ସପ୍ତାହରେ ଛତିଶଗଡ ରାଜ୍ୟ ରୁ ୩୦ ଟିକିଆ ହାତୀପଲ ସୁନାବେଡ଼ା ଅଭୟାରଣ୍ୟକୁ ଚାଲି ଆସିଥିଲା । ଏବେ ଗତ ୪ଦିନ ହେବ କୋମନା ରେଞ୍ଜ, ସୁନାବେଡ଼ା ଅଭୟାରଣ୍ୟ ଓ ଖଡ଼ିଆଳ ରେଞ୍ଜ ମଧ୍ୟସ୍ଥ ଝରଣମାଳ ଓ ଖୋଲିଭିତର ଗାଁ ଅଂଚଳରେ ଆତଙ୍କ ଖେଳାଉଛନ୍ତି । ଦିନବେଳା ଜଙ୍ଗଲରେ ଲୁଚି ରହୁଛନ୍ତି । ରାତିରେ ଆଖପାଖ ଝରଣାମାଲ, ଖୋଲିଭିତର, ଛୁଇଁପାଣି ଓ ଲୁଇଁପାଣି ଗାଁ ଅଂଚଳରେ ପଶି ଆତଙ୍କ ଖେଳାଉଛନ୍ତି । ଗତ ୪ଦିନ ହେବ କୋମନା ବନ ବିଭାଗ ଓ ସୁନାବେଡ଼ା ଅଭୟାରଣ୍ୟ ବନ୍ୟପ୍ରାଣୀ ବିଭାଗ ଝରଣାମାଲ ଓ ଖୋଲିଭିତର ଅଂଚଳରେ ଡେରା ପକାଇଛନ୍ତି । ଏହା ମାଓ ଅଧ୍ୟୁଷିତ ଅଂଚଳ ହୋଇଥିବାରୁ ବନ ଓ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଜୀବନ ଭୟରେ ରାତ୍ରୀ ଯାପନ କରୁଛନ୍ତି । ଗୋଟିଏ ପଟେ ବନ୍ୟଜନ୍ତୁ ଓ ଅନ୍ୟପଟେ ମାଓଭୟରେ ରାତି କଟୁଛି । କୋମନା ବ୍ଲକ ଦେଓଦର୍ହା ଓ ରଜନ, ବୋଡେନ ବ୍ଲକ ନାଗପଡ଼ା ପଂଚାୟତରେ ହାତୀଙ୍କ ସୁରକ୍ଷାକୁ ଦୃଷ୍ଟିରୁ ବିଦ୍ୟୁତ ସରବରାହ ବନ୍ଦ କରାଯାଇଛି । ଏଣୁ ସୁନାବେଡ଼ା ଅଭୟାରଣ୍ୟର ତଳି ଅଂଚଳ ଅଧିବାସୀ ରାତିରେ ଅନ୍ଧାରରେ ରହୁଛନ୍ତି । ପୂର୍ବରୁ ମଧ ହାତୀପଲ ସୁନାବେଡ଼ା ଅଭୟାରଣ୍ୟ ଓ ତଳି ଅଂଚଳରେ ଆତଙ୍କ ଖେଳାଇଛି । ହାତୀ ଧାନକ୍ଷେତକୁ ପଶି ଖାଇବା ସହ ନଷ୍ଟ କରୁଛି । ଏଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ କ୍ଷତିପୂରଣ ଯୋଗାଇଦେବାକୁ ଜିଲ୍ଲା ପ୍ରଶାସନ ନିକଟରେ ଚାଷୀ ଦାବି କରିଛନ୍ତି ।

ଖଣ୍ଡପଡ଼ା ଏନଏସିର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରଲୋକ

ଖଣ୍ଡପଡ଼ା, ୨୧/୧୧ (ଆ.ପ୍ର) : ଖଣ୍ଡପଡ଼ା ସହରର ବାସିନ୍ଦା ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ (୮୫)ଙ୍କର ପରଲୋକ ହୋଇଯାଇଛି । ଦିର୍ଘ ମାସ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ସେ ପୀଡିତ ଥିଲେ । ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି । ପୁରୀ ସ୍ୱର୍ଗଦ୍ୱାର ଠାରେ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତିରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ଅନିକେତ ବରିଆର ସିଂ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ପ୍ରଧାନ ୧୯୯୨ ମସିହାରେ ଖଣ୍ଡପଡ଼ା ଏନଏସି କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ଖଣ୍ଡପଡ଼ା ସହରାଂଚଳର ଉନ୍ନତି କଳ୍ପେ ସେ ଅନେକ କିଛି କାର୍ଯ୍ୟ କରିଥିଲେ । ତାଙ୍କ ବିୟୋଗରେ ଖଣ୍ଡପଡ଼ା ସହରରେ ଶୋକ ପ୍ରକାଶ ପାଇଛି ।

ନବଉତ୍କଳର ନିର୍ମାତା ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୬ତମ ଜୟନ୍ତୀ ପାଳନ

ଧାମନଗର, ୨୧/୧୧ (ଆ.ପ୍ର) : ଧାମନଗର ମହତାବ ସେବାସଦନ ପରିସରରେ ନବ ଉତ୍କଳର ନିର୍ମାତା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ, ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୬ତମ ଜୟନ୍ତୀ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାର ଗର୍ବ ଗୌରବ ଡକ୍ଟର ମହତାବ ଓଡ଼ିଶା ରାଜନୀତିର ଚାଣକ୍ୟ ଥିଲେ । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଅବିସ୍ମରଣୀୟ ଏବଂ ନୂତନ ଓଡ଼ିଶା ଗଠନରେ ତାଙ୍କର ଭୂମିକାକୁ ଓଡ଼ିଆ ଜାତି ଭୁଲିପାରିବେନାହିଁ ବୋଲି ଅତିଥି ମାନେ ବକ୍ତବ୍ୟ ପ୍ରଦାନ କହିଥିଲେ । ଶୁକ୍ରବାର ଅପରାହ୍ନରେ ମହତାବ ସେବାସଦନ ପରିଚାଳକ ତଥା ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଉଦଘଟକ ଭାବେ ମୁକ୍ତିକାନ୍ତ ମଣ୍ଡଳ ପୂର୍ବତନ ବିଧାୟକ ଧାମନଗର ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ରାଉତ, ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦ ପ୍ରତିନିଧି ସରୋଜ ମହାପାତ୍ର, ଉପାଧକ୍ଷ ଓସିମ ଏଜଦାନି କାଦିରୀ, ବରିଷ୍ଠ ଆଇନଜୀବୀ ଶସିଭୂଷଣ ପଣ୍ଡା, ଦେବାଶିଷ ସାମଲ, ଅମରେନ୍ଦ୍ର ମହାନ୍ତି,ଉମେଶ ଚନ୍ଦ୍ର ବେହେରା, କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାତ୍ରୀ, ସଞ୍ଜୟ କୁମାର ମିଶ୍ର, ବିଦ୍ୟାଧର ଯେନା, କଳାକାର ସଂଘର ସଭାପତି ସୁବାସ ଚନ୍ଦ୍ର ମଲ୍ଲିକ, ଶିକ୍ଷାବିତ ହୃଦାନନ୍ଦ କର, ମହେଶ୍ୱର ସ୍ୱାଇଁ, ରସାନନ୍ଦ ମହାପାତ୍ର, ଅଭିମନ୍ୟୁ ମଲ୍ଲିକ, ଭୋଳାନାଥ ସାହୁ, ଅଧାପକ ଚିତରଞ୍ଜନ ଦାଶ, ସୁରେନ୍ଦ୍ର କୁମାର ଜେନା, ଅଧାପିକା ହରପ୍ରିୟା ସେଠୀ, ଏବିଡିଓ ହେମେନ୍ଦ୍ର ମହାନ୍ତି, ସନ୍ତୋଷ ଲେଙ୍କା, ଭାବଗ୍ରାହୀ ଝୁଂଟିଆ, ସେକ ଅବଦୁଲ ହାକିମ, ସାମ୍ବାଦିକ ଅନିଲ କୁମାର ବାରିକ, ସୁଧାକର ଦାଶ, ସେକ ଜାଫର ଅଲ୍ଲୀ, ସୁଶାନ୍ତ କୁମାର ରାଉତ, ଦୀନବନ୍ଧୁ ଦାଶ, ପ୍ରଦୀପ ମହାପାତ୍ର, ପ୍ରତାପ ଆଢିଆ, ଗୋଲାମ ଜିଲାନି ହବିବି, ସନ୍ତୋଷ ମହାପାତ୍ର,ପ୍ରମୋଦ କୁମାର ସ୍ୱାଇଁ, ଅନନ୍ତ ଜେନା, ବିଶ୍ୱଜିତ ପଲାଇ ପ୍ରମୁଖ ଯୋଗଦେଇ ଡକ୍ଟର ହରେକୃଷ୍ଣ ମହତାବଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସାମ୍ବାଦିକ ସରୋଜ କୁମାର ସେଠୀ, ଦୁର୍ଗାପ୍ରସାଦ ମହାପାତ୍ର,ବିବେକାନନ୍ଦ ପଣ୍ଡା, ଗୌରାଙ୍ଗ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ପ୍ରାରମ୍ଭରେ ସେବାସଦନ ପରିସରରେ ଥିବା ମହତାବଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । କୁଳମଣି ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଘୁଷୁରିଆ ଓ ଇଟାମୁଣ୍ଡିଆ ଗାଁରେ ଜନଜାତି ଗୌରବ ଦିବସ ପାଳିତ

ବାରିପଦା, ୨୧/୧୧ (ଆ.ପ୍ର) : ଖୁଂଟା ବ୍ଲକ ଅନ୍ତର୍ଗତ ଘୁଷୁରିଆ ଓ ଇଟାମୁଣ୍ଡିଆ ଗ୍ରାମରେ ଆଡମ୍ବର ସହିତ ଜନଜାତି ଦିନ ଗୌରବ ପାଳିତ ହୋଇଯାଇଛି । ଜନଜାତି ସମାଜର ପାରମ୍ପରିକ ରୀତିରେ ଗ୍ରାମର ଦେହୁରି ଧରତୀ ଆବା ଭଗବାନ ବିର୍ସାମୁଣ୍ଡାଙ୍କର ପୂଜା ଅର୍ଚ୍ଚନା କରିବା ପରେ ସମସ୍ତେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ସରପଂଚ ଉପସ୍ଥିତ ରହି ବିର୍ସା ମୁଣ୍ଡା ଜୀବନୀ ଉପରେ ଆଲୋଚନା କରିଥିଲେ । ବନବାସୀ କଲ୍ୟାଣ ଆଶ୍ରମ ସହ କ୍ଷେତ୍ର ସଂଗଠନ ସଂପାଦକ ବିଶ୍ୱାମିତ୍ର ମହାନ୍ତ ଜନଜାତି ଗୌରବ ଦିବସ ପାଳନର ମହତ୍ୱ ଉପରେ ଆଲୋକପାତ କରିଥିଲେ । ବିଭାଗ ସଂଗଠନ ସଂପାଦକ ଘନଶ୍ୟାମ ମହାନ୍ତ ବିର୍ସା ମୁଣ୍ଡାଙ୍କର ଟୋପି ଟୋପି ଏକ ହେଁ ଭକ୍ତିର ମର୍ମକୁ ବୁଝେଇବା ସହିତ ବିଧର୍ମୀମାନଙ୍କୁ ଗ୍ରାମରେ ପ୍ରବେଶ କରାଇ ନଦେବାକୁ ଆହ୍ୱାନ ଦେଇଥିଲେ । ଏହାପରେ ମୁଣ୍ଡାରି ନୃତ୍ୟର ତାଳେ ତାଳେ ଆନନ୍ଦରେ ନାଚଗୀତର ଆସର ଜମି ଥିଲା । ସମାଜସେବୀ ବିକାଶ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

ଭଦ୍ରକର ଲୋକକଳା ଓ ସାଂସ୍କୃତିକ ପରମ୍ପରା ଓଡ଼ିଆ ଜନଜୀବନକୁ ପ୍ରଭୂତ ଭାବେ ପ୍ରଭାବିତ କରିଛି

ଭଦ୍ରକ, ୨୧/୧୧ (ଆ.ପ୍ର) : ଓଡ଼ିଆ ସାରସ୍ୱତ ଆକାଶରେ ଭଦ୍ରକ ଯେପରି ଉଜ୍ଜ୍ୱଳ ଜ୍ୟୋତିଷ୍କ ଭାବେ ପ୍ରତିଭାତ ହୋଇଛି ସେପରି ଲୋକକଳା ଓ ସାଂସ୍କୃତିକ ଜଗତକୁ ତାର ଅବଦାନ ଅବିସ୍ମରଣୀୟ । ଭଦ୍ରକ ମାଟିର ମଣିଷ ବିପ୍ଳବକବି ବଂଶୀ ବଲ୍ଲଭ ଗୋସ୍ୱାମୀ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ କବି ବାଞ୍ଛାନିଧି ମହାନ୍ତି, କେଶବ କବି କୃଷ୍ଣପ୍ରସାଦ ବେହେରା, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର, ନାଟ୍ୟକାର ଉମାକାନ୍ତ ବେହେରା ପ୍ରମୁଖ ବହୁ ସାରସ୍ୱତ ସାଧକ ତଥା ନାଟ୍ୟକାର, ଗୀତିକାର, ଅଭିନେତା, ତଥା ନାଟ୍ୟ ନିର୍ଦ୍ଦେଶକ ଓଡ଼ିଆ ଓଡ଼ିଆ ଲୋକକଳା ଜଗତକୁ ସମୃଦ୍ଧ କରିବା ସହ ଓଡ଼ିଆ ଜନଜୀବନକୁ ପ୍ରଭୂତ ଭାବେ ପ୍ରଭାବିତ କରିଛନ୍ତି ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଦ୍ୱାଦଶ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବର ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଶିକ୍ଷା ନିବୃତ୍ତ ପ୍ରଫେସର ଡ.ରାମଚନ୍ଦ୍ର ପଣ୍ଡା ମୁଖ୍ୟ ବକ୍ତା,'ନବ ଜାଜଜୀର ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ବିଶିଷ୍ଟ ଅତିଥି,ନାଟ୍ୟଶ୍ରୀ ନିର୍ମଳ ରାଉତ, ଅବସରପ୍ରାପ୍ତ ଅଧ୍ୟାପକ ତଥା ନାଟ୍ୟକାର ଡ. ରମାକାନ୍ତ ନାୟକ, ନାଟ୍ୟ ନିର୍ଦ୍ଦେଶକ ତଥା କବି ସାରଥୀ ପଣ୍ଡା, ମଂଚ ଅଭିନେତା କାଳନ୍ଦୀ ଚରଣ ମଲ୍ଲିକ, ଅଭିନେତା ତଥା ସଂଗଠକ ନିମାନନ୍ଦ ସାହୁ, ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ବୈକୁଣ୍ଠ ବିଶ୍ୱାଳ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଆଡଭୋକେଟ୍ ସ୍ୱସ୍ତିକା ପଣ୍ଡା ଅତିଥି ପରିଚୟ ଓ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ଦେଇଥିଲେ । ଶିଶୁ ସାହିତ୍ୟିକା ମମତା ଦାଶ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିଲେ ଏବଂ ସମ୍ପାଦକ ରବି ନାରାୟଣ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ । ଟ୍ରଷ୍ଟର ସଭାପତି ଇଂ. ଅଭୟ ସୁତାର ମଂଚ ପରିଚାଳନା କରିଥିଲା ଇଂ. ରତିକା ନାୟକ ସ୍ୱାଗତ ସଂଗୀତ ଏବଂ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଖୋର୍ଦ୍ଧାର ଚତୁର୍ଦ୍ଧା ମୂରତି ଭଜନ ସନ୍ଧ୍ୟାର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ସେଲ ଆରଏସପିରେ ପୁରସ୍କାର ବିତରଣ ଉତ୍ସବ ସହିତ ଜାତୀୟ ପାଠାଗାର ସପ୍ତାହ ଉଦ୍‌ଯାପିତ

ରାଉରକେଲା, ୨୧/୧୧ (ଆ.ପ୍ର) : ସେଲ୍, ରାଉରକେଲା ଇସ୍ପାତ କାରଖାନା(ଆରଏସପି)ରେ ସପ୍ତାହବ୍ୟାପୀ ଜାତୀୟ ପାଠାଗାର ସପ୍ତାହ ପାଳନ ନଭେମ୍ବର ୧୯ ତାରିଖରେ ଉତ୍କଳମଣି ଗୋପବନ୍ଧୁ ଇସ୍ପାତ ପାଠାଗାରରେ ଆୟୋଜିତ ପୁରସ୍କାର ବଂଟନ ଉତ୍ସବ ସହିତ ଶେଷ ହୋଇଛି । ଏହି ସମାରୋହରେ ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟି ଜି କାନେକର ଅଧ୍ୟକ୍ଷତା କରି ସପ୍ତାହବ୍ୟାପୀ ଏହି ଉତ୍ସବ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସମାରୋହରେ ସହର ସେବା ବିଭାଗର ଜିଏମ ଡକ୍ଟର ନିବେଦିତା ରାୟ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଓ ପାଠାଗାର କର୍ମଚାରୀ ଉପସ୍ଥିତ ଥିଲେ । କାନେକର ଏବଂ ଅନ୍ୟ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ପାଠାଗାରର ପ୍ରଥମ ମହଲାରେ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଉଦଯାପନୀ ଉତ୍ସବ ଆରମ୍ଭ ହୋଇଥିଲା । ଏହା ପରେ ପାଠାଗାର ସବସ୍କ୍ରିପସନ୍ ଗ୍ରହଣ ପାଇଁ ନୂତନ ଭାବରେ ପ୍ରଚଳିତ କ୍ୟୁଆର କୋଡ୍ ସିଷ୍ଟମର ଉଦଘାଟନ କରାଯାଇଥିଲା । କର୍ମଚାରୀ ଏବଂ ନିୟମିତ ପାଠକଙ୍କ ସମେତ ମୋଟ ୨୫ ଜଣ ଅଂଶଗ୍ରହଣକାରୀଙ୍କୁ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀରେ କାହାଣୀ କଥନ, ପୁସ୍ତକ ଓ ଲେଖକଙ୍କ ଉପରେ ଆଧାରିତ କୁଇଜ୍ ଏବଂ କବିତା ଭଳି ବିଭିନ୍ନ ପ୍ରତିଯୋଗିତାରେ ପ୍ରଦର୍ଶନ ପାଇଁ ଟ୍ରଫି ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ସାତ ଜଣ ପ୍ରତିଯୋଗିତାଗୁଡ଼ିକର ବିଚାରକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବରେ କବିତା ବର୍ଗର ପୁରସ୍କାର ବିଜେତାମାନେ ସେମାନଙ୍କର କବିତା ପାଠ କରିଥିଲେ । ପୁରସ୍କାର ବିଜେତା, କର୍ମଚାରୀ ଏବଂ ପାଠାଗାର ପାଠକଙ୍କ ସମେତ ପ୍ରାୟ ୫୦ ଜଣ ଅଂଶଗ୍ରହଣକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ସହର ସେବା ଶିକ୍ଷା ବିଭାଗର ଆସିଷ୍ଟାଂଟ ମ୍ୟାନେଜର ଏସ କେ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଡକ୍ଟର ନିବେଦିତା ରାୟ ସଂପୂର୍ଣ୍ଣ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

ଶିକ୍ଷା, ଅର୍ଥନୀତି ଓ ସୁଶାସନ ନୂତନ ଶିକ୍ଷା ନୀତି ପଥ ପରିଦର୍ଶକ ହେବ ନେଇ ଜାତୀୟ ସେମିନାର ଅନୁଷ୍ଠିତ

ଖଡ଼ିଆଳ, ୨୧/୧୧ (ଆ.ପ୍ର) : ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସର ମଧ୍ୟରେ ପୁରାତନ ସଭ୍ୟତାର ସୂଚନା ଜ୍ଞାନକୁ ଭବିଷ୍ୟତରେ ପାଥେୟ କରି ଶିକ୍ଷା, ଅର୍ଥନୀତି ଓ ସୁଶାସନ ନୂତନ ଶିକ୍ଷା ନୀତି ପଥ ପରିଦର୍ଶକ ହେବ ନେଇ ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଅଛି । ବିକଶିତ ଭାରତ ୨୦୪୭ ଏକ ଦୃଷ୍ଟିକୋଣ ବିଷୟ ରେ ଆଲୋଚନା ହୋଇ ନୂତନ ଭାରତ ଗଠନ ରେ ଯୁବ ପିଢ଼ିଙ୍କ ଭାଗିଦାରୀ । ଦୁଇ ଦିନ ବ୍ୟାପୀ ଏହି ଜାତୀୟ ସେମିନାର ରେ ଡଃ. ଫାନିନ୍ଦମ୍ ଦେଓ, ଅବସର ପ୍ରାପ୍ତ କମିଶନର ଶ୍ରୀକାନ୍ତ ତାଟାର୍କୀ ଯୋଗ ଦେଇଥିବା ବେଳେ କଲେଜ୍ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଅତିଥି ରୂପେ ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ କୁଳପତି ନିବେଦିତା ନାଥ ଯୋଗ ଦେଇ ସଭାରେ ରାଜନୀତି ବିଜ୍ଞାନ ଅଧ୍ୟାପକ ସୁନିଲ ପାତ୍ରୀ ମଂଚ ପରିଚାଳନା କରିଥିବା ବେଳେ ଯୁକ୍ତ ଦୁଇ କଲେଜ୍ ଅଧ୍ୟକ୍ଷ ରଣବୀର ସିଂ ଯୋଗ ଦେଇଥିଲେ । ଦିତୀୟ ଅଧ୍ୟାୟରେ ଅନେକ ବିଷୟ ନେଇ ଆଲୋଚନା ହେବା ସହ ପ୍ରଧାନମନ୍ତ୍ରୀ ଭାଷା ଯୋଜନା ସହାୟତାରେ ଜାତୀୟ ସେମିନାର ଉଦ୍ଘାଟିତ ହୋଇ ଯାଇଅଛି । ଲୋହିତାକ୍ଷ ଯୋଷୀ, ଡ ପଦ୍ମଲୋଚନ ବର୍ମା, ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ।

ଓଡ଼ିଶାରେ କାର୍ଯ୍ୟଦିବସ ସମୟ ୧୦ ଘଣ୍ଟାକୁ ବୃଦ୍ଧି ଓ ରାତ୍ରକାଳରେ ମହିଳାମାନଙ୍କୁ କାମରେ ନିଯୁକ୍ତି ନିଷ୍ପତ୍ତିକୁ ବିରୋଧ

ବାଲେଶ୍ୱର, ୨୧/୧୧ (ଆ.ପ୍ର) : ଶ୍ରମିକମାନଙ୍କ ଦୈନିକ କାର୍ଯ୍ୟଦିବସ ୮ ଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି ଓ ମହିଳା ଶ୍ରମିକମାନଙ୍କୁ ରାତ୍ରକାଳରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତିକୁ ରାଜ୍ୟ ସରକାର ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଛି । ଗୁରୁବାର ଦିନ କରାଯାଇଛି ଯେ ଦୈନିକ କାର୍ଯ୍ୟସମୟ ୧୦ଘଣ୍ଟାକୁ ବୃଦ୍ଧି କଲେ କାର୍ଯ୍ୟରତ ଶ୍ରମିକମାନଙ୍କ ଉପରେ ଅଧିକ ଚାପ ସୃଷ୍ଟି ହେବ ଓ ବେକାର ଥିବା ଯୁବଶକ୍ତି ନିଯୁକ୍ତିରୁ ବଞ୍ଚିତ ହେବେ । ସେହିପରି ରାଜ୍ୟରେ ନାରୀ ନିର୍ଯ୍ୟାତନା ଓ ମହିଳାମାନଙ୍କ ଉପରେ ଅତ୍ୟାଚାର ଓ ଦୁଷ୍କର୍ମ ବୃଦ୍ଧି ପାଉଥିବାବେଳେ ମିଶ୍ର, ସିଆଇଟିୟୁର ଜିଲ୍ଲା ସଭାପତି ରାଜକିଶୋର ଜେନା ଓ ଶ୍ୟାମସୁନ୍ଦର ଜେନା, ଏଆଇୟୁଟିୟୁସି ଜିଲ୍ଲା ନେତା ରବୀନ୍ଦ୍ର ବେହେରା ଓ ନିରାକାର ପାଣ୍ଡବ, ଟିୟୁଏସିସିର ଅଧ୍ୟକ୍ଷ ପ୍ରଦୀପ୍ତ ପଣ୍ଡା, ଉପାଧ୍ୟକ୍ଷ ଶାନ୍ତନୁ ଦାସ ଓ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ସଂଘ ପକ୍ଷରୁ ଶରତ



ପୂର୍ବାହ୍ନରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍‌ମାନଙ୍କ ମିଳିତ ମଞ୍ଚ ପକ୍ଷରୁ ବାଲେଶ୍ୱର ଶ୍ରମିକ କର୍ମଚାରୀମାନଙ୍କ ମିଳିତ ମଞ୍ଚ ଟିୟୁଏସିସି ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଜରିଆରେ ଦାବିପତ୍ର ଦିଆଯାଇଛି । ଦାବିପତ୍ରରେ ଉଲ୍ଲେଖ ରାତ୍ରକାଳରେ ମହିଳାମାନେ କାର୍ଯ୍ୟ କରିବାକୁ ଅନୁମତି ଦେଲେ ଏହି ଅପରାଧ ସଂଖ୍ୟା ବୃଦ୍ଧି ପାଇବ । ଏଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ ଓ ସଂପାଦକ ଶ୍ୟାମସୁନ୍ଦର ଜେନା, ଆଇଏନ୍‌ଟିୟୁର ସଭାନେତ୍ରୀ ବାସନ୍ତି ସାମଲ ଓ କୃଷକ କଂଗ୍ରେସର ନେତା ଅରୁଣ ଜେନା, ଟିୟୁସିସିର ଜିଲ୍ଲା ସଭାପତି ସର୍ବେଶ୍ୱର ଚନ୍ଦ୍ର ଦଳାଇ, ଉମାକାନ୍ତ ଦାସ ଓ ଭରତ ସେଠୀ ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ । ଆସନ୍ତା ଡିସେମ୍ବର ୩, ୪ ଓ ୫ ତାରିଖ ଦିନ ବିଧାନସଭା ସମ୍ମୁଖରେ ଶ୍ରମିକ ସମାବେଶ ପାଇଁ ବାଲେଶ୍ୱର ଜିଲ୍ଲାରୁ ସମସ୍ତ ବର୍ଗର ଶ୍ରମିକମାନେ ଭୁବନେଶ୍ୱର ଯିବାକୁ ମିଳିତ ମଞ୍ଚ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

ଭଦ୍ରକ ବିଜେପିର ବିଶାଳ ମିଶ୍ରଣ ପର୍ବ

ଭଦ୍ରକ, ୨୧/୧୧ (ଆ.ପ୍ର) : ଭଦ୍ରକ ବିଧାନସଭା ଅନ୍ତର୍ଗତ, ମା ବାଣ୍ଡ ବାସୁକି ମଣ୍ଡଳ ଜଗଦଳପୁର ପଂଚାୟତର ସରପଂଚ ଏବଂ ରାମ୍ବିଳା ପଂଚାୟତର ସରପଂଚ ଓ ସମିତି ସଭ୍ୟାଙ୍କ ସହ ଦୁଇ ପଂଚାୟତର ଶତାଧିକ ସମର୍ଥକ ମାନେ ଭଦ୍ରକ ବିଧାନସଭା କାର୍ଯ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏବଂ ଜିଲ୍ଲା ସଭାପତି ଭଗବାନ ପଣ୍ଡାଙ୍କ ଉପସ୍ଥିତିରେ ଭାରତୀୟ ଜନତା ପାର୍ଟିରେ ବିଧିବଦ୍ଧ ଭାବେ ଯୋଗଦାନ କରିଛନ୍ତି । ଏହି ମିଶ୍ରଣ ପର୍ବରେ ଭାରତୀୟ ଜନତା ପାର୍ଟିର ବହୁ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ ।

କଳିଙ୍ଗା ବିଏଡ୍ କଲେଜର ଦାୟିତ୍ୱ ଗ୍ରହଣ କଲେ ନୂତନ ଅଧ୍ୟକ୍ଷ

ଜି.ଉଦୟଗିରି, ୨୧/୧୧ (ଆ.ପ୍ର) : ଓଡ଼ିଶା ଉଚ୍ଚ ଶିକ୍ଷାବିଭାଗର ନିର୍ଦ୍ଦେଶ କ୍ରମେ କଳିଙ୍ଗା ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଡ.ଦୀପକ କୁମାର ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି । ଡ.ମହାନ୍ତି ଆଇଆଇଟି ଖଡ଼ଗପୁରରେ ପିଏଚଡି କରିବା ସହିତ ଅଠର ବର୍ଷର ଶିକ୍ଷାଦାନ କରିବା ଓ ଗବେଷଣା କରିବାର ଅଭିଜ୍ଞତା ରହିଛି । ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ ପରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ଶିକ୍ଷାନୁଷ୍ଠାନରେ ଶିକ୍ଷାର ଉନ୍ନତି ସହିତ ଅନୁଷ୍ଠାନର ଭିତିଭୂମିର ବିକାଶ କରେଇବା ମୋର ପ୍ରାଥମ ଲକ୍ଷ୍ୟ ରହିବ ବୋଲି କହିଛନ୍ତି ନୂତନ ଅଧ୍ୟକ୍ଷ ।

ପିଏମ୍ ସୂର୍ଯ୍ୟଘର : ନିଃଶୁଳ୍କ ବିଦ୍ୟୁତ ଯୋଜନା ସଂପର୍କୀତ ସଚେତନତା କର୍ମଶାଳା

ମାହାଙ୍ଗା, ୨୧/୧୧ (ଆ.ପ୍ର) : ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମ ପଂଚାୟତସ୍ଥ ଦୁଲ୍ଲାରପୁର ସତ୍ୟନାରାୟଣ ମଣ୍ଡପ ପରିସରରେ ଟିପିସିଓଡିଏଲ୍ ଓ ଏଡେଣ୍ଟ ର ମିଳିତ ଆନୁକୂଲ୍ୟରେ ନିଃଶୁଳ୍କ ବିଦ୍ୟୁତ ସୂର୍ଯ୍ୟଘର ଯୋଜନା ସଂପର୍କୀତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । 'ସୂର୍ଯ୍ୟଘର' ପ୍ରୟାସ ତଥା ପିଏମ୍‌ଏସ୍‌କିଏମ୍‌ୱାଇ ଯୋଜନାର ବିବରଣୀ ପ୍ରଦାନ ପୂର୍ବକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଦତ୍ତ ସବ୍‌ସିଡି ଯୋଜନାକୁ ଜନସାଧାରଣ ସୁବିଧାରେ ଗ୍ରହଣ କରିବାକୁ ଉକ୍ତ କର୍ମଶାଳାରେ ଆହ୍ୱାନ ଦିଆଯାଇଥିଲା । ବିଶିଷ୍ଟ ସଂଗଠକ ତଥା ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସଂପାଦକ ଗୌତମ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଚେତନତା କର୍ମଶାଳାକୁ ବ୍ଲକ ସଂଯୋଜକ, ପରିବେଶବିତ୍ ପ୍ରମୋଦ କୁମାର ଦାଶ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ ଉଦ୍‌ଘାଟକ ଭାବେ ସାଲେପୁର ଟିପିସିଓଡିଏଲ୍‌ର ପ୍ରୋଜେକ୍ଟ ଇନ୍‌ଚାର୍ଜ ରାଜେଶ ବେହେରା, ମୁଖ୍ୟ ଅତିଥି ଭାବ ସରପଂଚଙ୍କ ପ୍ରତିନିଧି ନରହରି ସେଠୀ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଜସେବୀ ଦେବବ୍ରତ ପଣ୍ଡା, ସମ୍ମାନୀତ ଅତିଥି ଭାବେ ସମିତିସଭ୍ୟାଙ୍କ ପ୍ରତିନିଧି ପ୍ରହଲ୍ଲାଦ ସେଠୀ, ବରିଷ୍ଠ ନାଗରିକ କଲ୍ଲୋଳ ଚନ୍ଦ୍ର ମହାନ୍ତି, ପୂର୍ବତନ ସରପଂଚ ସୁବାଷ ଚନ୍ଦ୍ର ମହାନ୍ତି, ସାନ୍ଧୁ ସୋଲାର ଭେଣ୍ଡରର ସୁପରଭାଇଜର ସୂର୍ଯ୍ୟନାରାୟଣ ସେଠୀ ପ୍ରମୁଖ ଯୋଗଦାନ କରି ରୁଫ୍‌ଟପ୍ ସୋଲାର ସ୍ଥାପନରେ ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜୁଳି ଯୋଜନା ଦ୍ୱାରା ଶକ୍ତି ସଂଚୟ ସହ ଆର୍ଥିକ ଉନ୍ନତି ଏବଂ ପରିବେଶର ସୁସ୍ଥତା ବଜାୟ ରହିବ ବୋଲି ମତ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ଗ୍ରାମବାସୀମାନେ ସକ୍ରିୟ ଉପସ୍ଥିତ ଥିଲେ । ଶେଷରେ ସ୍ତମ୍ଭକାର ବିବେକାନନ୍ଦ ଦାସ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଡ ଏନ୍ ତିରୁମାଲା ନାଏକଙ୍କ ଗସ୍ତର ଦ୍ୱିତୀୟ ଦିନ ଓ ଜିଲ୍ଲା ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ



ନବରଙ୍ଗପୁର, ୨୧/୧୧ (ଆ.ପ୍ର) : ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଡ ତିରୁମାଲା ନାଏକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ପ୍ରଣୟନ ହେଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତାକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଂଚି ନାରାୟଣ ବରଦ୍ୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଡିଇଓ ଛତ୍ରପତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ସଚିବ ବିଭିନ୍ନ ଯୋଜନା ସୁଭଦ୍ରା ଯୋଜନା, ଅନ୍ତୋଦୟ ଗୃହ, ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ବୟୋବନ୍ଦନା କାର୍ଡ, ପି ଏମ ଶ୍ରୀ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ସକ୍ଷମ ଅଙ୍ଗନବାଡି କେନ୍ଦ୍ର, ଛାତ୍ରାବାସ ଏଭଳି ଯୋଜନାର କାର୍ଯ୍ୟକାରିତା ନେଇ ବିଭାଗୀୟ ଅଧିକାରୀଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ । ସଚିବ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର ପ୍ରକ୍ରିୟା ଆହୁରି ଅଧିକ କରିବା ଏବଂ ସେମାନଙ୍କ ପାଠ ପଢା ସମ୍ବନ୍ଧୀୟ ବ୍ୟବସ୍ଥା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସ୍ୱମନ୍ୱୟରେ ଉଚିତ ଥଇଥାନ କରିବାକୁ ନିର୍ଦ୍ଦେଶ ଦେଲେ । ବିଦ୍ୟାଳୟର କୌଣସି ଛାତ୍ର ଛାତ୍ରୀ ଯଦି ଗୁରୁତର ଅସୁସ୍ଥ ଅନୁଭବ କରନ୍ତି ତେବେ ସଙ୍ଗେ ସଙ୍ଗେ ଡ଼ାକ୍ତରଖାନାକୁ ନେବା ପାଇଁ ଏବଂ ତାଙ୍କର ଅଭିଭାବକଙ୍କୁ ସୂଚନା ଦେବାକୁ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେବାକୁ ଡିଇଓଙ୍କୁ କହିଥିଲେ । ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଓ ପଂଚାୟତି ରାଜ ବିଭାଗ ଜିଲ୍ଲାରେ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ସୀମା କାନ୍ଥ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପନ କରିବାକୁ ନିର୍ଦ୍ଦେଶ ଦେଲେ । ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସିକିଲ୍ ସେଲ ରୋଗ, ରକ୍ତ ହୀନତା ଚିହ୍ନଟ ପାଇଁ ପଦକ୍ଷେପ ନେବାକୁ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମଦର ଅଭାବୀ ବିକ୍ରି ରୋକିବା ପାଇଁ ପଦକ୍ଷେପ ନେବାକୁ ସିଡିଏଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ତୋଦୟ ଗୃହ ଯୋଜନାରେ ଶୀଘ୍ର କିଭଳି ଲକ୍ଷ ଧାର୍ଯ୍ୟ ପୂରଣ ହେବ ତା ଉପରେ ଦୃଷ୍ଟି ଦେବାକୁ ସିଡିଓ, ଜିଲ୍ଲା ପରିଷଦଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୂଚନା ଅନୁସାରେ ଜିଲ୍ଲାରେ ୨୩ ଟିପିଏମ ଶ୍ରୀ ବିଦ୍ୟାଳୟକୁ ବିଭିନ୍ନ ଉନ୍ନତି ପାଇଁ ନିଆଯାଇଛି । ଜିଲ୍ଲାରେ ୪୬୩୨୩୦ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଡ ଏବଂ ୨୫୧୧୮ଟି ବାୟୋ ବନ୍ଦନା କାର୍ଡ ବିତରଣ କରାଯାଇଛି । ୨୦୨୪-୨୫ ସୁଦ୍ଧା ୧୩୬୪୭୮ ଲକ୍ଷଧାର୍ଯ୍ୟ ରୁ ୧୧୭୪୮୯ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହ ନିର୍ମାଣ କରାଯାଇଛି । ୨୦୨୫-୨୬ ସୁଦ୍ଧା ଅନ୍ତୋଦୟ ଗୃହ ଯୋଜନାର ଜିଲ୍ଲାରେ ୫୨୯୪ ଲକ୍ଷ ଧାର୍ଯ୍ୟ ରୁ ୨୦୩ ମାତ୍ର ପୂରଣ ହୋଇଛି । ସୁଭଦ୍ରା ଯୋଜନାରେ ମୋଟ ୩୨୬୨୦୨ ଆବେଦନରୁ ଏପର୍ଯ୍ୟନ୍ତ ୨୮୫୭୦୫ ଜଣଙ୍କୁ ତୃତୀୟ କିସ୍ତି ଅର୍ଥ ସହାୟତା ପ୍ରଦାନ କରାଯାଇଛି । ଜିଲ୍ଲାରେ ମୋଟ ୪୮୨ ଟି ଛାତ୍ରାବାସ ରେ ୪୮୦୦୩ ଜଣ ଛାତ୍ର ଛାତ୍ରୀ ଆବାସିକ ରୂପେ ବିଦ୍ୟା ଅଧ୍ୟୟନ କରୁଛନ୍ତି । ଆଜି ଦ୍ୱିତୀୟ ଦିନ ଗସ୍ତରେ ସଚିବ ଡ ତିରୁମାଲା ନାଏକ ଡ଼ାବୁ ଗାଁ ସ୍ଥିତ ଏସଏସଡି ଉଚ୍ଚ ଏବଂ ମାଧ୍ୟମିକ ବାଳିକା ବିଦ୍ୟାଳୟ ପରିଦର୍ଶନ କରି ପାଠପଢ଼ା, ପରୀକ୍ଷା, ପରିମଳ, କ୍ରୀଡ଼ା, ସ୍ୱାସ୍ଥ୍ୟ ଉପରେ ବିଶେଷ ଗୁରୁତ୍ୱ ଦେଲେ । ଡ଼ାବୁ ଗାଁରେ 'ଏକ ପେଡ ମା କେ ନାମ'ର ବୃକ୍ଷ ରୋପଣ, ଅମୃତ ସରୋବର ଦେଖିଥିଲେ । କୁରୁପା ସ୍ଥିତ ନୂତନ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ପରିଦର୍ଶନ ସହ ଝୁନାପାଣୀସ୍ଥିତ ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀଙ୍କ ପାଠ ପଢା ଓ ଅନ୍ୟାନ୍ୟ ସୁବିଧା ଅସୁବିଧା ପଚାରିଥିଲେ । ଗୋଡାଗୁଂଟା ଅଙ୍ଗନବାଡି କେନ୍ଦ୍ର ଗସ୍ତ କରି ସୁଭଦ୍ରା ହିତାଧିକାରୀ ଏବଂ ଲକ୍ଷ ପତି ଦିଦିଙ୍କୁ ଭେଟିଥିଲେ ।

ନୂଆପଡ଼ା ଜିଲ୍ଲା ଖଡିଆଳ ଡିଗ୍ରୀ ମହିଳା କଲେଜ୍ ଛାତ୍ରୀଙ୍କ ତିନି ଦିନିଆ ଷ୍ଟଡି ଟୁର ଯାତ୍ରା ଆରମ୍ଭ

ଖଡ଼ିଆଳ, ୨୧/୧୧ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ଖଡିଆଳ ଡିଗ୍ରୀ ମହିଳା କଲେଜ୍ ଛାତ୍ରୀଙ୍କ ତିନି ଦିନିଆ ଷ୍ଟଡି ଟୁର ଗସ୍ତ, ୨୧ ଜଣିଆ ପ୍ରତିନିଧି ଦଳ ଗସ୍ତ କରି ଭୁବନେଶ୍ୱର, ପୁରୀ ଏବଂ କୋଣାର୍କ ବିଶ୍ୱ ପ୍ରସିଦ୍ଧ ଜାଗ ଓ ସ୍ଥାପତ୍ୟ କେନ୍ଦ୍ର ପରିଦର୍ଶନ କରିବେ । ଆଜି ଖଡିଆଳ ବସ ଷ୍ଟାଣ୍ଡ ରୁ କଲେଜ୍ ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ ଯୋଗ ଦେଇ ସମସ୍ତ ଛାତ୍ରୀ ଙ୍କୁ ଉତ୍ସାହିତ କରିବା ସହ ସଙ୍ଗଠିତ ଏବଂ ବ୍ୟବସ୍ଥିତ ଢଙ୍ଗରେ ଯାତ୍ରା କରିବା ସହ ଶିକ୍ଷା କୁ ଅଙ୍ଗେ ନିଭାଇ ଶୃଙ୍ଖଳିତ ଯାତ୍ରା କରିବାର ଏକ ପ୍ରୟାସ ମାତ୍ର ବୋଲି ଆହ୍ୱାନ କରିଥିଲେ । ଶିକ୍ଷା ଚାରି କୋଠରୀ ମଧ୍ୟରେ ଆବଦ୍ଧ ନ ହୋଇ ବାହ୍ୟ ଜଗତରେ ନାଗରିକଙ୍କ ଭୂମିକା ଉପରେ ଶିକ୍ଷଣୀୟ ବିଷୟ ବସ୍ତୁକୁ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ । ଅଧ୍ୟାପିକା ସ୍ୱରୂପା ରାଣୀ କୁମାର, ଅଧ୍ୟାପକ ଦୁର୍ଯ୍ୟୋଧନ ଭୋଇ, ଘନଶ୍ୟାମ ସହରିଆ, ପାଙ୍କଜିନୀ ବିଶି, ରେବତୀ ନାଏକ, ସଂଜୟ ବର୍ଗ, ବିକ୍ରମ ସେଠୀ ପ୍ରମୁଖ ଯୋଗ ଦେଇ ଶିକ୍ଷାଗତ ଯାତ୍ରାରେ ସାମିଲ ହୋଇଛନ୍ତି । ଏହି ସୁଯୋଗ ସୃଷ୍ଟି କରିବା ପାଇଁ ଅଭିଭାବକ ମାନେ ମଧ୍ୟ କୃତଜ୍ଞତା ଜଣାଇ ।

ସେଇଠୁ ଆରମ୍ଭ
SEITHO ARAMBHA
ଶନିବାର, ୨୨ ନଭେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୮

ଆଶେସ ଇତିହାସରେ ପ୍ରଥମ: ଦିନକରେ ଝଡ଼ିଲା ୧୯ ୱିକେଟ

ନୂଆଦିଲ୍ଲୀ, ୨୧/୧୧(ନ୍ୟୁ.ଏ): ଅଷ୍ଟ୍ରେଲିଆ-ଇଂଲଣ୍ଡ ମଧ୍ୟରେ ଆଜିଠାରୁ ଆରମ୍ଭ ହୋଇଛି ଆଶେସ ଟେଷ୍ଟ(କ୍ରିକେଟ ଉତ୍ସମନରତ) ସିରିଜ । ପ୍ରଥମ ମ୍ୟାଚ୍‌ର ପ୍ରଥମ ଦିନରେ ଦେଖିବାକୁ ମିଳିଛି ରୋମାଂଚ । ପର୍ଥରେ ହୋଇଛି ୱିକେଟ ବର୍ଷା । ଆଶେସ ଟେଷ୍ଟ ସିରିଜର ୧୦୦ ବର୍ଷର ଇତିହାସରେ ପ୍ରଥମଥର ପାଇଁ ପ୍ରଥମ ଦିନରେ ଝଡ଼ିଛି ୧୯ ୱିକେଟ । ସମସ୍ତ ୧୯ଟି ଯାକ ୱିକେଟ ନେଇଛନ୍ତି ଦୁଇ ଦଳର ଦ୍ରୁତ ବୋଲର । ପର୍ଥକୁ ଦ୍ରୁତ ବୋଲରଙ୍କ ସ୍ୱର୍ଗ କୁହାଯାଏ । ଆଜି ଏହାକୁ ଆସି ମିଚେଲ ଷ୍ଟାର୍କଙ୍କ ଠାରୁ ଆରମ୍ଭ କରି ବେନ ଷ୍ଟୋକ୍‌ସଙ୍କ ଯାଏ ପ୍ରମାଣିତ କରି ଦେଖାଇଛନ୍ତି । ଏହାପୂର୍ବରୁ କୌଣସି ଆଶେସ ଟେଷ୍ଟର ଗୋଟିଏ ଦିନରେ ସର୍ବାଧିକ ୧୭ଟି ୱିକେଟ ଯିବାର ନଜର ରହିଥିଲା । ୨୦୦୧ ଟ୍ରେଂଟ ବ୍ରିଜ ଟେଷ୍ଟ(Test Match)ର ଗୋଟିଏ ଦିନରେ ଇଂଲଣ୍ଡ ୧୦ ଓ ଅଷ୍ଟ୍ରେଲିଆ ୭ ୱିକେଟ ହରାଇଥିଲା । ସେହିପରି ୨୦୦୫ ଲର୍ଡସରେ ଅଷ୍ଟ୍ରେଲିଆ ୧୦ ଓ ଇଂଲଣ୍ଡର ୭ ୱିକେଟ ଝଡ଼ିଥିଲା । କିନ୍ତୁ ଆଜି ଅର୍ଥାତ ୨୦୨୫ ଆଶେସ ଟେଷ୍ଟର ପ୍ରଥମ ଦିନରେ ଇଂଲଣ୍ଡ ୧୦ଟି ଓ ଅଷ୍ଟ୍ରେଲିଆ ୯ଟି ୱିକେଟ ହରାଇଛନ୍ତି । ପର୍ଥ କଥା ବିଚାରକୁ ନେଲେ ପ୍ରଥମଥର ପାଇଁ ଏଠାରେ ଖେଳା ଯାଇଥିବା କୌଣସି ଟେଷ୍ଟ ମ୍ୟାଚର ପ୍ରଥମ ଦିନରେ ୧୯ଟି ୱିକେଟ ଝଡ଼ିଛି । ଏହାପୂର୍ବରୁ ୨୦୨୪ ଭାରତ ଓ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟର ପ୍ରଥମ ଦିନରେ ୧୭ଟି ଯାଇଥିଲା । ଆଜି କିନ୍ତୁ ଟେଷ୍ଟ କ୍ରିକେଟରେ ପର୍ଥ ନୂଆ ଅଧ୍ୟାୟ ଯୋଡ଼ିଛି । ମାସ ମାସ ଧରି ଯେଉଁ ଟେଷ୍ଟ କ୍ରିକେଟକୁ ଲୋକମାନେ ଅପେକ୍ଷା କରି ରହନ୍ତି ଆଜି ସେମିତି କିଛି ଘଟିଛି । ଯଦି ଆପଣ କ୍ରିକେଟ ପ୍ରେମୀ, ତା'ହେଲେ ନିଶ୍ଚିତ ଆଜିର ମ୍ୟାଚ୍ ଆପଣଙ୍କୁ ଏହାର ପ୍ରେମରେ ଆହୁରି ବାନ୍ଧିବାକୁ ସକ୍ଷମ ହେବ । ପର୍ଥର ପରମ୍ପରା ହେଉଛି ଦ୍ରୁତ ବୋଲରଙ୍କ ଫାଇଦା ଦେବା । ଆଜି ଏହା ପୁଣି ପ୍ରମାଣିତ ହୋଇଛି । ଦିନକରେ ୧୯ ୱିକେଟ ଯାଇଛି ଓ ଦ୍ରୁତ ବୋଲରମାନେ ଏହାକୁ ଦଖଲ କରିଛନ୍ତି । ମ୍ୟାଚ୍‌ର ପ୍ରଥମ ଭାଗ ମିଚେଲ ଷ୍ଟାର୍କଙ୍କ ନାଁରେ ରହିଥିବା ବେଳେ ଦ୍ୱିତୀୟ ଭାଗରେ କମାଲ କରିଛନ୍ତି ଇଂଲିଶ ଅଧିନାୟକ ବେନ ଷ୍ଟୋକ୍ସ । ପାଟ କମିନ୍ସ ଓ ଜୋଶ ହାଜେଲଉଡଙ୍କ ଅନୁପସ୍ଥିତିରେ ଅଷ୍ଟ୍ରେଲିଆର ଦ୍ରୁତ ବୋଲିଂ ମଙ୍ଗ ଷ୍ଟାର୍କଙ୍କ ଉପରେ ରହିଥିଲା । ଆଉ ସେ ଏକାକୀ ୭ ୱିକେଟ ନେଇ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଇଂଲଣ୍ଡକୁ ୧୭୨ ରନରେ ଅଟକାଇ ଦେଇଛନ୍ତି । ଷ୍ଟାର୍କଙ୍କ ବ୍ୟତୀତ ଡେବ୍ୟୁଟାଂଟ ବ୍ରେଣ୍ଡନ ଡୋଗେଟ ୨ଟି ଓ କାମେରନ ଗ୍ରୀନ ଗୋଟିଏ ସଫଳତା ପାଇଛନ୍ତି । ଏହାପରେ ଅଷ୍ଟ୍ରେଲିଆ ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ଘରୋଇ ପରିବେଶରେ ଦଳ ପ୍ରଥମ ଇନିଂସରେ ୯ ୱିକେଟ ହରାଇ ୧୨୩ ରନ କରିଛି । ଏବେ ବି ଅଷ୍ଟ୍ରେଲିଆ ଭ୍ରମଣକାରୀ ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ଠାରୁ ୪୯ ରନ ପଛରେ ରହିଛି । ପ୍ରଥମ ଦିନର ଖେଳ ଶେଷ ହେବା ବେଳକୁ ଡେବ୍ୟୁଟାଂଟ ବ୍ରେଣ୍ଡନ ଡୋଗେଟ(୦) ଓ ନାଥନ ଲାୟନ(୩) କ୍ରିଜରେ ରହିଛନ୍ତି । ଇଂଲଣ୍ଡ ପକ୍ଷରୁ ବେନ ଷ୍ଟୋକ୍ସ ୫ ୱିକେଟ ନେଇଥିବା ବେଳେ ଜୋଫ୍ରା ଆର୍ଚର ଓ ବ୍ରାଇଡନ କାର୍ସେ ୨ଟି ଲେଖାଏ ସଫଳତା ପାଇଛନ୍ତି । କମିନ୍ସଙ୍କ ଅନୁପସ୍ଥିତିରେ ଷ୍ଟିଭ ସ୍ମିଥ ଅଷ୍ଟ୍ରେଲିଆର କମାଣ ସମ୍ଭାଳିଥିଲେ ହେଁ ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିପାରି ନାହାନ୍ତି । ସ୍ମିଥ କେବଳ ୧୭ ରନ କରିପାରିଛନ୍ତି । ଇଂଲଣ୍ଡର ବ୍ୟାଟିଂ ବେଳେ ହ୍ୟାରୀ ବ୍ରୁକ, ଓଲି ପପ ଓ ଜେମି ସ୍ମିଥଙ୍କୁ ଛାଡ଼ି ବାକି ସମସ୍ତେ ଷ୍ଟାର୍କଙ୍କ ଆଗରେ ଆତ୍ମସମର୍ପଣ କରିଥିଲେ । ବ୍ରୁକ ୫୨ ରନର ଇନିଂସ ଖେଳିଥିବା ବେଳେ ପପ ୪୬ ଓ ସ୍ମିଥ ଦ୍ରୁତ ୩୩ ରନ କରିବାରୁ ଇଂଲଣ୍ଡ ପ୍ରଥମ ଇନିଂସରେ ୧୭୨ ରନ କରିବାକୁ ସକ୍ଷମ ହୋଇଥିଲା । ସେହିପରି ଅଷ୍ଟ୍ରେଲିଆ ପାଇଁ ଆଲେକ୍ସ କେରୀ ସର୍ବାଧିକ ୨୬ ରନ କରିଥିବା ବେଳେ ଗ୍ରୀନ ୨୪ ଓ ଟ୍ରାଭିସ ହେଡ୍ ୨୧ ରନ କରିଛନ୍ତି ।

କନିଷ୍ଠ ହକି ବିଶ୍ୱକପ୍ ଟ୍ରଫି ଓଡ଼ିଶାରେ ପହଂଚିଲା

ଭୁବନେଶ୍ୱର, ୨୧/୧୧ (ଆ.ପ୍ର) : ତାମିଲନାଡୁରେ ଚଳିତ ମାସ ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏଫଆଇଏଚ୍ ହକି ପୁରୁଷ କନିଷ୍ଠ ବିଶ୍ୱକପ୍ ଟ୍ରଫି ଗୁରୁବାର ଭୁବନେଶ୍ୱରରେ ପହଂଚିଛି । ଏହାକୁ ପଂଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ ଅନାବରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ନିର୍ଦ୍ଦେଶକ ବିଜୟ ଯେଦୁଲା, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି, ଅଲିମ୍ପିଆନ୍ ରବି କୁମାର, ସୁନୀତା ଲାକ୍ରା, ଲିଲିମା ମିଞ୍ଜ, ଅନୁରାଧା ବିଶ୍ୱାଳ, ରୋଶନ ମିଞ୍ଜ, ଭାରତୀୟ ଫୁଟ୍‌ବଲ୍‌ର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ସହ ଓଡ଼ିଶା ହକି ସଂଘ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ନୂଆଦିଲ୍ଲୀ: ଆଗାମୀ ହକି ଇଣ୍ଡିଆ ଲିଗ୍ (ହିଲ୍) ଲାଗି ହକି ଇଣ୍ଡିଆ ଗୁରୁବାର ଅଫିସିଆଲ୍ ପ୍ରମୋ 'ବିଗ୍ ଇଜ୍ ବ୍ୟାକ୍' ଉନ୍ମୋଚନ କରିଛି । ଏହି ପ୍ରମୋ ଲିଗ୍‌ର ମହତ୍ୱାକାଂକ୍ଷା, ସୃଜନଶୀଳତା ସହ ପ୍ରଶଂସକଙ୍କୁ 'ହିଲ୍' ସହ ଯୋଡ଼ି ଲୋକପ୍ରିୟତା ଓ ଶକ୍ତି ବଢ଼ାଇବାର ଆଶା ରଖିଛି । ୨୦୨୪ରେ ପ୍ରତ୍ୟାବର୍ତ୍ତନ କରିଥିବା 'ହିଲ୍' ପ୍ରସାର ଭାରତୀ ଓ ସୋନି ସ୍ପୋର୍ଟ୍ସ ନେଟ୍‌ୱାର୍କ ସହଯୋଗରେ ଏହାର ଦର୍ଶକ ସଂଖ୍ୟା ୪.୦୮ କୋଟିରେ ପହଂଚାଇଥିଲା । ଯାହା ୨୦୧୭ ସଂସ୍କରଣଠାରୁ ୪୮ ପ୍ରତିଶତ ଅଧିକ । ପୁରୁଷ ଫାଇନାଲକୁ ୩.୦୭ ମିଲିୟନ୍ ଦେଖିଥିଲା ବେଳେ ମହିଳା ମ୍ୟାଚ୍ ଦେଖିଥିଲେ ୨.୯୨ ମିଲିୟନ୍ । ସାରା ବିଶ୍ୱରେ ୧୮ ହକି ଖେଳୁଥିବା ଦେଶର ୫ ମିଲିୟନ୍ ଦର୍ଶକ ଟିଭି ଓ ଓଟିଟି ପ୍ଲାଟ୍‌ଫର୍ମରେ 'ହିଲ୍' ଦେଖିଥିଲେ । ସାମାଜିକ ଗଣମାଧ୍ୟମରେ ଏହାକୁ ୧୦୦ କୋଟି ଦର୍ଶକ ଦେଖିଥିଲେ । 'ହିଲ୍'କୁ ଆହୁରି ଅବିଶ୍ୱସନୀୟ କରିବା ଉଦ୍ଦେଶ୍ୟ ନେଇ ନୂଆ ଋତୁ ପାଇଁ ୩୬୦ ଡିଗ୍ରି ବାଣିଜ୍ୟିକ ରଣନୀତି ଆପଣାଇଛି ହକି ଇଣ୍ଡିଆ । ପ୍ରତି ଫ୍ରାଂଚାଇଜ୍ ସହରରେ ଆନିମେଟେଡ୍ ? ଫଟୋ ଲାଗିବା ସହ ରେଡିଓ, ଟିଭି ଓ ଓଟିଟି ପ୍ଲାଟ୍‌ଫର୍ମରେ ବହୁଳ ପ୍ରଚାର କରାଯିବାର ଲକ୍ଷ୍ୟ ରଖାଯାଇଛି । ସାମାଜିକ ଗଣମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାର ଯୋଜନା ରହିଛି ବୋଲି ହକି ଇଣ୍ଡିଆ ଲିଗ୍‌ର ପରିଚାଳନା କମିଟି ଅଧ୍ୟକ୍ଷ ଦିଲୀପ ତିର୍କି କହିଛନ୍ତି । 'ହିଲ୍'ର ମହିଳା ମ୍ୟାଚ୍ ରାଂଚିରେ ଚଳିତ ବର୍ଷ ଡିସେମ୍ବର ୨୮ରୁ ୨୦୨୬ ଜାନୁଆରି ୧୦ ପର୍ଯ୍ୟନ୍ତ ଖେଳାଯିବ । ସେହିପରି ପୁରୁଷ ଲିଗ୍ ଜାନୁଆରି ୩ରୁ ୨୬ ପର୍ଯ୍ୟନ୍ତ ୩ ସହର ଚେନ୍ନାଇ, ରାଂଚି ଓ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ।

ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଂଟନ୍: କ୍ୱାର୍ଟରରେ ଆୟୁଷ, ଲକ୍ଷ୍ୟ, ସାତ୍ୱିକ-ଚିରାଗ

ସିଡ୍‌ନି, ୨୧/୧୧(ନ୍ୟୁ.ଏ): ଭାରତର ଯୁବ ସଟ୍‌ଲର ଆୟୁଷ ସେଟ୍ଟୀ ଓ ପୂର୍ବତନ ବିଶ୍ୱ କାଂସ୍ୟ ବିଜେତା ଲକ୍ଷ୍ୟ ସେନ୍ ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଂଟନ୍ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଭାରତର ଏକ ନମ୍ବର ପୁରୁଷ ଯୁଗଳ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡି ଓ ଚିରାଗ ସେଟ୍ଟୀ ମଧ୍ୟ କ୍ୱାର୍ଟରଫାଇନାଲ୍ ସ୍ଥାନ ନିଶ୍ଚିତ କରିଛନ୍ତି । ତେବେ ଦୁଇ ବରିଷ୍ଠ ଖେଳାଳି ଏଚ୍‌ଏସ୍ ପ୍ରଣୟ ଓ କିଦାମ୍ବି ଶ୍ରୀକାନ୍ତ ବିଦାୟ ନେଇଛନ୍ତି । ଗୁରୁବାର ପୁରୁଷ ଏକକ ପ୍ରିକ୍ୱାର୍ଟରଫାଇନାଲ୍‌ରେ ୟୁଏସ୍ ଓପନ୍ ବିଜେତା ଆୟୁଷ ୨୧-୧୭, ୨୧-୧୬ରେ ଚତୁର୍ଥ ମାନ୍ୟତାପ୍ରାପ୍ତ ଜାପାନର ନାରାଓକାଙ୍କୁ ଏବଂ ସପ୍ତମ ମାନ୍ୟତାପ୍ରାପ୍ତ ଲକ୍ଷ୍ୟ ୨୧-୧୭, ୧୩-୨୧, ୨୧-୧୩ରେ ଚାଇନିଜ୍ ତାଇପେଇର ଚି ୟୁ ଜେନ୍‌ଙ୍କୁ ପରାସ୍ତ କରିଥିଲେ । କ୍ୱାର୍ଟରଫାଇନାଲ୍‌ରେ ଏହି ଦୁଇ ଭାରତୀୟ ମୁହାଁମୁହିଁ ହେବେ । ପ୍ରଣୟ ୧୯-୨୧, ୧୦-୨୧ରେ ଇଣ୍ଡୋନେସିଆର ଫରହାନ୍ ଆଲ୍ୱିଙ୍କୁ ଏବଂ ଶ୍ରୀକାନ୍ତ ୨୦-୨୨, ୧୬-୨୧ରେ ଜାପାନର ଶୋଗୋ ଓଗାୱାଙ୍କଠୁ ହାରି ଯାଇଥିଲେ । ପୁରୁଷ ଯୁଗଳରେ ସାତ୍ୱିକ ଓ ଚିରାଗ ୨୧-୧୮, ୨୧-୧୧ରେ ଚାଇନିଜ୍ ତାଇପେଇର ସୁ ଚିଙ୍ଗ ହେଙ୍ଗ ଓ ଉ ଗୁଆଁ ଜୁନ୍‌ଙ୍କୁ ପରାସ୍ତ କରିଥିଲେ । ଏହି ଯୋଡ଼ି କ୍ୱାର୍ଟରଫାଇନାଲ୍‌ରେ ପଂଚମ ମାନ୍ୟତାପ୍ରାପ୍ତ ଇଣ୍ଡୋନେସିଆର ଫଜର ଅଲଫିଆନ୍ ଓ ମହମ୍ମଦ ସୋହିବୁଲ ଫିକ୍ରିଙ୍କୁ ଭେଟିବେ ।

ଡବ୍ଲ୍ୟୁପିଏଲ୍ ନିଲାମ: ୭୩ ସ୍ଥାନ ପାଇଁ ୨୭୭ ଖେଳାଳିଙ୍କ ନାମ ଦାଖଲ

ନୂଆଦିଲ୍ଲୀ, ୨୧/୧୧(ନ୍ୟୁ.ଏ): ଆଗାମୀ ଡବ୍ଲ୍ୟୁପିଏଲ ନିଲାମ ପାଇଁ ଖେଳାଳି ତାଲିକା ପ୍ରକାଶ ପାଇଛି । ୫ଟି ଫ୍ରାଂଚାଇଜରେ ଖାଲି ପଡ଼ିଥିବା ୭୩ଟି ସ୍ଥାନ ପାଇଁ ୨୭୭ ଜଣ ଖେଳାଳି ନାମ ଦାଖଲ କରିଛନ୍ତି । ଏଥିରେ ରହିଛନ୍ତି ୮୩ ବିଦେଶୀ ଖେଳାଳି । ବିଦେଶୀ ଖେଳାଳିଙ୍କ ପାଇଁ ୨୩ଟି ସ୍ଥାନ ଫାଙ୍କା ରହିଛି । ଆସନ୍ତା ୨୭ ତାରିଖ ଦିନ ନୂଆ ଦିଲ୍ଲୀରେ ନିଲାମ ଅନୁଷ୍ଠିତ ହେବ । ମୋଟ୍ ୮ ଜଣ ମାର୍କି ଖେଳାଳି ତାଲିକାରେ ସ୍ଥାନ ପାଇଛନ୍ତି । ଏଥିରେ ରହିଛନ୍ତି ମାତ୍ର ୨ ଜଣ ଭାରତୀୟ ଦୀପ୍ତି ଶର୍ମା ଓ ରେଣୁକା ସିଂହ । ଅନ୍ୟମାନଙ୍କ ମଧ୍ୟରେ ଶୋଫି ଡିଭାଇନ, ଶୋଫି ଏକ୍କ୍ଲେଷ୍ଟୋନ, ଆଲିସା ହିଲି, ମେଗ ଲ୍ୟାନିଂ, ଆମେଲିଆ କେର ଓ ଲୌରା ଉଲଭାର୍ଟ ମାର୍କି ଖେଳାଳି ତାଲିକାରେ ସ୍ଥାନ ପାଇଛନ୍ତି । ଏମାନଙ୍କ ମଧ୍ୟରେ କେବଳ ରେଣୁକାଙ୍କ ବେସ ପ୍ରାଇସ ୪୦ ଲକ୍ଷ ଓ ଉଲଭାର୍ଟଙ୍କ ବେସ ପ୍ରାଇସ ୩୦ ଲକ୍ଷ ଟଙ୍କା ରହିଛି । ବାକି ୬ଖେଳାଳିଙ୍କ ବେସ ପ୍ରାଇସ ସର୍ବାଧିକ ୫୦ ଲକ୍ଷ ଟଙ୍କା ରଖାଯାଇଛି । ତାଲିକାରେ ଅଷ୍ଟ୍ରେଲିଆରୁ ସର୍ବାଧିକ ୨୩ ଖେଳାଳି, ଇଂଲଣ୍ଡରୁ ୨୨, ନ୍ୟୁଜିଲାଣ୍ଡରୁ ୧୩ ଓ ଦକ୍ଷିଣ ଆଫ୍ରିକାରୁ ୧୧ଜଣ ଖେଳାଳି ସ୍ଥାନ ପାଇଛନ୍ତି । ଶ୍ରୀଲଙ୍କାରୁ ଚାମରି ଆଟ୍ଟାପଟ୍ଟୁ, ହର୍ଷିତା ସମରବିକ୍ରମା ଓ ଇନୋକା ରଣାବୀରା ସ୍ଥାନ ପାଇଥିବାବେଳେ ଥାଇଲାଣ୍ଡରୁ ଏକମାତ୍ର ଖେଳାଳି ଭାବେ ଥିପାଟଚା ପୁଥାୱଙ୍ଗ, ୟୁଏସଏରୁ ତାରା ନରିସ, ୟୁଏଇରୁ ଇଶା ଓଜା ଓ ତୀର୍ଥା ସତୀଶ ସାମିଲ ହୋଇଛନ୍ତି । ନିଲାମରେ ସର୍ବାଧିକ ଧନ ରାଶି ୧୪.୫୦ କୋଟି ଟଙ୍କା ସହ ୟୁପି ୱାରିୟର୍ସ ଖେଳାଳି କିଣିବାକୁ ଅପେକ୍ଷା କରିଛି । ସେହିପରି ଗୁଜରାଟ ଜାଏଣ୍ଟ୍ସ ନିକଟରେ ୯କୋଟି ଟଙ୍କା, ରୟାଲ୍ ଚ୍ୟାଲେଞ୍ଜର୍ସ ନିକଟରେ ୬.୧୫ କୋଟି, ମୁମ୍ବାଇ ଇଣ୍ଡିଆନ୍ସ ନିକଟରେ ୫.୭୫କୋଟି ଓ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରେ ୫.୭୦ କୋଟି ଟଙ୍କା ରହିଛି ।

ଲାଲକିଲ୍ଲା ବିସ୍ଫୋରଣ: ଅଟା କଳରେ ତିଆରି ହେଉଥିଲା ବୋମା

ନୂଆଦିଲ୍ଲୀ, ୨୧/୧୧(ନ୍ୟୁ.ଏ): ଦେଶକୁ ଦୋହଲାଇ ଦେଇଥିବା ଦିଲ୍ଲୀ ଲାଲକିଲ୍ଲା କାର ବୋମା ବିସ୍ଫୋରଣକୁ ନେଇ ଚାଂଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଏହି ବିସ୍ଫୋରଣର ଘଟଣାର ସହ ଅଭିଯୁକ୍ତ ତଥା ଡାକ୍ତର ମୁଜାମିଲ ଶକୀଲ ବିସ୍ଫୋରକ ପାଇଁ ଆବଶ୍ୟକ କେମିକାଲ ଗୋଟିଏ ଅଟା କଳରେ କରୁଥିଲା । ଅଟୋ କଳରେ ତିଆରି ହେଉଥିଲା ବୋମା । ଅଟା କଳକୁ ସେ ବୋମା ତିଆରି ମେସିନରେ ପରିଣତ କରିଥିଲା । ଲାଲକିଲ୍ଲା ବିସ୍ଫୋରଣର ତଦନ୍ତ ବେଳେ ଏପରି ତଥ୍ୟ ସାମ୍ନାକୁ ଆସିଛି । ବିସ୍ଫୋରକ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଥିବା ଅଟା କଳ, ଗୋଟିଏ ଗ୍ରାଇଣ୍ଡର ଓ କିଛି ବୈଦ୍ୟୁତିକ ମେସିନର ଫଟୋ ସାମ୍ନାକୁ ଆସିଛି । ଏହି ଫଟୋକୁ ହରିୟାଣାର ଫରିଦାବାଦରେ କାର ଡ୍ରାଇଭର ଭାବେ କାମ କରୁଥିବା ଜଣେ ବ୍ୟକ୍ତିଙ୍କ ଘରୁ ଠାବ କରାଯାଇଛି । ଏହି ବ୍ୟକ୍ତି ଜଣକ ଏକଦା ଗିରଫ ଡାକ୍ତର ମୁଜାମିଲ ଯୋଗାଯୋଗରେ ରହିଥିଲା । ଫରିଦାବାଦ ଟେରର ଲିଙ୍କ ମାମଲାରେ ବିସ୍ଫୋରକ ସହ ଗିରଫ ହୋଇଥିବା ଡାକ୍ତର ମୁଜାମିଲର ଘର ଜମ୍ମୁ-କଶ୍ମୀରର ପୁଲୱାମାରେ । ସେ ନଭେମ୍ବର ୧୦ ଲାଲକିଲ୍ଲା ବିସ୍ଫୋରଣ ମାମଲାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲା । ଫରିଦାବାଦରେ ମୁଜାମିଲ ଗୋଟିଏ ଭଡ଼ା ଘର ନେଇଥିଲା । ସେଠାରୁ ପୁଲିସ୍ ? ନଭେମ୍ବର ୯ରେ ୩୬୦ କେଜି ଓଜନର ବିସ୍ଫୋରକ ସାମଗ୍ରୀ ଜବତ କରିଥିଲା । ଉକ୍ତ ଭଡ଼ା ଘରେ ଅଟା କଳର ବ୍ୟବହାର କରି ମୁଜାମିଲ ବୋମା ତିଆରି କରୁଥିଲା । ସେ ସେ ଅଟା କଳରେ ୟୁରିଆକୁ ଗ୍ରାଇଣ୍ଡ କରେ ଓ ବିସ୍ଫୋରକ ପାଇଁ କେମିକାଲ ତିଆରି କରେ । ଗିରଫ ପରେ ଜେରାର ସମ୍ମୁଖୀନ ହେଉଥିବା ମୁଜାମିଲ କହିଛି ଯେ ଦୀର୍ଘ ସମୟ ଧରି ସେ ୟୁରିଆରୁ ଆମୋନିୟମ ନାଇଟ୍ରେଟକୁ ଅଲଗା କରିବା ପାଇଁ ଅଟା କଳର ବ୍ୟବହାର କରୁଥିଲା । ସେ ଉକ୍ତ ଡ୍ରାଇଭରଙ୍କ ଘରକୁ ପ୍ରଥମେ ଅଟା କଳ, ଗ୍ରାଇଣ୍ଡର ଓ ଅନ୍ୟ ବୈଦ୍ୟୁତିକ ମେସିନ ନେଇଥିଲା । ଭଉଣୀର ବାହାଘର ପାଇଁ ଏସବୁ ଉପହାର ଥିଲା ବୋଲି ସେ ଡ୍ରାଇଭରଙ୍କୁ କହିଥିଲା । ପରବର୍ତ୍ତୀ ଅବସ୍ଥାରେ ସେଗୁଡ଼ିକୁ ମୁଜାମିଲ ତା'ର ଭଡ଼ା ଘରକୁ ସ୍ଥାନାନ୍ତର କରିଥିଲା । ସେଠାରେ ସେ ଏହାକୁ ବ୍ୟବହାର କରି ବୋମା ତିଆରି କରୁଥିଲା ବୋଲି ପୁଲିସ୍ ?କୁ କହିଛି । ଏକଥା ଜଣାପଡ଼ିବା ପରେ ପୁଲିସ୍ ଫରିଦାବାଦରେ ଟ୍ୟାକ୍ସି ଡ୍ରାଇଭର ଭାବେ କାମ କରୁଥିବା ବ୍ୟକ୍ତିଙ୍କୁ ଅଟକ ରଖି ଜେରା କରିଛି । ଜେରା ବେଳେ ଡ୍ରାଇଭର ଜଣଙ୍କ ପୁଲିସ୍ ? ଓ ଲାଲକିଲ୍ଲା ବିସ୍ଫୋରଣର ତଦନ୍ତ କରୁଥିବା ଏନଆଇଏକୁ କହିଛନ୍ତି ଯେ ପ୍ରାୟ ୪ ବର୍ଷ ତଳେ ସେ ନିଜ ପୁଅର ଚିକିତ୍ସା ପାଇଁ ଅଲ ଫାଲାହ ମେଡିକାଲ କଲେଜ ଓ ହସ୍ପିଟାଲକୁ ଯାଇଥିବା ବେଳେ ପ୍ରଥମଥର ମୁଜାମିଲକୁ ଭେଟିଥିଲେ । ଦିଲ୍ଲୀ ବିସ୍ଫୋରଣ ମାମଲାରେ ମୁଜାମିଲ ସମେତ ଅଲ ଫଲାହ ବିଶ୍ୱବିଦ୍ୟାଳୟରେ ତା'ର ସହଯୋଗୀ ଭାବେ କାମ କରୁଥିବା ଶାହୀନ ସୟିଦ ଓ ଆଦିଲ ଅହମଦ ରାଥେରକୁ ମଧ୍ୟ ଗିରଫ କରାଯାଇଛି । ନଭେମ୍ବର ୧୦ରେ ହୋଇଥିବା ବିସ୍ଫୋରଣରେ ୧୫ ଜଣ ପ୍ରାଣ ହରାଇଥିବା ବେଳେ ୩୦ରୁ ଅଧିକ ଆହତ ହୋଇଥିଲେ । ଉମର ନବି ନାମକ ଜଣେ ବ୍ୟକ୍ତି ଆଇ ୨୦ କାର ଦ୍ୱାରା ଲାଲକିଲ୍ଲା ନିକଟରେ ଏପରି ବିସ୍ଫୋରଣ କରିଥିଲା । ଉମର ମଧ୍ୟ ଅଲ ଫଲହା ବିଶ୍ୱବିଦ୍ୟାଳୟରେ ଡାକ୍ତର ଭାବେ କାମ କରୁଥିଲା ।

୩ ଦିନିଆ ଦକ୍ଷିଣ ଆଫ୍ରିକା ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ, ୨୧/୧୧(ନ୍ୟୁ.ଏ): ୩ ଦିନିଆ ଦକ୍ଷିଣ ଆଫ୍ରିକା ଗସ୍ତରେ ଗଲେ ପ୍ରଧାନମନ୍ତ୍ରୀମୋଦୀ । ଆଜିଠାରୁ ୨୩ ନଭେମ୍ବର ଯାଏଁ ଦକ୍ଷିଣ ଆଫ୍ରିକା ଗସ୍ତରେ ମୋଦୀ । ୩ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ଜି-୨୦ ଶୀଖର ସମ୍ମିଳନୀରେ ଯୋଗଦେବାକୁ ଦକ୍ଷିଣ ଆଫ୍ରିକା ଅଭିମୁଖେ ଆଜି ସକାଳେ ଗସ୍ତ କରିଛନ୍ତି ମୋଦୀ । ଜୋହାନ୍ସବର୍ଗରେ ଏ୨୦ ସମ୍ମିଳନୀରେ ଯୋଗଦେବା ପ୍ରଧାନମନ୍ତ୍ରୀ ଯାତ୍ରା ଆରମ୍ଭ କରିଥିବା ବେଳେ ଏହା ମୋଦୀଙ୍କର ଦକ୍ଷିଣ ଆଫ୍ରିକାକୁ ଚତୁର୍ଥ ଗସ୍ତ । ପୂର୍ବରୁ ୨୦୧୬, ୨୦୧୮ ଏବଂ ୨୦୨୩ରେ ସମ୍ମିଳନୀରେ ଯୋଗଦେବାକୁ ଯାଇଥିଲେ । ୨୦ତମ ଶିଖର ସମ୍ମିଳନୀ ଜୋହାନ୍ସବର୍ଗରେ ଅନୁଷ୍ଠିତ ହେଉଛି । ପ୍ରଥମ ଥର ପାଇଁ ଆଫ୍ରିକୀୟ ମହାଦେଶରେ ଶିଖର ସମ୍ମିଳନୀର ଆୟୋଜନ ହେଉଛି । ଏହାଦ୍ୱାରା ଆଫ୍ରିକା ଏବଂ ବିକାଶଶୀଳ ଦେଶଗୁଡ଼ିକ ସାମ୍ନା କରୁଥିବା ସମସ୍ୟାଗୁଡ଼ିକ ଉପରେ ବିଶ୍ୱର ଧ୍ୟାନ ଆକର୍ଷଣ କରିବ । ତେବେ ଚଳିତ ବର୍ଷ ଶିଖର ସମ୍ମିଳନୀ ସଂହତି, ସମାନତା, ସ୍ଥାୟୀତ୍ୱ' ଥିମ୍ ଉପରେ ଆଧାରିତ । ଏହି ସମ୍ମିଳନୀରେ ଟ୍ରମ୍ପ ଯୋଗ ଦେବେ ନା ନାହିଁ ତା ଉପରେ ସମସ୍ତଙ୍କ ନଜର ଥିବା ବେଳେ ଟାରିଫ ବୋମା ଫିଙ୍ଗି ସମସ୍ତଙ୍କ ଅସନ୍ତୋଷର ଶିକାର ହୋଇଥିବା ଟ୍ରମ୍ପଙ୍କ ଗସ୍ତକୁ ନେଇ ଦକ୍ଷିଣ ଆଫ୍ରିକା କହିଛି – କାହା ଆସିବା ନଆସିବା ଦେଇ ସମ୍ମିଳନୀ ଅଟକିଯିବନି । ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ ।

ବଦଳିବେନି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ, ୫ ବର୍ଷ ପୂରଣ କରିବେ ସିଦ୍ଧରମୈୟା

ନୂଆଦିଲ୍ଲୀ, ୨୧/୧୧(ନ୍ୟୁ.ଏ): କର୍ଣ୍ଣାଟକ କଂଗ୍ରେସ କଳି ଦିଲ୍ଲୀରେ ପହଂଚିବା ପରେ ସିଏମ୍ ପଦକୁ ଥିବା ସସପେନ୍ସ ଉପରୁ ଚିତ୍ର ସ୍ପଷ୍ଟ ହେଉଛି । କର୍ଣ୍ଣାଟକ ସରକାରଙ୍କ ନେତୃତ୍ୱର ସମ୍ଭାବ୍ୟ ପରିବର୍ତ୍ତନ ନେଇ କଳ୍ପନାଜଳ୍ପନା ମଧ୍ୟରେ, ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ଅନୁଗତ ବିଧାୟକମାନେ କଂଗ୍ରେସ ଶୀର୍ଷ ନେତାଙ୍କୁ ଭେଟିବା ପାଇଁ ନୂଆଦିଲ୍ଲୀ ଯାଇଛନ୍ତି । ସେମାନେ ଆଜି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଓ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଭେଟିବେ । ସରକାରଙ୍କ ନେତୃତ୍ୱ ପରିବର୍ତ୍ତନ ଚର୍ଚ୍ଚାକୁ ନେଇ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଖାରଜ କରିବା ସହି ଏହାକୁ 'ଅଯଥା ବିତର୍କ' ବୋଲି କହିଛନ୍ତି । ''କ୍ଷମତା ସୁରକ୍ଷିତ''-ରାଜ୍ୟରେ ସିଦ୍ଧରମୈୟାଙ୍କ ନେତୃତ୍ୱାଧୀନ ସରକାର ଅଢ଼େଇ ବର୍ଷ ପୂରଣ କରିବା ପରେ ସିଦ୍ଧରମୈୟା ଏବଂ ଶିବକୁମାରଙ୍କ ମଧ୍ୟରେ 'ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ସୂତ୍ର' ଉପରେ ଆଧାରିତ ଏକ କଥିତ ଚୁକ୍ତିରୁ ସମ୍ପ୍ରତି କଳ୍ପନାଜଳ୍ପନା ପ୍ରକାଶ ପାଇଛି । ରିପୋର୍ଟ ଅନୁଯାୟୀ ସିଦ୍ଧରମୈୟା ଏବଂ ଶିବକୁମାର ଉଭୟ ଅଢ଼େଇ ବର୍ଷ ପାଇଁ ଶୀର୍ଷ ପଦବୀରେ ରହିବେ ବୋଲି 'ଚୁକ୍ତି' କରାଯାଇଥିଲା, କିନ୍ତୁ ଦଳ ଦ୍ୱାରା ଏପର୍ଯ୍ୟନ୍ତ ଏହା ନିଶ୍ଚିତ କରାଯାଇ ନାହିଁ । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା "ଏକ ଅନାବଶ୍ୟକ ବିତର୍କ" । ଅଢ଼େଇ ବର୍ଷ ପରେ ମନ୍ତ୍ରିମଣ୍ଡଳ ପୁନଃର୍ଗଠନ କରାଯାଇପାରିବ ବୋଲି କୁହାଯିବା ପରେ ହିଁ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ପ୍ରସଙ୍ଗ ସାମ୍ନାକୁ ଆସିଥିଲା । ଦଳୀୟ ନେତାମାନଙ୍କୁ ମନ୍ତ୍ରିମଣ୍ଡଳ ପୁନର୍ଗଠନ ସମ୍ପର୍କରେ ନିଷ୍ପତ୍ତି ନେବାକୁ ପଡ଼ିବ । ଚାମାରାଜନଗର ଗସ୍ତ ବେଳେ ସିଦ୍ଧରମୈୟା କହିଛନ୍ତି ତାଙ୍କ କ୍ଷମତା ସୁରକ୍ଷିତ ଏବଂ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିବା ପାଇଁ ପ୍ରୟାସ କରାଯାଉଛି । ମୋର କ୍ଷମତା ବର୍ତ୍ତମାନ ଏବଂ ଭବିଷ୍ୟତରେ ସୁରକ୍ଷିତ ।' କ'ଣ କହିଲେ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର- ରାଜ୍ୟରେ ମୁଖ୍ୟମନ୍ତ୍ରୀ ପଦବୀକୁ ନେଇ ଚାଲିଥିବା କଳ୍ପନାଜଳ୍ପନା ଉପରେ କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଛନ୍ତି, 'ସମସ୍ତ ୧୪୦ ବିଧାୟକ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ହେବାକୁ ଯୋଗ୍ୟ । ସେମାନେ ସବୁକିଛି ହୋଇପାରିବେ । ମୁଁ କୌଣସି ଗୋଷ୍ଠୀର ନେତା ନୁହେଁ, ମୁଁ ୧୪୦ ବିଧାୟକଙ୍କ ସଭାପତି, ସମସ୍ତ ୧୪୦ ବିଧାୟକ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ, ମୁଁ କାହାକୁ ଛାଡିବାକୁ କହିନାହିଁ, ଗୋଷ୍ଠୀବାଦ ମୋ ରକ୍ତରେ ନାହିଁ ।

ବିଜେପି ହାତକୁ ଗଲା ଗୃହ ବିଭାଗ, ଜେଡିୟୁ ହାତରେ ଅର୍ଥ

ପାଟନା, ୨୧/୧୧(ନ୍ୟୁ.ଏ): ବିହାରରେ ନୂତନ ସରକାରଙ୍କ ଶପଥ ଗ୍ରହଣ ପରେ, ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଂଟନ କରାଯାଇଛି । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ସମ୍ରାଟ ଚୌଧୁରୀଙ୍କ ମଧ୍ୟରେ ଅଧ ଘଂଟାର ବୈଠକ ପରେ, ବିହାର କ୍ୟାବିନେଟର ସମ୍ପୂର୍ଣ୍ଣ ବିଭାଗ ତାଲିକା ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା । ଏଥର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିଜ ପାଖରେ ଗୃହ ବିଭାଗ ନ ରଖି ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ପ୍ରଦାନ କରିଛନ୍ତି । ନିଜର ପୂର୍ବ ମୁଖ୍ୟମନ୍ତ୍ରୀତ୍ୱ କାଳରେ ନୀତୀଶ ସାଧାରଣତଃ ଗୃହ ବିଭାଗକୁ ନିଜ ପାଖରେ ରଖିଥିଲେ । ସେହିପରି ବିଜେନ୍ଦ୍ର ଯାଦବଙ୍କୁ ଅର୍ଥ ବିଭାଗର ଦାୟିତ୍ୱ ଦିଆଯାଇଛି । ଅର୍ଥାତ୍ ଜେଡିୟୁ ଅର୍ଥ ବିଭାଗକୁ ନିଜ ପାଖରେ ରଖିଥିବାବେଳେ ଗୃହ ବିଭାଗକୁ ବିଜେପିକୁ ପ୍ରଦାନ କରିଛି । ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କୁ ରାଜସ୍ୱ ଓ ଖଣି ବିଭାଗ ପ୍ରଦାନ କରାଯାଇଛି । ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଂଟନ ପରେ ଖୁବଶୀଘ୍ର ଏକ କ୍ୟାବିନେଟ ବୈଠକ ଡକାଯିବ । ନୂତନ ବିହାର କ୍ୟାବିନେଟରେ ବିଭାଗ ବଂଟନରେ ବରିଷ୍ଠ ମନ୍ତ୍ରୀମାନଙ୍କ ଅଭିଜ୍ଞତା ଏବଂ ଆଂଚଳିକ ଏବଂ ଜାତି ସନ୍ତୁଳନକୁ ବିଚାରକୁ ନିଆଯାଇଛି । ପୁରୁଣା ମୁହଁ ଦ୍ୱାରା ଅନେକ ମନ୍ତ୍ରଣାଳୟ ବଜାୟ ରଖାଯାଇଛି । ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନା ପୁଣି ଥରେ ବିହାରର ଉପମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିବେ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das